

ଯା ଦେବୀ ସର୍ବଭୂତେଷୁ............


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ବୁଧବାର ୦୯ ଫେବୃଆରୀ ୨୦୨୨ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ WEDNESDAY 09 FEBRUARY 2022
Vol.No. 33 ■ No. 38 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore(Odisha)/005/2022



ପ୍ରକାଶ ଅପେକ୍ଷାରେ....
ନୂଆବର୍ଷ ସଂଖ୍ୟା
ସାଗରିକା
ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ୍, ବାଲେଶ୍ୱର-୭୫୬୦୦୧


# ରାଜ୍ୟ ବିଜେପିକୁ ଅଡୁଆ କଲା ମୋଦୀଙ୍କ ପ୍ରଶଂସା !

ଭୁବନେଶ୍ୱର, ୦୮/୦୨ (ନି.ପ୍ର): ପଞ୍ଚାୟତ ନିର୍ବାଚନକୁ ମଝିରେ ଆଉ ୭ଦିନ । ୧୬ ତାରିଖରୁ ପଞ୍ଚାୟତ ନିର୍ବାଚନ ପାଇଁ ରାଜ୍ୟରେ ପଡିବ ଭୋଟ୍ । ନିର୍ବାଚନରେ ବିଜୟ ପାଇଁ ସମସ୍ତ ରାଜନୈତିକ ଦଳ ପ୍ରଚାରକୁ ଜୋରଦାର କରିଛନ୍ତି । ବିଶେଷ କରି ୨୦୧୭ ପରେ ରାଜ୍ୟରେ ବିଜେପି ଦ୍ୱିତୀୟ ଦଳ ଭାବେ ଉଭା ହେବା ପରେ ପରସ୍ପର ପରସ୍ପରକୁ ହରାଇବାକୁ ରଣନୀତି କରୁଛନ୍ତି । ଏମିତି ସମୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓ ଓଡିଶା ସରକାରଙ୍କୁ ପ୍ରଶଂସା କରିଛନ୍ତି । ଯାହାକି ରାଜ୍ୟ ବିଜେପି ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିବ ବୋଲି ଚର୍ଚ୍ଚା ହେଉଛି । ପଞ୍ଚାୟତ ଭୋଟ୍ ପଡିବାର ଠିକ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉକ୍ତି, ରାଜ୍ୟ ବିଜେପିକୁ ଅଡୁଆରେ ପକାଇଛି । ଯେତେବେଳେ ଦୁଇ ଦଳ ତୃଣମୂଳ ସ୍ତରରେ ସବୁଠାରୁ ବଡ ଲଢେଇ



ଲଢୁଛନ୍ତି, ଠିକ ସେତିକିବେଳେ ମୋଦିଙ୍କ ବୟାନ, ବିଜେପି ନେତାଙ୍କୁ ଚିନ୍ତା କରିବାକୁ ବାଧ କରୁଛି ଯେ, ଗାଁ ଗହଳିରେ ଏହାର ପ୍ରଭାବ କଣ ରହିବ । ଅବସର ଥିଲା ରାଷ୍ଟ୍ରପତିଙ୍କ ଅଭିଭାଷଣ ଉପରେ ଧନ୍ୟବାଦ ପ୍ରସ୍ତାବର । ପ୍ରଧାନମନ୍ତ୍ରୀ ନିଜ ଅନ୍ଦାଜରେ ଯେତେବେଳେ କଂଗ୍ରେସକୁ ସମାଲୋଚନାରେ ପୋତୁଥିଲେ, ଠିକ ସେତିକିବେଳେ ଖଣିଜ କ୍ଷେତ୍ରରେ ଆସିଥିବା ସୁଧାର କିଭଳି ଦେଶକୁ ବିକାଶ ପଥରେ ଆଗେଇ ନେଉଛି ଏବଂ ରାଜ୍ୟ ଗୁଡିକର ରାଜସ୍ୱ ବଢୁଛି, ସେନେଇ ଉଲ୍ଲେଖ କରିଥିଲେ । ବାସ୍ ଏହି ଉକ୍ତିର ଶେଷ ଆଡକୁ ଯେଉଁ କଥା ମୋଦି କହିଲେ, ସେଠି ଉଲ୍ଲେଖ ଥିଲା, ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି କାର୍ଯ୍ୟରେ କାନ୍ଧକୁ କାନ୍ଧ ମିଳାଇ ଠିଆ ହୋଇଥିଲେ । ୨୦୧୭ ପରଠାରୁ ବିଜେପି ଓ ବିଜେଡି ମଧ୍ୟରେ ସିଧା କ୍ଷମତାକୁ ନେଇ ଲଢେଇ ଚାଲିଛି । ୨୦୧୯ ସାଧାରଣ ନିର୍ବାଚନ, ଉପ-ନିର୍ବାଚନ, ୨୦୨୨ର ପଞ୍ଚାୟତ ନିର୍ବାଚନ । ସବୁଠି ଦୁଇ ଦଳ ମଧ୍ୟରେ ତିକ୍ତତା ଚରମ ସୀମାରେ । ହେଲେ ଚଳିତଥର ଏହାର ବ୍ୟତିକ୍ରମ ବେଶ ବାରି ହେଉଥିବା ବେଳେ, ମୋଦିଙ୍କ ବୟାନ ବିଜେପି କର୍ମୀଙ୍କୁ ଦ୍ୱନ୍ଦ୍ୱରେ ପକାଇପାରେ । ଉପା ସରକାର ସମୟରେ ଦିଲ୍ଲୀରୁ ନେତା ଆସନ୍ତି, ରାଜ୍ୟରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରଶଂସା କରି ଯାଆନ୍ତି । ଫଳରେ କଂଗ୍ରେସ ଏଠି ନବୀନଙ୍କୁ ଯେତେ ସମାଲୋଚନା କଲେ ମଧ ଭୋଟରଙ୍କ ଉପରେ ଏହାର ଫରକ ପଡେନି । ଠିକ ସମାନ ସ୍ଥିତି ଏବେ ରାଜ୍ୟ ବିଜେପି ସହ । ଯଦି ଦଳର ଶୀର୍ଷ ନେତା ଏଭଳି ନବୀନଙ୍କୁ ପ୍ରଶଂସା କରିଚାଲିବେ, ତେବେ ବିଜେପି ମଧ ଏଠି ମମିତା ମେହେର ଠାରୁ ଆରମ୍ଭ କରି ଆବାସ ଦୁର୍ନୀତି ଯାଏଁ ଯେତେ କଥା ଉଠାଇଲେ ବି ଫରକ୍ ପଡିନପାରେ ।

# ବିଜେଡିର ଉଷୁନା ଚାଉଳ ବନାମ ବିଜେପିର ମମିତା ମେହେର



ଭୁବନେଶ୍ୱର, ୦୮/୦୨ (ନି.ପ୍ର): ଗାଁ ଗାଁରେ ପ୍ରଚାର ଜମୁଥିବାବେଳେ ରାଜଧାନୀରେ ଦେଖିବାକୁ ମିଳିଥିଲା ବିଜେଡି ଓ ବିଜେପିର ଲଢ଼େଇ । ବିଜେଡି ଉଷୁନା ଚାଉଳ ଉଠାଇବା ପ୍ରସଙ୍ଗରେ ଏଫସିଆଇ ଆଗରେ ବିକ୍ଷୋଭ କରିଥିବାବେଳେ ମମିତା ମେହେର ହତ୍ୟାକାଣ୍ଡ ପ୍ରସଙ୍ଗ ଉଠାଇ ଗର୍ଜିଛି ବିଜେପି । ନବୀନ ନିବାସ ଘେରାଉ କରିବାକୁ ଯିବା ସମୟରେ ପୋଲିସ ଅଟକାଇବାରୁ ଧସ୍ତାଧସ୍ତି ହୋଇଥିଲେ ପୋଲିସ ଓ ବିଜେପି ନେତା । ବିଜେଡିର ଉଷୁନା ଚାଉଳ ବନାମ ବିଜେପିର ମମିତା ମେହେର । ଏଫସିଆଇ ଅଫିସ ସମ୍ମୁଖରେ ବିଜେଡିର ବିକ୍ଷୋଭ । ଏପଟେ ରାଜଭବନ ଛକରେ ବିଜେପିର ଗର୍ଜନ । ବିଜେପି ନେତା ଏବଂ ପୋଲିସ ଧସ୍ତାଧସ୍ତି । ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ ଥିବାବେଳେ ରାଜଧାନୀରେ ଦେଖିବାକୁ ମିଳିଛି ଏମିତି ଦୃଶ୍ୟ । ରାଜ୍ୟର ଦୁଇ ପ୍ରମୁଖ ରାଜନୈତିକ ଦଳ ବିଜେଡି ଓ ବିଜେପି ଦୁଇଟି ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇଛନ୍ତି । ଚାଷୀଙ୍କ ସହ ଯୋଡି ତୁରନ୍ତ ଉଷୁନା ଚାଉଳ ଉଠାଇବା ଦାବିରେ ଏଫସିଆଇ ଅଫିସ ସମ୍ମୁଖରେ ବିକ୍ଷୋଭ କରିଛି ବିଜେଡି । ଦାବି ପୂରଣ ନହେଲେ ପଲ୍ଲୀରୁ ଦିଲ୍ଲୀ ପର୍ଯ୍ୟନ୍ତ ବିକ୍ଷୋଭ ପ୍ରଦର୍ଶନ କରାଯିବ ବୋଲି ଦଳ ପକ୍ଷରୁ କୁହାଯାଇଛି । ବିଜେଡିର ତଥ୍ୟ ଅନୁସାରେ ୨୦୨୦-୨୧ ଖରିଫ ଋତୁରେ ଓଡ଼ିଶା ୫୨ ଲକ୍ଷ ମେଟ୍ରିକ୍ ଟନ୍ ଉଷୁନା ଚାଉଳ ଉତ୍ପାଦନ କରିଛି । ଏଥିରୁ ଏଫସିଆଇ ୨୨ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଉଠାଇବା କଥା । ସେଥିରୁ ୨ ଲକ୍ଷ ଟନ୍ ଅରୁଆ ▶▶ପୃଷ୍ଠା ୭

## ୫ ଜଣ ଅଧିକାରୀଙ୍କୁ ବାଧତାମୂଳକ ଅବସର

ଭୁବନେଶ୍ୱର, ୦୮/୦୨ (ନି.ପ୍ର): ୫ ଜଣ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ବାଧତାମୂଳକ ଅବସର ଦେଇଛନ୍ତି ରାଜ୍ୟ ସରକାର । ସେମାନଙ୍କ ମଧ୍ୟରେ ଜଣେ ଲେଖାଏଁ ଇଞ୍ଜିନିୟର, ସିଡିପିଓ, ଅଙ୍ଗନବାଡି ସୁପରଭାଇଜର, ପୋଲିସ ଇନ୍ସପେକ୍ଟର, ରେଭେନ୍ୟୁ ସୁପରଭାଇଜର ରହିଛନ୍ତି । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୪୬ ଜଣ ଅଧିକାରୀଙ୍କୁ ଚାକିରୀରୁ ବରଖାସ୍ତ ବା ବାଧତାମୂଳକ ଅବସର ଦିଆଯାଇଛି । ଏହି ୫ ଜଣଙ୍କ ମଧ୍ୟରୁ ମୟୂରଭଂଜ ଜିଲ୍ଲା ବାରିପଦା ଆଇ.ଟି.ଡି.ଏ ର ଆସିଷ୍ଟାଂଟ ଇଂଜିନିୟର ସନ୍ତୋଷ କୁମାର ଦାସଙ୍କ ବିରୋଧରେ ୨.୮୦ କୋଟି ଟଙ୍କାର ଆୟ ବହିର୍ଭୁତ ସମ୍ପତି ରହିଛି । ସେଥିପାଇଁ ତାଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଥିଲା । ଏହି ଆୟ ବହିର୍ଭୁତ ସମ୍ପତି ମଧ୍ୟରେ ୪୧.୭୭ ଲକ୍ଷ ଟଙ୍କା ତାଙ୍କ ଘରୁ ନଗଦ ଜବତ କରାଯାଇଥିଲା । ତାଙ୍କର ଭୁବନେଶ୍ୱର ବରଗଡରେ ଏକ ଦୁଇତାଲା ବିଶିଷ୍ଟ ଘର, ଶୈଳଶ୍ରୀ ବିହାରରେ ▶▶ପୃଷ୍ଠା ୭

# ସମାଜବାଦୀ ପାର୍ଟି ପାଇଁ ଅଖିଳେଶ ଯାଦବଙ୍କ ସହ ମିଶି ପ୍ରଚାର କଲେ ମମତା ବାନାର୍ଜୀ

ନୂଆଦିଲ୍ଲୀ, ୦୮/୦୨ : ୟୁପିରେ ଏକାଠି ହେଲେ ମୋଦୀ ବିରୋଧୀ । ଉତରପ୍ରଦେଶ ନିର୍ବାଚନ ଯେତିକି ପାଖେଇ ଆସୁଛି ସେତିକି ନିକଟତର ହେଉଛନ୍ତି ବିଜେପି ବିରୋଧୀ । ଉତର ପ୍ରଦେଶରେ ଯୋଗୀ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ଏକ ପ୍ରକାର ଲଢ଼େଇ ଆରମ୍ଭ କରିଛନ୍ତି ସମାଜବାଦୀ ପାଟି ମୁଖ୍ୟ ଅଖିଳେଶ ଯାଦବ । ଆଉ ଏବେ ତାଙ୍କୁ ମିଳିଯାଇଛି ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସମର୍ଥନ । କେନ୍ଦ୍ରରେ ମୋଦୀ ସରକାର ବିରୋଧୀ ଜନମତକୁ ୟୁପିରେ ପ୍ରଭାବିତ କରି ଅଖିଳେଶଙ୍କ ସପକ୍ଷରେ ଆଣିବାକୁ ପ୍ରୟାଶ ଆରମ୍ଭ କରିଛନ୍ତି ମମତା । ଆଜି ଲକ୍ଷ୍ନୌ ସମାଜବାଦୀ ପାଟି ପାଇଁ



ଅଖିଳେଶଙ୍କ ସହ ପ୍ରଚାର କରିଛନ୍ତି ମମିତା । କହିଛନ୍ତି ବିଜେପି କ୍ଷମତାକୁ ଆସିଲେ ପୁଣି ବୁଲେଇ ବଙ୍କେଇ କୃଷି ଆଇନ ଆଣିବ । ତେଣୁ ୟୁପିର ମହିଳା ଚାହିଁଲେ ବିଜେପି କ୍ଷମତାଚ୍ୟୁତ ହେବ । ଏବଂ ଅଖିଳେଶଙ୍କ ଶାସନରେ ୟୁପିର ବିକାଶ ସମ୍ଭବ ହେବ ।

## ରାଜ୍ୟରେ ଆଉ ୨୧ ଜଣ କରୋନା ସଂକ୍ରମିତଙ୍କ ମୃତ୍ୟୁ

ଭୁବନେଶ୍ୱର, ୦୮/୦୨ (ନି.ପ୍ର): ରାଜ୍ୟରେ କରୋନା ସଂକ୍ରମିତ ଆଉ ୨୧ ଜଣଙ୍କର ମୃତ୍ୟୁ ଘଟିଛି । ଏହା ସହ କରୋନା କାରଣରୁ ରାଜ୍ୟରେ ମୃତ୍ୟୁ ସଂଖ୍ୟା ୮୭୭୫ ହୋଇ ଯାଇଛି । ରାଜ୍ୟ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆ ଯାଇଛି । ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ଯାଜପୁର ଓ ମୟୁରଭଞ୍ଜ ଜିଲ୍ଲାରୁ ୩ଜଣ ଲେଖାଏଁ ରହିଥିବା ବେଳେ ବାଲେଶ୍ୱର, କଟକ, ସୁନ୍ଦରଗଡ଼ ଜିଲ୍ଲାରୁ ୨ଜଣ ଲେଖାଏଁ ରହିଛନ୍ତି । ସେହିପରି ଭଦ୍ରକ, ଢେଙ୍କାନାଳ, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, କେନ୍ଦୁଝର, ନୂଆପଡ଼ା, ପୁରୀ, କେନ୍ଦ୍ରାପଡ଼ା ଜିଲ୍ଲାରୁ ଜଣେ ଲେଖାଏଁ ରହିଛନ୍ତି ।

# ୧୪ରୁ ଖୋଲିବ କେଜିରୁ ସପ୍ତମ ଯାଏଁ ସ୍କୁଲ

ଭୁବନେଶ୍ୱର, ୦୮/୦୨ (ନି.ପ୍ର): ୧୪ରୁ କେଜିରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ଖୋଲିବାକୁ ସରକାର ନିଷ୍ପତି ନେଇଛନ୍ତି । ହେଲେ ପିଲାଙ୍କୁ ବିଦ୍ୟାଳୟକୁ ଛାଡିବେ କି ନାହିଁ, ଏହାକୁ ନେଇ ଦ୍ୱନ୍ଦ୍ୱରେ ଅଛନ୍ତି ଅଭିଭାବକ । ଏମିତି ସମୟରେ ପିଲାଙ୍କୁ ସତର୍କତାର ସହ ସ୍କୁଲ ଛାଡିବାକୁ ପରାମର୍ଶ ଦେଇଛନ୍ତି ଡାକ୍ତର । ଗତକାଲି ମୁଖ୍ୟମନ୍ତ୍ରୀ ମଧ ପିଲାଙ୍କୁ ସ୍କୁଲ ଛାଡିବାକୁ ଅଭିଭାବକଙ୍କୁ ପରାମର୍ଶ ଦେଇଥିଲେ । ସଂକ୍ରମଣ କମିବା ପରେ ଅଷ୍ଟମରୁ ଦଶମ ଶ୍ରେଣୀ ଅଫଲାଇନ ପାଠପଢ଼ା ଆରମ୍ଭ ହୋଇଛି । ୧୪ରୁ କେଜିରୁ ସପ୍ତମ



ଶ୍ରେଣୀ ପର୍ଯ୍ୟନ୍ତ କ୍ଲାସରୁମ୍ ପାଠପଢ଼ା ଆରମ୍ଭ ହେବ । ଦୀର୍ଘ ଦୁଇ ବର୍ଷ ପରେ ସ୍କୁଲ ଖୋଲିବାକୁ ଯାଉଥିବାରୁ ପିଲାଙ୍କ ଭିତରେ ଉତ୍ସାହ ବି ରହିଛି । ହେଲେ ଏବେ ପିଲାଙ୍କୁ ସ୍କୁଲକୁ ପଠାଇବେ କି ନାହିଁ ଏନେଇ ଅନେକ ଅଭିଭାବକ ଦ୍ୱନ୍ଦ୍ୱରେ ଅଛନ୍ତି । ତେବେ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତ ହେଉଛି, ସଂକ୍ରମଣ ▶▶ପୃଷ୍ଠା ୭

# ୧୨ରୁ ଭୁବନେଶ୍ୱରରେ ଖୋଲିବ ଧର୍ମାନୁଷ୍ଠାନ

ଭୁବନେଶ୍ୱର, ୦୮/୦୨ (ନି.ପ୍ର): ଆସନ୍ତା ୧୨ ତାରିଖରୁ ଭୁବନେଶ୍ୱରରେ ଖୋଲିବ ସମସ୍ତ ଧର୍ମାନୁଷ୍ଠାନ । ଏନେଇ ବିଏମସି ପକ୍ଷରୁ ନିର୍ଦ୍ଦେଶନାମା ଜାରି ହୋଇଛି । ତେବେ କେବଳ ଡବଲ ଡୋଜ୍ ଭ୍ୟାକ୍ସିନ ନେଇଥିବା ଭକ୍ତଙ୍କୁ ମନ୍ଦିରକୁ ପ୍ରବେଶ ପାଇଁ ଅନୁମତି ମିଳିବ । ଟିକା ପ୍ରମାଣପତ୍ର କିମ୍ବା ଆଧାର ଓ ଭୋଟର ଆଇଡି କାର୍ଡ ଦେଖାଇ ଶ୍ରଦ୍ଧାଳୁମାନେ ମନ୍ଦିରକୁ ପ୍ରବେଶ କରିପାରିବେ । ମନ୍ଦିରର ଗର୍ଭଗୃହକୁ ପ୍ରବେଶ ପାଇଁ ବାରଣ କରାଯାଇଥିବା ବେଳେ ଭୋଗ ମଧ ଲଗାଇପାରିବେ ନାହିଁ । ପରିଚୟ ପତ୍ର ଦେଖାଇ ୧୫ ବର୍ଷରୁ କମ୍ ବୟସର ଶିଶୁ ମନ୍ଦିରକୁ ପ୍ରବେଶ କରିପାରିବେ । ସେହିପରି ଗୋଟିଏ ଥରରେ ଲିଙ୍ଗରାଜ ମନ୍ଦିରକୁ ଶହେ ଭକ୍ତଙ୍କ ପ୍ରବେଶ ପାଇଁ ଅନୁମତି ଦିଆଯାଇଛି । ୨ଟି ଡୋଜ୍ ଭ୍ୟାକ୍ସିନ ନେଇଥିବା ମନ୍ଦିର ପୂଜକ ଓ ସେବାୟତ ହିଁ ମନ୍ଦିରରେ ରହିବେ । ଧର୍ମାନୁଷ୍ଠାନରେ ପ୍ରବେଶ ସମୟରେ ସମସ୍ତ ଭକ୍ତ ମୁହଁରେ ମାସ୍କ ଲଗାଇବା ସହ ସାମାଜିକ ଦୂରତା ଅବଲମ୍ବନ ▶▶ପୃଷ୍ଠା ୭

# ପରଲୋକରେ ମହାଭାରତର ଭୀମ ପ୍ରବୀଣ କୁମାର

ନୂଆଦିଲ୍ଲୀ, ୦୮/୦୨ : ବି. ଆର ଚୋପ୍ରାଙ୍କ ଲୋକପ୍ରିୟ ପୌରାଣିକ ଶୋ' 'ମହାଭାରତ' ରେ ଭୀମ ଭୂମିକାରେ ଅବତୀର୍ଣ୍ଣ ହୋଇଥିବା ପ୍ରବୀଣ କୁମାର ସୋବିତଙ୍କର ପରଲୋକ ହୋଇଛି । ୭୪ ବର୍ଷ ବୟସରେ ପ୍ରବୀଣ ଶେଷ ନିଃଶ୍ୱାସ ତ୍ୟାଗ କରିଛନ୍ତି । ସୂଚନା ମୁତାବକ, ସେ ଦୀର୍ଘ ଦିନ ଧରି ଅସୁସ୍ଥ ରହିଥିଲେ । ଏହାସହ ଆର୍ଥିକ ଦୂରାବସ୍ଥା ମାନସିକ ଦୁଶ୍ଚିନ୍ତାରେ



ରହୁଥିଲେ । ମହାଭାରତରେ ଭୀମ ରୋଲ୍ ? ପାଇଁ ଘରେ ଘରେ ପରିଚିତ ଥିବା ପ୍ରବୀଣ ଅଭିନୟରେ ପାଦ ଦେବା ପୂର୍ବରୁ ଜଣେ ଆଗଧାଡ଼ିର ଆଟଲେଟ ମଧ ଥିଲେ । ପଞ୍ଜାବରେ ଜନ୍ମ ଗ୍ରହଣ କରିଥିବା ପରବୀନ ୧୯୬୦ରୁ ୭୦ ମଧ୍ୟରେ ସେ ଜଣେ ଆଗଧାଡ଼ିର ଆଟଲେଟ ଥିବା ବେଳେ ଏସିଆମ ଗେମ୍ସରେ ୪ଟି ମେଡାଲ ଜିତିଥିଲେ । ସେଥି ମଧ୍ୟରୁ ୨ଟି ସ୍ୱର୍ଣ୍ଣ , ଗୋଟିଏ ବ୍ରୋଞ୍ଜ ଓ ଅନ୍ୟ ଏକ ସିଲିଭର ମେଡାଲ ଥିଲା । ଏଥିନିମନ୍ତେ ଅର୍ଜୁନ ପୁରସ୍କାରରେ ମଧ ତାଙ୍କୁ ସମ୍ମାନିତ କରାଯାଇଥିଲା । ▶▶ପୃଷ୍ଠା ୭

# ଯଦି କଂଗ୍ରେସ ନଥାନ୍ତା, ତେବେ କଣ ହୋଇଥାନ୍ତା : ମୋଦୀ

ନୂଆଦିଲ୍ଲୀ, ୦୮/୦୨ : ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ରାଜ୍ୟସଭାରେ ରାଷ୍ଟ୍ରପତିଙ୍କ ଅଭିଭାଷଣକୁ ନେଇ ଆସିଥିବା ଧନ୍ୟବାଦ ପ୍ରସ୍ତାବ ଉପରେ ଉତ୍ତର ରଖିଛନ୍ତି । ଏହି ସମୟରେ କରୋନା ଭଳି ସଙ୍କଟଜନକ ସ୍ଥିତିରେ କିଭଳି ବିଭିନ୍ନ କ୍ଷେତ୍ରରେ ସରକାର କାର୍ଯ୍ୟ କରିଛନ୍ତି ତାହା କହିଛନ୍ତି । ଏହାସହ ରୋଜଗାର ଠାରୁ ଆରମ୍ଭ କରି ମହଙ୍ଗା ଉପରେ ନିଜର ବୟାନ ରଖିଛନ୍ତି । ଏତିକି ନୁହେଁ କଂଗ୍ରେସ ଉପରେ ବର୍ଷିଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ । ସଂସଦରେ ମୋଦୀ କହିଛନ୍ତି ଯଦି ଦେଶରେ କଂଗ୍ରେସ ନଥାନ୍ତା ତେବେ କଣ ହୋଇଥାନ୍ତା । ମୋଦୀ କହିଛନ୍ତି କଂଗ୍ରେସ ନଥିଲେ ଲୋକତନ୍ତ୍ର




ପରିବାରବାଦରୁ ମୁକ୍ତ ହୋଇଥାନ୍ତା, କଂଗ୍ରେସ ନଥିଲେ ଭାରତ ବିଦେଶୀଙ୍କ ଦ୍ୱାରା ଦେଖାଯାଇଥିବା ବାଟରେ ନୁହେଁ ବରଂ ସ୍ୱଦେଶୀ ସଂକଳ୍ପ ନେଇ ଆଗକୁ ବଢିଥାନ୍ତା । ଯଦି କଂଗ୍ରେସ ନଥାନ୍ତା ତେବେ ଦେଶ ଉପରେ ଇମରଜେନ୍ସିଂର କଳଙ୍କ ଲାଗିନଥାନ୍ତା, ଦଶକ ଦଶକ ଧରି ବିଭିନ୍ନ ସଂସ୍ଥା ଦୁର୍ନୀତିର ଗନ୍ତାଘର ପାଲଟିନଥାନ୍ତା । ଯଦି କଂଗ୍ରେସ ନଥାନ୍ତା ତେବେ ଜାତିବାଦ ଓ ଆଞ୍ଚଳିକବାଦ ଏତେ ତଳକୁ ଯାଇନଥାନ୍ତା, ଯଦି କଂଗ୍ରେସ ନଥାନ୍ତା ତେବେ ଶିଖ୍ ମାନଙ୍କର ନରସଂହାର ହୋଇନଥାନ୍ତା, ବର୍ଷ ବର୍ଷ ଧରି ପଞ୍ଜାବ ଆତଙ୍କର ନିଆଁରେ ଜଳିନଥାନ୍ତା । ଯଦି କଂଗ୍ରେସ ନଥାନ୍ତା ତେବେ କାଶ୍ମୀର ପଣ୍ଡିତଙ୍କୁ କାଶ୍ମୀର ଛାଡିବାକୁ ପଡିନଥାନ୍ତା, ଦେଶର ସାଧାରଣ ଲୋକଙ୍କୁ ମୌଳିକ ସୁବିଧା ପାଇଁ ଏତେ ଦିନ ଅପେକ୍ଷା କରିବାକୁ ପଡିନଥାନ୍ତା । ଏହାସହ ମୋଦୀ କହିଛନ୍ତି, ଆମେ ଦରବୃଦ୍ଧିକୁ ନିୟନ୍ତ୍ରଣରେ ରଖିବାକୁ ଅନେକ ପ୍ରୟାସ କରିଛୁ । ଆମେରିକା ଗତ ୪୦ ବର୍ଷ ଭିତରେ ଏବେ ସର୍ବାଧିକ ଦରବୃଦ୍ଧିର ଶିକାର ହୋଇଛି । ବ୍ରିଟେନରେ ଦରବୃଦ୍ଧିରେ ୩୦ ବର୍ଷର ରେକର୍ଡ ଭାଙ୍ଗିଛି । ୟୁପିଏ ସରକାର ସହ ତୁଳନା କଲେ ଜାଣିପାରିବେ ଯେ ଦରବୃଦ୍ଧି କଣ ? କିଛି ଲୋକ ଭାବୁଛନ୍ତି ଭାରତ ୧୯୪୭ ପରେ ଜନ୍ମ ନେଇଛି । ଆଉ ଏଭଳି ଭାବନା ହିଁ ସମସ୍ୟା ସୃଷ୍ଟି କରୁଛି । ଯେଉଁମାନଙ୍କୁ ୫୦ ବର୍ଷରୁ ଅଧିକ ସମୟ ଧରି କାମ କରିବାକୁ ସୁଯୋଗ ମିଳିଥିଲା ସେମାନେ ▶▶ପୃଷ୍ଠା ୭


## ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର

### ରାଜାବଗିଚା ବାଲେଶ୍ୱର

(ଓଡ଼ିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ନାମଲେଖା ବିଜ୍ଞପ୍ତି)

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ଆମ୍ଭ ବିଦ୍ୟାଳୟର ଚଳିତ ଶିକ୍ଷାବର୍ଷ ୨୦୨୨-୨୩ ନାମଲେଖା ପାଇଁ ଆସନ୍ତା ତା ୧୦/୨/୨୨ ରିଖରୁ ତା ୩୧/୩/୨୨ ରିଖ ପର୍ଯ୍ୟନ୍ତ ଦିବା ୯ଟାରୁ ୧ଟା ପର୍ଯ୍ୟନ୍ତ ନାମଲେଖା ଫର୍ମ ୫୦ଟଙ୍କା (ପଚାଶ ଟଙ୍କା) ବିନିମୟରେ ପ୍ରାପ୍ତ ହୋଇପାରିବେ । ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ । ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ । ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ ।

ଅଧ୍ୟକ୍ଷ
ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର
ରାଜାବଗିଚା, ବାଲେଶ୍ୱର

# ବରଣ୍ଟୁଆ ପଂଚାୟତରେ ନିର୍ବାଚନ ପ୍ରଚାର କଲେ ନଗେନ୍ଦ୍ର ଓ ପ୍ରିୟଙ୍କା

ବାସୁଦେବପୁର,୯/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ବରଣ୍ଟୁଆ ଗ୍ରାମ ପଞ୍ଚାୟତ ରେ ତ୍ରିସ୍ତରୀୟ ନିର୍ବାଚନ ପାଇଁ ବିଜୁ ଜନତା ଦଳ ସମର୍ଥିତ ସମିତି ସଭ୍ୟ ପ୍ରାର୍ଥୀ ନଗେନ୍ଦ୍ର ବିଶ୍ୱାଳ କେଟିଲି ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ପଂଚାୟତରେ ଅତୀତ ରେ ରାସ୍ତା ଘାଟର ସୁବିଧା,ବେତଡା ବଜାରରେ ମାର୍କେଟ କମ୍ପ୍ଲେକ୍ସ, ପ୍ରଧାନ ମନ୍ତ୍ରୀ ଆବାସ ,ପାନୀୟ ଜଳ, ସ୍ୱାସ୍ଥ୍ୟ ସୁବିଧା ପ୍ରଭୃତି ଅନେକ ଜନ ହିତକର କାର୍ଯ୍ୟ ଲୋକଙ୍କ ପାଇଁ କରାଯାଇଛି । ଆମର ପ୍ରିୟ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଜନକଲ୍ୟାଣ ଯୋଜନା ଓ ବାସୁଦେବପୁର ବିଧାୟକ ବିଷ୍ଣୁବ୍ରତ ରାଉତରାୟ ଙ୍କ ସହଯୋଗ କୁ ଆମେ ଠିକ ଭାବେ ଲୋକଙ୍କ ପାଖରେ ପହଞ୍ଚେଇଛୁ । ଆଉ ଯାହା ଅଧୁରା କାର୍ଯ୍ୟ ବରଣ୍ଟୁଆ ପଂଚାୟତରେ ରହିଛି ତାହା ଆମେ ବିଜୟ ଲାଭ କଲେ ନିଶ୍ଚିତ ପୁରଣ କରିବୁ ବୋଲି ଶ୍ରୀ ନଗେନ୍ଦ୍ର ବିଶ୍ୱାଳ ଗଣମାଧ୍ୟମ ସାମ୍ନାରେ ତାଙ୍କର ମତ ପ୍ରକାଶ କରିଥିଲେ । ଏଥି ସହିତ ରାଜନୀତି ରେ ନୂଆ କରି ପାଦ ଥାପିଥିବା ସରପଂଚ ପ୍ରାର୍ଥୀନୀ ପ୍ରିୟଙ୍କା ପ୍ରିୟଦର୍ଶିନୀ ଜେନା ମାଛ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ବିରୋଧୀ ଦଳ ଙ୍କ ଠାରୁ ଆମେ ଶକ୍ତିଶାଳୀ ଅଛୁ ଓ ଭୋଟର ଭାଇ ଭଉଣୀ ଙ୍କ ଆଶୀର୍ବାଦ ଆମ ଉପରେ ଅଛି , ନିଶ୍ଚିତ ଏ ନିର୍ବାଚନ ବୈତରଣୀ ପାର ହୋଇ ବିପୁଳ ପରିମାଣରେ ଆମେ ବିଜୟ ଲାଭ କରିବୁ ବୋଲି ପ୍ରାର୍ଥୀ ମାନେ ଦୃଢ଼ ମତ ବାଢିଥିଲେ । ୧୭ ନମ୍ବର ଜୋନର ଜିଲ୍ଲା ପରିଷଦ ପ୍ରାର୍ଥୀ ଜୟନ୍ତୀ ବାରିକ



ମଧ୍ୟ ଶଙ୍ଖ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ସେହି ସମ୍ପର୍କ ନୂଆ ପରିଭାଷା, ସେହି ବିଶ୍ୱାସ ସେହି ଭରସା କୁ ନେଇ ପ୍ରାର୍ଥୀ ମାନେ ଆଗେଇ ଚାଲିଛନ୍ତି । ଏହି ପ୍ରଚାର ରେ ବରିଷ୍ଠ ନେତା ସୁରେନ୍ଦ୍ର ପ୍ରସାଦ ପାତ୍ର, ସରପଂଚ ବସନ୍ତ ମଞ୍ଜରୀ ବିଶ୍ୱାଳ, ସୌଭାଗ୍ୟ ବିଶ୍ୱାଳ, ସନ୍ତୋଷ ମହାନ୍ତି,ସୂର୍ଯ୍ୟକାନ୍ତ ସେଠୀ, ଶ୍ରୀକାନ୍ତ ପଣ୍ଡା ଓରଫ ଘୁଣ୍ଟ, ଟିକି ପୋଇ, ଶରତ ଜେନା,ମନୋଜ ସାହୁ, ବନମାଳୀ ସାହୁ,ପିଣ୍ଟି ବିଶ୍ୱାଳ, ଶରତ ବେହେରା, କୁନା ସାହୁ ପ୍ରମୁଖ ଯୋଗ ଦେଇଥିଲେ ।

# ଅଞ୍ଚଳର ବିକାଶ ପାଇଁ ଜିଲ୍ଲା ପରିଷଦରେ ପରିବର୍ତ୍ତନ ଆଣନ୍ତୁ : ନରସିଂହ

ବଲାଙ୍ଗୀର ,୯/୨ (ନି.ପ୍ର): ନିର୍ବାଚନ ପରେ ନିର୍ବାଚନ ଯାଉଛି । ଗ୍ରାମାଞ୍ଚଳ କୁ ଆହୁରି ମଜବୁତ କରିବା ପ୍ରତିଶୃତି ଦେଇ ନିର୍ବାଚନ ଜିତିଲା ପରେ ଦଳ ଓ ନେତାମାନେ ଗାଁ ମଫସଲ ର ମୁହଁ ଦେଖୁ ନାହାନ୍ତି । ଫଳରେ ଗ୍ରାମଞ୍ଚଳବାସୀଙ୍କ ଜୀବନ ଶୈଳୀ ରେ କୌଣସି ପରିବର୍ତନ ଆସୁନାହିଁ କ୍ଷ ଏପରିକି ଲୋକେ ତାଙ୍କର ସର୍ବନିମ୍ନ ଆବଶ୍ୟକତା ପାଇଁ ମଧ୍ୟ ରାଜରାସ୍ତା କୁ ଓଲହେଇ ଆନ୍ଦୋଳନ କରିବାକୁ ପଡୁଛି । ତେଣୁ ଯଦି ଆପଣ ମାନେ ଅଂଚଳ ର ବିକାଶ ଚାହୁଁଛନ୍ତି ତେବେ ଏଇ ଜିଲ୍ଲା ପରିଷଦ ନିର୍ବାଚନ ରେ ରାଜନୈତିକ ପରିବର୍ତନ ଆଣିବା ପାଇଁ ହାତ ଚ଼ିହ୍ନ ରେ ଭୋଟ ଦିଅନ୍ତୁ ବୋଲି ଆଜି ପୁଇଁତଳା ବ୍ଲକ ୧୯ ଓ ୧୮ ନମ୍ବର ଜୋନ ପ୍ରାର୍ଥୀନୀ ଉମାକାନ୍ତି ମହାନନ୍ଦ ଓ ବିରୋଧ ତାଣ୍ଡି ଙ୍କ ପାଇଁ ନିର୍ବାଚନ ପ୍ରଚାର ବେଳେ ବିଭିନ୍ନ ନିର୍ବାଚନୀ ସଭା ମାନଙ୍କ ରେ ଗାଁ ଲୋକଙ୍କୁ ସଚେତନ କରିଛନ୍ତି । ଶ୍ରୀ ମିଶ୍ର ଆହୁରି କହିଛନ୍ତି ଯେ, ଆମ ରାଜ୍ୟର ପଶ୍ଚିମାଞ୍ଚଳରେ ଗ୍ରାମଞ୍ଚଳମାନଙ୍କ ଅବସ୍ଥା ଆହୁରି ସଙ୍ଗିନ ରହିଛି । ରାଜ୍ୟରେ ଯାହା କିଛି ଉନ୍ନତି ହେଉଛି ତାହା ବି ପୂର୍ବାଞ୍ଚଳ ରେ ସୀମିତ ରହିଛି । କଂଗ୍ରେସ ଦଳ ୫୦ ଦଶକ ରୁ ଆରମ୍ଭ କରିଥିବା ଗ୍ରାମ୍ୟ ସଶକ୍ତିକରଣ ବିଗତ ୨୦ ବର୍ଷରେ ବାଟବଣା ହୋଇଛି । ଗ୍ରାମଞ୍ଚଳକୁ ସୁଦୃଢ଼ କରିବା ପାଇଁ ଯେତେ ସବୁକଲ୍ୟାଣକାରୀ ଯୋଜନା କଂଗ୍ରେସ ଅମଳ ରେ ହୋଇଛି । କିନ୍ତୁ ଲୋକେ ଏହାକୁ ହୃଦୟଙ୍ଗମ ନକରି ବିଗତ ଦୁଇ ଦଶନ୍ଧିରେ କ୍ରମାଗତ ଭାବେ ବିଜେଡି ଓ ବିଜେପି ଦଳକୁ ଭୋଟ ଦେଇଛନ୍ତି। ଫଳରେ ବିଜେପି ଓ ବିଜେଡି ରାଜ୍ୟରେ ମନ ଇଛା ଶାସନ କରୁଛନ୍ତି । ବିଜୟୀ ହେବ ପରେ ଛାତ୍ର ଯୁବକ କୃଷକ ଶ୍ରମିକ ପଛୁଆଁବର୍ଗ ଓ ଆସବାସୀଙ୍କ ସ୍ୱାର୍ଥ ବିରୋଧୀ କାମ କରୁଛନ୍ତି । ତେଣୁ ଏଥର ଜିଲ୍ଲାପରିଷଦ ନିର୍ବାଚନ ରେ ଏହି ଦଳ ମାନଙ୍କୁ ପ୍ରତ୍ୟାଖ୍ୟାନ କରି ଅଂଚଳର ବିକାଶ ପାଇଁ କଂଗ୍ରେସ ପ୍ରାର୍ଥୀଙ୍କୁ ହାତ ଚିହ୍ନରେ ଭୋଟ ଦେଇ ଜୟଯୁକ୍ତ କରନ୍ତୁ ବୋଲି ଆହ୍ୱାନ କରିଛନ୍ତି । ଆଜିର ଏହି କାର୍ଯ୍ୟକ୍ରମ ରେ ବ୍ଲକ ସଭାପତି ଉମା ଶଙ୍କର ସାହୁ, ଦଳିତ ନେତା ଓମ କୁମ୍ଭାର, ଜିଲ୍ଲା କିଷାନ ସେଲ ସଭାପତି ସାନନ୍ଦ ମିଶ୍ର, କଂଗ୍ରେସ ଜିଲ୍ଲା ସମ୍ପାଦକ ସୁଶାନ୍ତ ଷଡ଼ଙ୍ଗୀ, ଶ୍ରୀନିବାସ ନାଏକ, ଜ୍ୟୋତିଷ ମୁଗ୍ରୀ, ଲଳିତ ପଟେଲ ପ୍ରମୁଖ ଉପସ୍ଥିତ ଥିଲେ ।

# ଭାରାରୁ ଖସିପଡ଼ି ୨ ଶ୍ରମିକ ଗୁରୁତର

କେନ୍ଦ୍ରାପଡ଼ା,୯/୨ (ନି.ପ୍ର): କେନ୍ଦ୍ରାପଡା ପୌରାଂଚଳର ତିନିମୁହାଣୀ ଠାରେ ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ଭାରାରୁ ଖସି ପଡି ୨ ଶ୍ରମିକ ଗୁରୁତର ହୋଇ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳୟରେ ଭର୍ତି ହୋଇଥିବା ଜଣାପଡିଛି । ଘଟଣା ମୁତାବକ କେନ୍ଦ୍ରାପଡା ଲ' କଲେଜ ଛକରେ ଏକ କୋଠାଘର ନିର୍ମାଣ କାର୍ଯ୍ୟରେ ନିଯୁକ୍ତ ଥିବା ଏହି ଶ୍ରମିକ ମାନେ ବାଉଁଶ ଭାରା ବାନ୍ଧି ନିର୍ମାଣ କାର୍ଯ୍ୟ କରୁଥିଲେ । ହଠାତ୍ ବାଉଁଶ ଭାରା ଭାଙ୍ଗି ଯିବାରୁ ତା ଉପରେ ଥିବା ୩ଜଣ ଶ୍ରମିକ ତଳକୁ ଖସି ପଡିବା ପରେ ଜଣେ ଶ୍ରମିକ ବାଉଁଶକୁ ଧରି ଝୁଲି ରହି ଯାଇଥିଲା । ଅନ୍ୟ ୨ଜଣ ଶ୍ରମିକ ତଳେ ପଡି ଗୁରୁତର ଆହତ ହୋଇଛନ୍ତି । ଏହି ନିର୍ମାଣ କାର୍ଯ୍ୟ କରାଉଥିବା ଜଣେ ଠିକାଦାରଙ୍କ ଅଧିନରେ ପଶ୍ଚିମବଙ୍ଗ ମୁରସିଦାବାଦ ଜିଲ୍ଲାର ଯାଦବନଗର ଅଂଚଳର ୧୩ଜଣ ଶ୍ରମିକ କାମ କରିବାକୁ ଆସିଥିଲେ । ନିର୍ମାଣକାର୍ଯ୍ୟ ରେ ନିଯୁକ୍ତ ଥିବା ଏମାନଙ୍କୁ ଠିକାଦାରୀ ସଂସ୍ଥା ପକ୍ଷରୁ କୌଣସି ସୁରକ୍ଷା ବ୍ୟବସ୍ଥା ଦିଆଯାଇ ନଥିବା ଅଭିଯୋଗ ହୋଇଛି । ଆହତ ୨ଜଣ ହେଲେ ସେକ ସକିମ ଓ ସେକ ଆଇପଲ ଉଭୟଙ୍କୁ କେନ୍ଦ୍ରାପଡା ବଡ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି ।

# ଆରୁହା ପଂଚାୟତରେ ନିର୍ବାଚନ ପ୍ରଚାର ସରଗରମ







ବାସୁଦେବପୁର,୯/୨ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ ଆରୁହା ପଂଚାୟତରେ ଚଳିତ ବର୍ଷ ତ୍ରିସ୍ତରୀୟ ନିର୍ବାଚନ ପାଇଁ ନିର୍ବାଚନ ପ୍ରଚାର ସରଗରମ ହୋଇଉଠିଛି । ଆରୁହା ପଂଚାୟତରେ ସ୍ୱାଧୀନ ଭାବେ ସରପଂଚ ପ୍ରାର୍ଥୀ ପ୍ରଦୀପ୍ତ ମହାପାତ୍ର ସୂର୍ଯ୍ୟ ଚିହ୍ନ ରେ ଓ ସମିତି ସଭ୍ୟ ପ୍ରାର୍ଥୀ ସୁରେନ୍ଦ୍ର ପ୍ରସାଦ ବେଜ ତାଲା ଚାବି ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ସେହିପରି ବିଜେଡି ସମର୍ଥିତ ସରପଂଚ ପ୍ରାର୍ଥୀ ରାଜେନ୍ଦ୍ର କୁମାର ସାହୁ ଖୋଲା ଛତା ଚିହ୍ନ ରେ ଓ ସମିତି ସଭ୍ୟ ପ୍ରାର୍ଥୀ କମଳାକାନ୍ତ ବେହେରା ଷ୍ଟଲ ଚିହ୍ନ ରେ ନିର୍ବାଚନ ପ୍ରଚାର କରୁଛନ୍ତି । ସେହିପରି ବିଜେପି ସମର୍ଥିତ ସରପଂଚ ପ୍ରାର୍ଥୀ ପ୍ରତାପ କୁମାର ସେନାପତି ମାଛ ଚିହ୍ନ ରେ ଓ ସମିତି ସଭ୍ୟ ପ୍ରାର୍ଥୀ ଅମରେନ୍ଦ୍ର ନାୟକ କେଟିଲି ଚିହ୍ନ ରେ ଗାଁ କୁ ଗାଁ ବୁଲି ନିର୍ବାଚନ ପ୍ରଚାର କରୁଛନ୍ତି । ସେହିପରି କଂଗ୍ରେସ ସମର୍ଥିତ ସରପଂଚ ପ୍ରାର୍ଥୀ ବିଭୁତି ଭୂଷଣ ପଣ୍ଡା ଓ ସମିତି ସଭ୍ୟ ପ୍ରାର୍ଥୀ ପଦ୍ମଲୋଚନ ମହାରଣା ନିର୍ବାଚନ ପ୍ରଚାର କରୁଛନ୍ତି । ପଂଚାୟତରେ ରେ ଥିବା ବିଭିନ୍ନ ସମସ୍ୟାକୁ ଆଗାମୀ ଦିନରେ ପ୍ରାର୍ଥୀ ମନେ ବିଜୟ ଲାଭ କଲେ ପୁରଣ କରିବେ ବୋଲି ଭୋଟର ଭାଇ ଭଉଣୀଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି । ଖୁବ ଜୋରଦାର ନିର୍ବାଚନ ପ୍ରଚାର ଆରୁହା ପଂଚାୟତରେ ସରଗରମ ହେଉଛି । ବିଶ୍ୱାସ,ଭରସା ଓ ସମ୍ପର୍କ କୁ ନେଇ ପ୍ରାର୍ଥୀ ମାନେ ରାଜନୀତି ର ମଇଦାନରେ ରାଜନୈତିକ ଖେଳ ଖେଳିବା ରେ ବ୍ୟସ୍ତ ଥିବାବେଳେ ଭୋଟର ମାନେ ଉପଯୁକ୍ତ ପ୍ରାର୍ଥୀ ଦେଖି ଭୋଟ ଦେବେ ବୋଲି ସ୍ଥିର କରିଛନ୍ତି । ସବୁବେଳେ ଭୋଟର ମାନେ ହେଉଛନ୍ତି ଜନମତ ର ଭାଗ୍ୟ ବିଧାତା । ତେବେ ଆଗାମୀ ଦିନରେ ଏହି ନିର୍ବାଚନ ରେ କିଏ ଜିତିବ ତାହା ସମୟ ହିଁ ନିର୍ଦ୍ଧାରଣ କରିବ ।

# ଚକାପାଦରେ ମମତାଙ୍କ ଲାଗି ପ୍ରଚାର କଲେ ସାଂସଦ ଅଚ୍ୟୁତ ସାମନ୍ତ

କନ୍ଧମାଳ ,୯/୨ (ନି.ପ୍ର): ତ୍ରିସ୍ତରୀୟ ପଂଚାୟତ ନିର୍ବାଚନ ପରିପ୍ରେକ୍ଷୀରେ କନ୍ଧମାଳ ସାଂସଦ ଅଚ୍ୟୁତ ସାମନ୍ତ ଆଜି କନ୍ଧମାଳ ଜିଲ୍ଲା ଚକାପାଦ ବ୍ଲକରେ ବିଜେଡ଼ି କର୍ମୀ ସମ୍ମିଳନୀରେ ଯୋଗଦେଇଥିଲେ । ଏଥିରେ ବ୍ଲକ୍ ର ୬ ନମ୍ବର ଜୋନ୍ ଜିଲ୍ଲା ପରିଷଦ ବିଜେଡ଼ି ପ୍ରାର୍ଥିନୀ ମମତାରାଣୀ ବେହେରାଙ୍କ ସପକ୍ଷରେ କର୍ମୀମାନଙ୍କୁ ଘରକୁ ଘର ବୁଲି ପ୍ରଚାର କରିବା ନିମନ୍ତେ ପରାମର୍ଶ ଦେଇଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ରାଜ୍ୟ ସରକାର ବହୁମୁଖୀ ଯୋଜନାର ସୁଫଳ କିପରି ଲୋକଙ୍କ ନିକଟରେ ପହଞ୍ଚି ପାରିଛି ସେ ସମ୍ପର୍କରେ ଜନସାଧାରଣଙ୍କୁ ବୁଝାଇବା ସହ ବିଜେଡ଼ି ପ୍ରାର୍ଥିନୀ ମମତାରାଣୀଙ୍କ ବିଜୟ ସୁନିଶ୍ଚିତ କରିବାକୁ ସେ ଆହ୍ୱାନ ଦେଇଥିଲେ । ପରେ କାଇଁଝର ଗ୍ରାମ ପଞ୍ଚାୟତର ବଦ୍‌ଗୁଡ଼ା, କୁମ୍ଭାର ସାହି, ପିପୁଡ଼େଇଠାରେ ବିଜେଡ଼ି କୋର ସଦସ୍ୟଙ୍କ ସହ ନିର୍ବାଚନ ପରିଚାଳନା ନେଇ ଆଲୋଚନା କରିଥିଲେ । ସେହିପରି ବାଡ଼ିମୁଣ୍ଡା ପଞ୍ଚାୟତର ଓଲିଂଘୋଷାଠାରେ ବିଜେଡ଼ିର ଛାମୁଆ ସଦସ୍ୟଙ୍କ ସହ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ନେଇ ଆଲୋଚନା କରିଥିଲେ । ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀମାନେ ସାଂସଦ ଙ୍କୁ ନିକଟରେ ପାଇ ବେଶ ଉତ୍ସାହିତ ହୋଇଥିଲେ । ଏହି ଅବସରରେ ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ବିଜୁ ଜନତା ଦଳ ଯେଉଁଭଳି ଭଲ ପ୍ରଦର୍ଶନ କରିବ ସେଥିପାଇଁ ଅଚ୍ୟୁତ ସାମନ୍ତ ସମସ୍ତ କର୍ମୀଙ୍କ ସହଯୋଗ କାମନା କରିଥିଲେ ।

# ସୃଜନୀ ପରିବାରର ସାରସ୍ୱତ ଆସର : ବର୍ଣ୍ଣାଳି

କେନ୍ଦ୍ରାପଡ଼ା,୯/୨ (ନି.ପ୍ର): ମୋ ପ୍ରିୟ କବି ଅଧ୍ୟାୟରେ ଭକ୍ତ କବି ମଧୁସୁଦନ ରାଓ ଓ ନାରୀ କବି ବିଦ୍ୟୁତ୍ ପ୍ରଭା ଦେବୀଙ୍କ ସାହିତ୍ୟ କୃତିକୁ ଆଲୋଚନାର ପ୍ରସଙ୍ଗ ସହ "ବର୍ଣ୍ଣାଳି" ସାରସ୍ୱତ ଆସର ସୃଜନୀ ପରିବାର ଚେନାଇ ଦ୍ୱାରା ଆବାସୀ ମାଧ୍ୟମରେ ଆୟୋଜିତ ହୋଇଯାଇଛି । ଅନୁଷ୍ଠାନର ଉପଦେଷ୍ଟା ଡ଼ଃ ବାସନ୍ତୀ ମହାନ୍ତିଙ୍କ ପୌରହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅବସର ପ୍ରାପ୍ତ ଆଇ.ଏଫ.ଏସ୍ ଆଶୁତୋଷ ମହାନ୍ତି ବକ୍ତାଭାବେ, ଶିକ୍ଷାବିତ୍ ଡ଼ଃ ଉଦ୍ଧବ ଚରଣ ନାୟକ ସାହିତ୍ୟିକ ଡ଼ଃ ବାସୁଦେବ ଦାସ, ଶିକ୍ଷାବିତ୍ ପ୍ରଫେସର ଅନନ୍ତ କୁମାର ଗିରି ଏହି କାର୍ଯ୍ୟକ୍ରମରେ ଯୋଗଦେଇ ବିଶେଷ ଆଲୋଚନା ସହ ନିଜସ୍ୱ ଅଭିବ୍ୟକ୍ତ ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସମ୍ପାଦକ ଅଶୋକ କୁମାର ସାମନ୍ତ ଅତିଥି ପରିଚୟ ପ୍ରଦାସ ସହ ସଭାର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ ।

# ଲତା ମଙ୍ଗେସକରଙ୍କ ବିୟୋଗରେ କୋମଳ ଗାନ୍ଧାର ସଙ୍ଗୀତ ଅନୁଷ୍ଠାନର ଶୋକସଭା

କନ୍ଧମାଳ ,୯/୨ (ନି.ପ୍ର): ସଂଗୀତ ର ଚଳନ୍ତି ସରସ୍ୱତୀ ଲତା ମଙ୍ଗେସକର ଙ୍କ ବିୟୋଗରେ ଫୁଲବାଣୀ କୋମଳ ଗାନ୍ଧାର ସଙ୍ଗୀତ ଅନୁଷ୍ଠାନ ତରଫରୁ ଶୋକ ପାଳନ କରାଗଲା । ତାଙ୍କ ଦେହାନ୍ତ ଖବର ଶୁଣୁଶୁଣୁ ଅନୁଷ୍ଠାନର ଛାତ୍ରଛାତ୍ରୀ ମାନେ ରବିବାର କ୍ୟାଣ୍ଡେଲ ଜାଳି ଶ୍ରଦ୍ଧାଞ୍ଜଳି ପ୍ରଦାନ କରିଥିଲେ ଏବଂ ଅନୁଷ୍ଠାନର ସଦସ୍ୟ ଓ କଳାକାର ମାନେ ସନ୍ଧ୍ୟାରେ ଶ୍ରଦ୍ଧାଞ୍ଜଳି ପ୍ରଦାନ ପୂର୍ବକ ଶୋକ ପାଳନ କରିଥିଲେ । ସଭାପତି ଗୋପୀନାଥ ରାଉତ, ସମ୍ପାଦକ ଅସିତ୍ ନନ୍ଦ ,ବରିଷ୍ଠ ସଦସ୍ୟ ରମାକାନ୍ତ ମାଝୀ, ମାନସ କୁମାର ସିଂହ, ମନୋଜ ନାୟକ ,ରମାକାନ୍ତ ଦିଗଲା ଏବଂ ବିକାଶ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ପ୍ରଦୀପ ପ୍ରଜ୍ୱଳନ ଓ ପୁଷ୍ପ ଅର୍ପଣ କରିଥିଲେ ।

# ଭୂଷଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ

ଭୁବନ,୯/୨ (ନି.ପ୍ର): ଭୁବନ ବ୍ଲକ ଭୂଷଳ ଗ୍ରାମର ଲୋକନାଥେଶ୍ୱର ଶିବ ମନ୍ଦିର ଠାରେ ମାଘ ସପ୍ତମୀ ଅବସରରେ ତିନି ଦିନ ବ୍ୟାପୀ ଅଷ୍ଟପ୍ରହର ନାମ ସଂକୀର୍ତନ ଗ୍ରାମବାସୀ ଓ ମନ୍ଦିର ପରିଚାଳନା କମିଟି ପକ୍ଷରୁ ଅନୁଷ୍ଠିତ ହୋଇଯାଇଛି । ଶ୍ରୀପଂଚମୀ ଦିନ ଶୁଭ ଅଧିବାସ ଓ କଳସ ସ୍ଥାପନ, ଷଷ୍ଠୀ ଦିନ ନାମଯଜ୍ଞ, ସପ୍ତମୀ ଦିନ ରାଧାକୃଷ୍ଣଙ୍କୁ ଲଉଡିଖେଳ ପଟୁଆରରେ ଗ୍ରାମ ପରିକ୍ରମା କରାଯାଇଥିଲା । ଭକ୍ତମାନଙ୍କ ସହଯୋଗରେ ପ୍ରତିଦିନ ପ୍ରସାଦ ସେବନ ଅନୁଷ୍ଠିତ ହୋଇଥିଲା । ଭୁବନ ଓ ସୁକିନ୍ଦା ଅଂଚଳରୁ ୨୨ଟି ପୁରୁଷ ଓ ମହିଳା ନାମ ସଂକୀର୍ତନ ଦଳ ଏହି ଉତ୍ସବରେ ଯୋଗ ଦେଇ ନାମସଂକୀର୍ତନ ପରିବେଷଣ କରିଥିଲେ । ସତ୍ୟସାଇ ସେବା ସମିତି ସମସ୍ତ କାର୍ଯ୍ୟରେ ସହଯୋଗ କରିଥିଲେ । ଅନୁରୂପ ଭାବେ ଭୁବନ ଏନଏସି ୬ ନମ୍ବର ୱାର୍ଡ ଅରାସାହି ଯାଦବ ସମାଜ ତରଫରୁ ସିନେମାହଲ ସମ୍ମୁଖରେ ଗତ ଶ୍ରୀପଂଚମୀ ଦିନ ଆରମ୍ଭ ହୋଇଥିବା ଅଷ୍ଟପ୍ରହର ନାମଯଜ୍ଞ ଆଜି ଉଦଯାପିତ ହୋଇଛି ।

# କେନ୍ଦୁଝରରେ ବଢୁଛି ଚନ୍ଦନ ଚୋରଙ୍କ ପ୍ରାଦୁର୍ଭାବ

## ଦୁଇ ରାତ୍ରୀରେ ୪ ଚନ୍ଦନ ଗଛ ଚୋରି : ପୋଲିସ ଗଭୀର ନିଦ୍ରାରେ

କେନ୍ଦୁଝର,୯/୨ (ନି.ପ୍ର): କେନ୍ଦୁଝର ସହରରେ ଚନ୍ଦନ ଚୋରଙ୍କର ପ୍ରାଦୁର୍ଭାବ ବଢିବାରେ ଲାଗିଥିବା ବେଳେ ପୋଲିସ ଯେଭଳି ଗଭୀର ନିଦ୍ରାରେ ଶୋଇଥିବା ଭଳି ଜଣା ପଡୁପଡୁଛି । ସବୁଠାରୁ ଆଶ୍ଚର୍ଯ୍ୟ ର ବିଷୟ ହୋଇଛି ଯେ ସୁରକ୍ଷା ବଳୟ କୁ ଭାଙ୍ଗି ବିରାଟ ବିରାଟ ପ୍ରାଚୀରକୁ ଟପି ଏହି ଚନ୍ଦନ ଗଛର ଚୋରୀ ହୋଇଛି । ଏହି ଚନ୍ଦନ ଗଛର ଚୋରୀ ପୁଣି ସହର ମଧ୍ୟରେ ହୋଇଥିବା ବେଳେ ପୋଲିସ କେବଳ ତଦନ୍ତ କରୁଥିବା ନାମରେ ଚୁପ ବସିଥିବା ଆଲୋଚନା ହେଉଛି । କେନ୍ଦୁଝର ର ଆରାଧ୍ୟ ଦେବାତା ଶ୍ରୀ ଶ୍ରୀ ବଳଦେବଜୀଉ ଙ୍କ ମନ୍ଦିର ପ୍ରାଙ୍ଗଣ ରୁ ଦୁଇଟି ବିରାଟକାୟ ଚନ୍ଦନ ଗଛ ଚୋରୀ ଚୋରୀ ହୋଇଛି । ହେଲେ ଏ ସଂପର୍କରେ ସିକ୍ୟୁରିଟି ଗାର୍ଡ କିଛି ଜାଣି ନପାରିବା ସମସ୍ତଙ୍କୁ ଚକିତ କରିଛି । ଏପରି କି ଏପରି କି ମନ୍ଦିର ପ୍ରଙ୍ଗଣରେ ଚୋର ଯନ୍ତ୍ରପାତି ଆଦି ସରଞ୍ଜାମ ଧରି ନିର୍ଭୟରେ ପ୍ରବେଶ କରିବା ସହ ସେଠାରେ ଥିବା ୩ ଟି ବିରାଟକାୟ ଗଛକୁ ବିନା ବାଧରେ କାଟିବା ସହ ଆରାମରେ ବିରାଟକାୟ ପ୍ରାଚୀର ଡିଆଁଇ ନେଇ ଚାଲିଗଲେ । କିନ୍ତୁ ସିକ୍ୟୁରିଟ ଗାର୍ଡ ତାହାର ବାସ୍ନା ମଧ୍ୟ ପାଇଲା ନାହିଁ । କିମ୍ବା ଚୋରକୁ ଜଗି ପାରଲା ନାହିଁ ସିସିଟିଭି କ୍ୟାମେରା । ଏହି କେତେଦୂର ବିଶ୍ୱାସ ଯୋଗ୍ୟ ତାହା ଅବଶ୍ୟ ବିଚାର୍ଯ୍ୟର ବିଷୟ । ଶନିବାର ରାତ୍ରି ରେ କେହି ଦୁର୍ବୃର୍ତ ମନ୍ଦିର ଭିତରେ ପ୍ରବେଶକରି ସେଠାରୁ ତିନୋଟି ବିରାଟକାୟ ଚନ୍ଦନ ଗଛକୁ କାଟିଥିଲା । ସେ ମଧ୍ୟରୁ ଦୁଇ ଟି ଗଛର ଡାଳ ପତ୍ର ସବୁ କୁ କାଟି ସଫା କରିବା ପରେ ଗଣ୍ଡି ଦୁଇଟିକୁ ଧରି ପଳାଇଯିବା ରେ ସକ୍ଷମ ହୋଇଥିଲା । କିନ୍ତୁ ତୃତୀୟ ଚନ୍ଦନ ଗଛଟି ନେବା ପୂର୍ବରୁ ମନ୍ଦିର ସୁରକ୍ଷା କର୍ମୀ ପହଂଚି ଯିବାରୁ ତାହା ନେଇ ନପାରି ଛାଡି ପଳାଇଯାଇଥଇବା କୁହାଯାଇଛି । ଏଭଳି ସ୍ଥିତିରେ ଏଠାରେ ସ୍ୱତଃ ପ୍ରଶ୍ନ ଉଠିବ ଯେ ମନ୍ଦିର ରେ ମନ୍ଦିରର ସୁରକ୍ଷା କର୍ମୀ ଜଗିଥିବା ବେଳେ ଚୋର କେମିତି ବିରାଟକାୟ ମେଘନାଦ ପାଚେରୀ ଡେଇଁ ଭିତରକୁ ପ୍ରବେଶ କଲା ଏବଂ ଚନ୍ଦନ ଗଛ କାଟି ନେବାରେ ସକ୍ଷମ ହେଲେ । ପୁଣି ମନ୍ଦିର ରେ ସିସିଟିଭି କ୍ୟାମେରା ଲାଗିଥିଲେ ସୁଦ୍ଧା ମନ୍ଦିର ରେ ହେଉଥିବା ଦୁର୍ନିତି ପଦାରେ ପଡିଯିବା ଭୟରେ ସିସିଟିଭି କ୍ୟାମେରା କୁ ଅଚଳ କରିଦିଆଯାଇଥିବା ବୁଦ୍ଧିଜିବୀ ମାନେ ଅଭିଯୋଗ କରିଛନ୍ତି । ଏହା ମନ୍ଦିର ରୁ ପ୍ରଥମ ଚୋରୀ ନୁହେଁ ଏହା ପୂର୍ବରୁ ମଧ୍ୟ ଚନ୍ଦନ ଗଛ ଚୋର ମାନେ ଏକାଧିକବାର ଏହି ମନ୍ଦିର ପରିସର ରୁ ଚନ୍ଦନ ଗଛ ଚୋରୀ ହୋଇଥିଲେ ସୁଦ୍ଧା ମନ୍ଦିର ପ୍ରଶାସନ ସହ ଜିଲ୍ଲା ପ୍ରଶାସନ କିପରି ନୀରବ ଦ୍ରଷ୍ଟା ହୋଇ ରହିଛି ତାହା ଉପରେ ଅନେକ ପ୍ରଶ୍ନ ଉଠାଇଛନ୍ତି । କେବଳ ମନ୍ଦିର ପ୍ରଙ୍ଗଣରୁ ନୁହେଁ କେନ୍ଦୁଝର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରୁ ଚନ୍ଦନ ଗଛ ଚୋରୀ ହେବା ଘଟଣା ଏବେ ଚର୍ଚ୍ଚାର ବିଷୟ ହୋଇଛି । ଗତକାଲି ତଥା ରବିବାର ରାତ୍ରୀରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଯୋଜନା ଓ ପର୍ଯ୍ୟବେକ୍ଷଣ କାର୍ଯାଳୟ ପରିସରରୁ ଏକ ପୁରୁଣା ଚନ୍ଦନ ଗଛକୁ ଦୁବୃର୍ତମାନେ ନିର୍ଭୟରେ କାଟି ନେଇଥିବା ବେଳେ ଡିଆରଡିଏ ଅଫିସ ନିକଟରେ ଥିବା ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ)ଙ୍କ ଆବାସରୁ ମଧ୍ୟ ଏକ ଚନ୍ଦନ ଗଛକୁ କାଟି ଚୋରୀ ଉଦ୍ୟମ କରିଛନ୍ତି । ଉକ୍ତ ସରକାରୀ କ୍ୱାର୍ଟରରେ ପୂର୍ବତନ ଏଡିଏମ ଙ୍କ ସମ୍ପର୍କୀୟ ଶବ୍ଦ ଶୁଣି ପଦାକୁ ପଳାଇ ଆସିବାକରୁ କଟା ଗଛ କୁ ଛାଡି ଦୁବୃର୍ତମାନେ ପଳାଇଥିଲେ । ୨ଜଣ ଦୁବୃର୍ତ ଟେକାପଥର ମାରି ତାଙ୍କୁ ଭୟଭିତ କରିବାକୁ ଚେଷ୍ଟା କରିଥିଲେ । ପୋଲିସର ଉପଯୁକ୍ତ ପେଟ୍ରୋଲିଂ ଅଭାବରୁ ଏଭଳି ସହରରେ ଚୋର ମାନଙ୍କ ପାର୍ଦୁଭାବ ବଢୁଚି । ତେବେ ଏହି ଘଟଣାରେ ଅଭିଯୋଗ ପାଇ ପୋଲିସ କେସ ରୁଜ୍ଜୁ ହୋଇଛି । କେନ୍ଦୁଝର ସହରର ବିଭିନ୍ନ ଦେବାଳୟ, ଅଫିସ ଏବଂ ବିଭିନ୍ନ ବ୍ୟକ୍ତି ବିଶେଷଙ୍କ ବାଡିରେ ଥିବା ବହୁ ପୁରାତନ ଚନ୍ଦନ ଗଛ ରହିଥିବାରୁ ଏସବୁର ସୁରକ୍ଷା କରିବା ପାଇଁ ଦାବୀ ହୋଇଛି । ଏହା ଛଡା ସହର ର ବିଭିନ୍ନ ସ୍ଥାନରୁ ବିଭିନ୍ନ ସମୟରେ ଚନ୍ଦନ ଗଛ ଚୋରୀ ହେଉଥିଲେ ସୁଦ୍ଧା ଚୋରି କୁ ରୋକିବାର ପୋଲିସ ବିଫଳ ହେଉଥିବା ନେଇ ସାଧାରଣ ରେ ଉଦବେଗ ପ୍ରକାଶ ପାଇଛି ।

# ଏପ୍ରିଲ ୯ ଓ ୧୦ରେ ସଙ୍ଗୀତ ସନ୍ଧ୍ୟା : ଯୋଗଦେବେ ଖ୍ୟାତାନାମା କଣ୍ଠଶିଳ୍ପୀ

ପୁରୀ,୯/୨ (ନି.ପ୍ର): ପୁରୀ ସାଂସ୍କୃତିକ ସମ୍ବଲକେନ୍ଦ୍ର ଗୋପୀନାଥପୁର ପକ୍ଷରୁ ବିଦାୟ ନେଇଥିବା କଳାକାରମାନଙ୍କୁ ସ୍ମରଣ କରିବା ଉଦ୍ଦେଶ୍ୟରେ ଏକ ମନୋଜ୍ଞ ସଂଗୀତ ସଂନ୍ଧ୍ୟା ଅନୁଷ୍ଠିତ ହେବ । ଏଥିପାଇଁ କେନ୍ଦ୍ର ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ସାଗର ତରଙ୍ଗ ଠାରେ ଅନୁଷ୍ଠିତ ହୋଇଯାଇଛି । ଆସନ୍ତା ଏପ୍ରିଲ ୯ ଓ ୧୦ ଦୁଇଦିନ ଧରି ଏହି ସଙ୍ଗୀତ ସଂନ୍ଧ୍ୟା ଆୟୋଜନ କରାଯିବ । ଏହି ସମ୍ମିଳନୀରେ ବିଧାୟକ ଜୟନ୍ତ ଷଡ଼ଙ୍ଗୀ, ଅନୁଷ୍ଠାନ ସଭାପତି ଶଙ୍କର୍ଷଣ ଦାଶ, ସମ୍ପାଦକ କୃଷ୍ଣଚନ୍ଦ୍ର ସାହୁ, କାର୍ଯ୍ୟକାରୀ ସମ୍ପାଦକ କାର୍ତିକ କୁମାର, ଜାମିନୀକାନ୍ତ ସାହୁ, ଗୀତିକାର ଗୁରୁ ଶତପଥୀ, ସମ୍ପାଦିକା ପ୍ରଭାସିନୀ ସାହୁ, କଲିକତାର ସୁନାମଧନ୍ୟ ଗୁରୁ ଶ୍ୟାମଳ ଭଟ୍ଟାଚାର୍ଯ୍ୟ, ସମାଜସେବୀ ବିଭୁଦତ ସାହୁ, ଡାକ୍ତର ଜ୍ଞାନେନ୍ଦ୍ର ତ୍ରିପାଠୀ, ଶିକ୍ଷାବିତ୍ ବିଜୟ କୁମାର ପଣ୍ଡା ପ୍ରମୁଖ ଯୋଗଦେଇ ସଙ୍ଗୀତ ସନ୍ଧ୍ୟାକୁ ମନୋରମ କରିବା ପାଇଁ ପ୍ରସ୍ତାବ ଦେଇଥିଲେ । ସୁରସିଦ୍ଧି କ୍ରିଏସନ୍ ପକ୍ଷରୁ ଗୀତିକାର ଗୁରୁ ଶତପଥୀଙ୍କ ରଚିତ ଜହ୍ନ ରାଇଜରେ ଜୀବନ ଗୀତ ପ୍ରଦର୍ଶିତ ହୋଇଥିଲା । ପ୍ରାରମ୍ଭରୁ ଦିବଂଗତ କଳାକାର ଓ ଲତା ମଙ୍ଗେସକରଙ୍କ ପାଇଁ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

# ବୈଦିପାଲିରେ ରାଜନୈତିକ କାରଣରୁ ଫୁଟିଲା ଗୁଳି

ବଲାଙ୍ଗିର ,୯/୨ (ନି.ପ୍ର): ଗତକାଲି ରାତିରେ ସଦର୍ ଥାନା ଅନ୍ତର୍ଗତ ବୈଦିପାଲି ଗ୍ରାମରେ ଦୁଇଜଣ ଦୁବୃର୍ତ ବାଇକରେ ଆସି ଗ୍ରାମର ସନ୍ତୋଷ ସାହୁ ଙ୍କୁ ଡାକିଥିଲେ । ଅନେକ ସମୟ ପରେ ଘର ଭିତରୁ ବାହରି ଥିଲେ । ବାଇକ୍ ରେ ୧ଜଣ ଥିଲା ବେଳେ ଅନ୍ୟ ଜଣଙ୍କୁ କାହିଁକି ଡାକୁଛନ୍ତି ପଚାରି ଥିଲେ ତାଙ୍କୁ ଲକ୍ଷ୍ୟ କରି ଧରିଥିବା ପିସ୍ତଲ ରୁ ଗୁଳି ଚଳାଇଥିଲେ । ସନ୍ତୋଷ ଜୀବନ ରକ୍ଷା ପାଇଁ ବସି ପଡ଼ି ଥିଲେ ତେଣୁ ଗୁଳି ଫୁଟିଥିଲା ବେଳେ ସେ ଅଳ୍ପକେ ରକ୍ଷା ପାଇଯାଇଛନ୍ତି । ଗୁଳି ଫୁଟାଇବା ପରେ ଦୁହେଁ ବାଇକ୍ ରେ ଘଟଣା ସ୍ଥଳ ରୁ ଚାଲି ଯାଇଥିବା ରୁ ସେମାନଙ୍କୁ ଚିହ୍ନଟ କରି ପାରିଲେ ନାହିଁ ବୋଲି ସନ୍ତୋଷ ଅଭିଯୋଗ କରି କହି ଛନ୍ତି । ତାଙ୍କର କାହାରି ସହିତ ପୂର୍ବ ଶତ୍ରୁତା ନଥିବା ବେଳେ ଏହା ରାଜନୈତିକ କାରଣରୁ ହୋଇଥାଇ ପାରେ କାରଣ ସେ ଜିଲ୍ଲା ପରିଷଦ ପ୍ରାର୍ଥୀ ସଂଗୀତା ସୁନା ପାଇଁ କାମକରୁଥିବା ଯୋଗୁଁ ହୋଇଥାଇ ପାରେ ବୋଲି ପ୍ରକାଶ କରିଛନ୍ତି । ଆଜି ସନ୍ତୋଷ ଗ୍ରାମବାସୀଙ୍କ ସହିତ ଆସି ସଦର୍ ଥାନାରେ ରିପୋର୍ଟ କରିଛନ୍ତି । ତାକୁ ଅଧରରେ କେସ ରୁଜୁ କରିଥିଲେ ଏହି ମାମଲାରେ ସଦର୍ ପୁଲିସ ଗ୍ରାମକୁ ଯାଇ ତଦନ୍ତ କରୁଥିବା ଜଣାପଡିଛି ।

# ରେବତୀଙ୍କୁ ଜିତାଇବା ପାଇଁ ମହିଳାମାନଙ୍କ ସଂକଳ୍ପ

କେନ୍ଦ୍ରାପଡ଼ା,୯/୨ (ନି.ପ୍ର): ଆଗାମୀ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ କେନ୍ଦ୍ରାପଡ଼ା ବ୍ଲକ ଅଧିନ କପାଳେଶ୍ୱର ପଂଚାୟତରେ ସମିତିସଭ୍ୟ ପଦବୀ ହାସଲ କରିବା ପାଇଁ ପ୍ରଚାର ଅଭିଯାନ ଜୋରସୋରରେ ଆଗେଇ ଚାଲିଛି । ପ୍ରାର୍ଥୀମାନେ ଘରକୁ ଘର ବୁଲି ଭୋଟରମାନଙ୍କୁ ଭେଟିବା ସହ ନିଜ ନିଜ ସପକ୍ଷରେ ଦାବି ଉପସ୍ଥାପନ କରୁଛନ୍ତି । ପ୍ରତିଦ୍ୱନ୍ଦିତା କରୁଥିବା ୫ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ଜଣ ପୁରୁଷ ପ୍ରାର୍ଥୀ ଥିବାବେଳେ ଜଣେ ମାତ୍ର ମହିଳା ପ୍ରାର୍ଥୀ ରେବତୀ ଗୋଛାୟତ । ସେ ପୂର୍ବତନ ସରପଂଚ ଅଭିମନ୍ୟୁ ଗୋଛାୟତଙ୍କ ପତ୍ନୀ ରେବତୀ ପ୍ରଚାର ଅଭିଯାନରେ ଆଗୁଆ ଥିବା ଦେଖିବାକୁ ମିଳୁଛି । ଜଣେ ମାତ୍ର ମହିଳା ପ୍ରାର୍ଥୀ ହୋଇଥିବାରୁ ପଂଚାୟତର ମହିଳାମାନେ ଉତ୍ସାହିତ ହୋଇ ତାଙ୍କୁ ସହଜରେ ଗ୍ରହଣ କରିବା ସହ ହୁଳହୁଳି ପକାଇ ସ୍ୱାଗତ କରି ଘର ଘର ବୁଲାଇ ଭୋଟ ପ୍ରଚାର ଅଭିଯାନ ଚଳାଇଛନ୍ତି । ରେବତୀଙ୍କ ସହିତ ତାଙ୍କ ସମର୍ଥକ ମହିଳାମାନେ ଦଳବଦ୍ଧ ହୋଇ ମହିଳା ଭୋଟରଙ୍କ ପାଖକୁ ଯାଇ ପଂଚାୟତର ଗମନାଗମନ ସୁବିଧା, ପ୍ରତି ଘରକୁ ପାଇପ ଯୋଗେ ପାନୀୟଜଳ ଯୋଗାଣ, ପଂଚାୟତର ପରିମଳ ବ୍ୟବସ୍ଥା ସୁଧାରିବା ଓ ଚାଳଘର ଥିବା ଲୋକମାନଙ୍କୁ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ସାମିଲ କରାଇବା ପାଇଁ ପ୍ରତିଶୃତି ଦେବା ସହ ତାଲାଚାବି ଚିହ୍ନରେ ଭୋଟ ଦେବାପାଇଁ ବୁଝାଉ ଥିବାରୁ ପ୍ରଚାର ଅଭିଯାନରେ ରେବତୀ ବର୍ତମାନ ଆଗୁଆ ଥିବା ଜଣାପଡ଼ିଛି ।

# ମଣ୍ଡଳ ରେଳ ପ୍ରବନ୍ଧକଙ୍କ ଦ୍ୱାରା ସମ୍ବଲପୁର-ଜରପଡ଼ା ସେକ୍ସନର ୱିଣ୍ଡୋ ଟେଲିଂ ନିରୀକ୍ଷଣ- ଜରପଡ଼ା ଷ୍ଟେସନ ନିରୀକ୍ଷଣ

ସମ୍ବଲପୁର,୯/୨ (ନି.ପ୍ର): ମଣ୍ଡଳ ରେଳ ପ୍ରବନ୍ଧକ ସମ୍ବଲପୁର ଶ୍ରୀ ପ୍ରଦୀପ କୁମାର ଆଜି ସମ୍ବଲପୁର-ଜରପଡ଼ା ସେକ୍ସନର ୱିଣ୍ଡୋ ଟେଲିଂ ନିରୀକ୍ଷଣ କରିଛନ୍ତି । ୱିଣ୍ଡୋ ଟେଲିଂ ନିରୀକ୍ଷଣ ଭାରତୀୟ ରେଳବାଇର ଏକ ବିଶେଷ ନିରୀକ୍ଷଣ, ଯେଉଁଥିରେ ଟ୍ରାକ୍ ଏବଂ ଆଖପାଖର ଇନଷ୍ଟଲେସନ ଯଥା- ସିଗ୍ନାଲ୍, ଓଭେଇ, ପ୍ଲାଟଫର୍ମ ଆଦିର ନିରୀକ୍ଷଣ ଚଳନ୍ତା ଟ୍ରେନ୍ ସହିତ ଲାଗିଥିବା ନିରୀକ୍ଷଣ କାର୍‌ର ପଛ ୱିଣ୍ଡୋରୁ ନିରୀକ୍ଷଣ କରାଯାଇଥାଏ । ନିରୀକ୍ଷଣ ସମୟରେ ମାର୍ଗରେ ଆସୁଥିବା ଷ୍ଟେସନଗୁଡ଼ିକର ନିରାପତା ଏବଂ ସମଗ୍ର ସ୍ଥିତି ବିଶେଷକରି ପଏଂଟ ଏବଂ କ୍ରସିଂଗୁଡ଼ିକରେ ଟ୍ରେନ୍‌ର ଗୁଣବତା, ଅନ୍ୟାନ୍ୟ ଚାଲୁଥିବା ବିକାଶମୂଳକ କାର୍ଯ୍ୟର ଅଗ୍ରଗତି, ଟ୍ରାକ୍ ଜିଓ ମେଟ୍ରିକ୍ ଆଇନ୍‌ଡେକ୍ସର ଉନ୍ନତି, ମାର୍ଗରେ ଆସୁଥିବା ଲେଭେଲ୍ କ୍ରସିଂଗେଟ୍‌ଗୁଡ଼ିକର ସ୍ଥିତି ଆଦି ଗୁରୁତ୍ୱପୂର୍ଣ୍ଣ ମାନଦଣ୍ଡଗୁଡ଼ିକ ମଣ୍ଡଳ, ରେଳ ପ୍ରବନ୍ଧକଙ୍କ ଦ୍ୱାରା ନିରୀକ୍ଷଣ କରାଯାଇଥିଲା । ୱିଣ୍ଡୋ ଟ୍ରେଲିଂ ନିରୀକ୍ଷଣ ପରେ ସେ ଜରପଡ଼ା ଷ୍ଟେସନ ନିରୀକ୍ଷଣ କରିଥିଲେ, ସେଠାରେ ସେ ଯାତ୍ରୀଙ୍କ ସୁବିଧା, ପ୍ରତୀକ୍ଷାଳୟ, ପ୍ଲାଟଫର୍ମ, ଶୌଚାଳୟ, ପରିଷ୍କାର ପରିଚ୍ଛନ୍ନତା, ପ୍ଲାଟଫର୍ମରେ ଜଳ ଯୋଗାଣର ପର୍ଯ୍ୟାପ୍ତତା ଏବଂ ପରିକ୍ଷେତ୍ର ନିରୀକ୍ଷଣ କରିଥିଲେ ।

# ଶିଶୁଙ୍କ ଶୀତଦିନିଆ ସମସ୍ୟା

**ପ୍ରାୟ ଲୋକ ହସି ହସି ଶୀତକୁ ସ୍ୱାଗତ କରନ୍ତି । କିନ୍ତୁ ଶୀତରେ ନୂଆ ମା'ଟିଏ ନବଜାତକ ସହ ସମୟ ବିତାଇବା ଏତେଟା ସହଜ ହୁଏନା । ଗୋଟିଏ ପେଟ ଥଣ୍ଡାରୁ ରକ୍ଷା ପାଇବା ପାଇଁ ପ୍ରୟାସ ଓ ଅନ୍ୟପଟେ ଶିଶୁର ଲାଳନପାଳନର ଦାୟିତ୍ୱ । ବିଶେଷକରି ଶୀତଦିନ ଶିଶୁଙ୍କ ପାଇଁ ଖୁବ୍ ଗୁରୁତ୍ୱପୂର୍ଣ୍ଣ । ତେଣୁ ମା' ମାନଙ୍କୁ ଅଧିକ ଯତ୍ନଶୀଳ ହେବାକୁ ପଡିଥାଏ । ତେବେ ନୂଆ ମା' ମାନେ କେମିତି ଶିଶୁଙ୍କ ଯତ୍ନ ନେବା ଆବଶ୍ୟକ ଆସନ୍ତୁ ଜାଣିବା...**



### ଶୀତରେ ଶିଶୁର ଯତ୍ନ ଜରୁରି

ଜନ୍ମ ପରେ ଶିଶୁଟିଏ ସବୁଠାରୁ ଅଧିକ ଦୁର୍ବଳ ହୋଇଥାଏ । ତେଣୁ ଏକ ନିର୍ଦ୍ଦିଷ୍ଟ ସମୟ ଯାଏ ତାକୁ ନିରନ୍ତର ଦେଖାରଖା ଓ ସହାୟତାର ଆବଶ୍ୟକତା ପଡିଥାଏ । ଆଉ ଶୀତଦିନେ ଟିକେ ଅଧିକ ଯତ୍ନ ନେବାକୁ ପଡିଥାଏ । ବାୟୁମଣ୍ଡଳର ତାପମାତ୍ରା କମିବା ସହ ଶରୀରର ଭିତରେ ବିଭିନ୍ନ ପ୍ରକ୍ରିୟା ଅସନ୍ତୁଳିତ ହୋଇଥାଏ । ତେଣୁ ନିଜକୁ ସୁରକ୍ଷିତ ରଖିବା ସହ ବିଭିନ୍ନ ମହତ୍ତ୍ୱପୂର୍ଣ୍ଣ ଅଙ୍ଗର ଖାସ୍ ଯତ୍ନ ନେବାକୁ ପଡିଥାଏ । ଏଥସହିତ ବିଭିନ୍ନ ଉପାୟରେ ଶରୀରର ତାପମାତ୍ରାକୁ ସନ୍ତୁଳିତ କରିବାକୁ ପଡିଥାଏ । ଶୀତରେ ବିଭିନ୍ନ ରୋଗ ଜୀବାଣୁ ଓ ଭାଇରସ୍ ସଂକ୍ରମଣ କରିବା ସହଜ ହୋଇଥାଏ, ଯାହା ଫଳରେ ବିଭିନ୍ନ ରୋଗର ଆଶଙ୍କା ବଢିଥାଏ ।

**ଶୀତଦିନେ ଶିଶୁ ମୁଖ୍ୟତଃ ୩ ପ୍ରକାର ରୋଗର ଶିକାର ହୋଇଥାନ୍ତି ।**
**୧. କୋଲଡ୍ ଷ୍ଟ୍ରୋସ, ୨. ଆଲର୍ଜିରୁ ଚର୍ମ ସମସ୍ୟା ଓ ୩. ବ୍ରେଙ୍କିଓଲାଇଟିସ**

### ୧. କୋଲ୍ଡ ଷ୍ଟ୍ରେସ

ଶିଶୁ କୋଲ୍ଡ ଷ୍ଟ୍ରେସର ଶିକାର ହେଲେ ଖାଇବାକୁ ରାଜି ହୁଏନା, ରକ୍ତରେ ଶର୍କରା କମିଯାଏ ଓ ଓଜନ ବଢେନା । ଏହା ଦୀର୍ଘଦିନ ଲାଗି ରହିଲେ ହାଇପୋଥାର୍ମିଆ ହୋଇଯାଏ । ଶୀତଦୀନେ ଯଦି ଶିଶୁକୁ ବେଶି ବାହାରକୁ ନବାଆଣିବା କରନ୍ତି, ତେବେ ଯଥାସମ୍ଭବ ଶୀତବସ୍ତ୍ରରେ ଢାଙ୍କିବାକୁ ଭୁଲନ୍ତୁ ନାହିଁ ।

### ୨. ଚର୍ମ ସମସ୍ୟା

ଶୀତଦିନେ ବହୁ ଶିଶୁଙ୍କ ଚର୍ମ ଫାଟିଥାଏ । ମାତ୍ରାଧିକ ଶୁଷ୍କତା ଯୋଗୁ ଏଭଳି ସମସ୍ୟା ଦେଖା ଦେଇଥାଏ । ତେଣୁ ଯଥାସମ୍ଭବ ଚର୍ମ ସମସ୍ୟାରୁ ରକ୍ଷା ପାଇବା ପାଇଁ ଶୀତଦିନରେ ନିୟମିତ ଶିଶୁକୁ ଲୋସନ ଲଗାଇବାକୁ ଭୁଲନ୍ତୁ ନାହିଁ ।

### ୩. ବ୍ରୋଙ୍କିଓଲାଇଟିସ୍

ବ୍ରୋଙ୍କିଓଲାଇଟିସ୍ ହେଲେ ଶିଶୁମାନେ ଧଇଁସଇଁ ହେବା ସହ ଖାଇବାକୁ ରାଜି ହୁଅନ୍ତିନାହିଁ । କେତେକ କ୍ଷେତ୍ରରେ ଆଇସିୟୁରେ ହୋଇଥାନ୍ତି । ମୁଖ୍ୟତଃ ବେଶି ଥଣ୍ଡା ଯୋଗୁ ଏହା ଋତୁରେ ଏଭଳି ସମସ୍ୟା ଦେଖା ଦେଇଥାଏ ।



### ନିରାକରଣ

ଚର୍ମ ସମସ୍ୟା ଦୂର କରିବା ପାଇଁ ସବୁଠାରୁ ଭଲ ଉପାୟ ହେଲା ଭେସଲିନ୍ ବା ଲୋସନ ଆଦି ବ୍ୟବହାର କରିବା । ଏହାବ୍ୟତୀତ ଯଥାସମ୍ଭବ ଶିଶୁର ଶରୀରକୁ ଘୋଡାଇ ରଖିବାକୁ ଚେଷ୍ଟା କରନ୍ତୁ । ଯଦି ଶିଶୁକୁ ଅଧିକ ଥଣ୍ଡା ହେଉଥାଏ, ତେବେ ତାକୁ ବାହାରକୁ ନ ନେବାକୁ ଚେଷ୍ଟା କରବା ଉଚିତ୍ । ଯଦି ବାହାରକୁ ଭଲ ଭାବରେ ଢାଙ୍କିବାକୁ ଭୁଲନ୍ତୁ ନାହିଁ ।

### ଭାଇରସ୍‌ରୁ ସମସ୍ୟା

**ଶୀତରେ ଶିଶୁ ତ୍ୱଚାର ଯତ୍ନ ଖୁବ୍ ଜରୁରି । ଶୀତରେ ହେଉଥିବା ପ୍ରମୁଖ ସମସ୍ୟା ଭାଇରସ୍‌ର ପ୍ରସାର ଯୋଗୁ ହୋଇଥାଏ । ଯାହା ସର୍ଦ୍ଦିକୁ ଜନ୍ମ ଦେଇଥାଏ ।**

- ଗଳାକୁ ପ୍ରଭାବିତ କରେ ଇନଫ୍ଲୁଏଞ୍ଜା ଏବଂ ବ୍ରୋକିୟୋଲାଇଟିସ୍
- କ୍ରିପ୍ଟୋ ଏବଂ ରାଇନୋଭାଇରସ, ଯାହା ସହଜରେ ପ୍ରଭାବିତ କରିଥାଏ ।
- ଶବସନ ପରି ଏକ ସମ୍ବେଦନଶରଳ ଭାଇରସ୍ ରହିଛି, ଯାହା ଖୁବ୍ ଗମ୍ଭୀର ହୋଇପାରେ ।



### ସର୍ଦ୍ଦି ସଂକ୍ରମଣର ଲକ୍ଷଣ

ଶିଶୁକୁ ସର୍ଦ୍ଦି ହେଲେ ଲକ୍ଷଣମାନ ବେଶ୍ ପ୍ରକାଶ ପାଇଥାଏ । ତେଣୁ ରୋଗ ବିଷୟରେ ଜାଣିବା କଷ୍ଟ ହୋଇ ନଥାଏ । ତେଣୁ ଏଭଳି ଲକ୍ଷଣ ପ୍ରକାଶ ପାଇବା ମାତ୍ରେ ତୁରନ୍ତୁ ପଦକ୍ଷେପ ନେବା ଜରୁରି । ଲକ୍ଷଣମାନ ହେଲା :

- ଗମ୍ଭୀର କାଶ ସହ ବାନ୍ତି ହେବା
- ପ୍ରଶ୍ୱାସ ନେବାରେ ସମସ୍ୟା ଦେଖାଦିଏ, ଯାହା ଦ୍ୱାରା ଶିଶୁଟି ଅଣନିଶ୍ୱାସୀ ହୋଇପଡେ ।
- ଶବସନ ସଂକ୍ରମଣ ଦ୍ୱାରା ଫୁସ୍‌ଫୁସ୍ ଯୋଗୁ ଛାତିରେ ଯନ୍ତ୍ରଣା ମୁଣ୍ଡବିନ୍ଧା ଓ ଥକାପଣ ସହିତ ନାକରୁ ପାଣି ବୋହିବା, ଜ୍ୱର ଓ କାଶ ।

## ସର୍ଦ୍ଦିରେ ଶିଶୁର ଯତ୍ନ

**ସର୍ଦ୍ଦିରେ ଶିଶୁକୁ ତ୍ୱଚା ଯତ୍ନ କେମିତି ନେବେ ଏବଂ ଶିଶୁକୁ ଶୀତରେ ଶିଶୁକୁ ସୁସ୍ଥ ରଖିପାରିବେ ।**

### ୧. ହ୍ୟୁମିଡିଫାୟାର ପ୍ରୟୋଗ କରନ୍ତୁ

କେତେକ କ୍ଷେତ୍ରରେ ତାପମାତ୍ରା ଖୁବ କମ ହୋଇଥାଏ । ଏହା ଦ୍ୱାରା ଶିଶୁ ପାଖରେ ହିଟିଂ ବ୍ୟବସ୍ଥା ବା ପୋର୍ଟେବଲ ହିଟର ଉପଯୋଗ କରିବା ଆବଶ୍ୟକ । ହିଟିଂ ଉପକରଣ ଦ୍ୱାରା ଜଳ ବାଷ୍ପ ହୋଇ ରୁମ ଭିତରର ବାୟୁକୁ ଶୁଷ୍କ କରିବା ସହ ଶିଶୁର ତ୍ୱଚାକୁ ମଧ ଶୁଷ୍କ କରି ଦେଇଥାଏ । ରୁମ୍‌ରେ ହ୍ୟୁମିଡିଫାୟାର ରଖନ୍ତୁ, ଫଳରେ ମଏଶ୍ଚରସ୍ତର ବଜାୟ ରହିବ ।



### ୨. ମଏଶ୍ଚରାଇଜର ଉପଯୋଗ କାରନ୍ତୁ

ଶିଶୁର ତ୍ୱଚା ଖୁବ୍ ସମ୍ବେଦନଶୀଳ । ତେଣୁ ଥଣ୍ଡାର କଠୋର ବାତାବରଣକୁ ଏହା ସହ୍ୟ କରିପାରେନା । ଶିଶୁର ତ୍ୱଚାକୁ ନରମ ଓ ମୁଲାୟମ ରଖିବା ପାଇଁ ତା ଶରୀରରେ ଲୋସନ ଲଗାନ୍ତୁ । ଶିଶୁଙ୍କ ପାଇଁ ଦୁଗ୍ଧ କ୍ରୀମ୍ ବ୍ୟବହାର କରିବା ଉଚିତ୍ ।

### ୩. ଭିନ୍ନ ଭିନ୍ନ ଉତ୍ପାଦର ବ୍ୟବହାର କମ କରନ୍ତୁ

ଅଭିଭାବକ ନିଜ ପିଲାଙ୍କୁ ଭଲରେ ରଖିବା ଆଶାରେ ଅନେକ ସମୟରେ ବିଭିନ୍ନ ପ୍ରକାରର ଉତ୍ପାଦ ବ୍ୟବହାର କରିଥାନ୍ତି । ଏହା ମାଧମରେ ଶିଶୁକୁ ସୁରକ୍ଷିତ ଓ ସଫା ରଖିବା ପ୍ରୟାସ କରିଥାନ୍ତି, ଯାହା ଶିଶୁର ତ୍ୱଚାକୁ ରୁକ୍ଷ କରିଥାଏ ।




### ୪. ଶିଶୁକୁ ମାଲିସ କରିବାକୁ ଭୁଲନ୍ତୁନି

ଶିଶୁ ଯେକୌଣସି ଋତୁରେ ଜନ୍ମ ହେଉନା କାହିଁକି ତାକୁ ମାଲିସ ବହୁତ ଜରୁରି । ଏହା ଶରୀରରେ ରକ୍ତ ପ୍ରବପାହକୁ ଉତ୍ତେଜିତ କରିଥାଏ । ଶିଶୁକୁ ମାଲିସ କରିବା ସମୟରେ ବାତାବରଣକୁ ଗରମ ରଖିବା ଜରୁରୀ ।

### ୫. ଘରର ତାପମାତ୍ରା ବଢାଇ ରଖନ୍ତୁ

ଶିଶୁ ରହୁଥିବା ଘରର ବାତାବରଣକୁ ଗରମ ରଖନ୍ତୁ । ନଚେତ ଘରର ତାପମାତ୍ରାକୁ ବଜାୟ ରଖିବା ପାଇଁ ସେ ଅନୁସାରେ ପୋଷାକ ଚୟନ କରନ୍ତୁ ।

### ୬. ଟୀକାକରଣ ଭୁଲନ୍ତୁ ନାହିଁ

ସର୍ଦ୍ଦିରେ ଶିଶୁ ରୋଗରେ ପଡିଲେ ତା'ରୋଗ ପ୍ରତିରୋଧକ ଶକ୍ତି କମି ଯାଇଥାଏ । କିନ୍ତୁ ଏହି ସମୟରେ ଦିଆଯିବାକୁ ଥିବା ଟୀକାକରଣରେ ଅବହେଳା କରନ୍ତୁ ନହିଁ । ବରଂ ଏହି ସମୟରେ ଶିଶୁ ଯାହା ଟୀକା ଦେବାର ଅଛି, ତାହା ଅବଶ୍ୟ ଦିଅନ୍ତୁ ।

### ୭. କେୟାରିଂ ଆଉଟଡୋର

ବାହାରେ ଶୀତ ଥିବା ଯାଏ ଶିଶୁକୁ ବାହାରକୁ ବୁଲାଇବାକୁ ନେବାର ଥିଲେ, ତାକୁ ଗୋଡଠାରୁ ମୁଣ୍ଡ ଯାଏ ରଖନ୍ତୁ । ସେହିପରି ଥଣ୍ଡା ପବନରୁ ଶିଶୁର ତ୍ୱଚାକୁ ଦୂରେଇ ରଖନ୍ତୁ । ଶିଶୁ ଶରୀରରେ ସମାନ ତାପମାତ୍ରା ବଜାୟ ରଖିବାକୁ ଚେଷ୍ଟା କରନ୍ତୁ ।

# ଏତେ ବିଷାକ୍ତ !



ବିଶ୍ୱରେ ଏକୁ ଆରେକ ବଳି ବିଷାକ୍ତ ପ୍ରାଣୀ ଅଛନ୍ତି । ତେବେ ସମୁଦ୍ର କୂଳରେ ବସି ଢେଉ ଉପଭୋଗ କରୁଥିବା ବେଳେ ବି ଏଭଳି ବିଷାକ୍ତ ପ୍ରାଣି ଆକ୍ରମଣ କରିପାରେ । ଏହା ଏକପ୍ରକାର ମାଛ । ଏହାକୁ ଷ୍ଟୋନ୍ ଫିଶ୍ ବୋଲି କହନ୍ତି । ସାଧାରଣତଃ ମକର ରେଖା ନିକଟବର୍ତ୍ତୀ ସମୁଦ୍ରରେ ଏହି ମାଛ ଦେଖାଯାଇଥାଏ । ଏହା ଦେଖିବାକୁ ଅବିକଳ ପଥର ପରି । ଏହାର ଉପର କାତି ମଧ ପଥର ପରି ଟାଣ । ତେଣୁ ଅନେକେ ଜାଣି ନ ପାରି ଏହି ମାଛର ଶିକାର ହୋଇଯା'ନ୍ତି । ଭୁଲରେ ବି କାହାର ଗୋଡ ଏହି ମାଛ ଉପରେ ପଡିଗଲେ ଏହା ନିଜ ଉପରେ ପଡିଥିବା ଓଜନ ପରିମାଣର ବିଷ ନିର୍ଗତ କଲେ । ଏହି ବିଷ ଏତେ ବିପଜ୍ଜନକ ଯେ ଉକ୍ତ ବ୍ୟକ୍ତିଙ୍କ ଗୋଡ କାଟିବାକୁ ପଡିଥାଏ । ଏଥିରେ ସାମାନ୍ୟ ଅବହେଳା କଲେ ମୃତ୍ୟୁ ଆଶଙ୍କା ରହିଛି । ନିଜ ଉପରେ କାହାର ଗୋଡ ପଡିବା ମାତ୍ରେ ୦.୫ ସେକେଣ୍ଡ ମଧ୍ୟରେ ଏହି ମାଛ ବିଷ ନିର୍ଗତ କରେ । ଅର୍ଥାତ୍- ଆଖି ପିଛୁଳାକେ ବିଷ ବାହାର କରି ଆକ୍ରମଣ କରିଥାଏ । ଏହାର ଟୋପାଏ ବିଷ କୌଣସି ସହରର ପାଣିରେ ମିଶାଇଦେଲେ ସହରର ସବୁ ମଣିଷଙ୍କ ମୃତ୍ୟୁ ହୋଇଯାଇପାରେ ।

# ମୋତିଆବିନ୍ଦୁ

**ମୋତିଆବିନ୍ଦୁ ଆଖିର ଲେନ୍ସରେ ହେଉଥିବା ଏକ ଧଳା ରଙ୍ଗର ଦାଗ, ଯାହା ଆଖିର ଦୃଷ୍ଟିକୁ ପ୍ରଭାବିତ କରିଥାଏ । ମୋତିଆବିନ୍ଦୁ ହେବା ଦ୍ୱାରା ବକ୍ତ୍ୟକୁ କୌଣସି ବସ୍ତୁ ଧୂଆଳିଆ ନଜର ଆସେ । ମୋତିଆବିନ୍ଦୁ ସାଧାରଣତଃ ବୟସ୍କ ଲୋକଙ୍କୁ ହୋଇଥାଏ । ଏହା ଦୁଇ ଆଖିରେ ମଧ ହୋଇପାରେ । ଏହା ଗୋଟେ ଆଖିରୁ ଅନ୍ୟ ଆଖିକୁ ମଧ ସଂକ୍ରମଣ ହୋଇପାରେ । ମୋତିଆବିନ୍ଦୁ ଅନେକ ପ୍ରକାରର ହୋଇଥାଏ ।**



◆ *ସେକେଣ୍ଡାରୀ*

ଗ୍ଲୁକୋମା ପରି ରୋଗର ସର୍ଜରୀ ହେବା ପରେ ମୋତିଆବିନ୍ଦୁ ହୋଇପାରେ । ଡାଏବେଟିସ୍ ବା ଷ୍ଟେରଏଡର୍ ବ୍ୟବହାର କରୁଥିବା ବ୍ୟକ୍ତିଙ୍କୁ ମଧ ମୋତିଆବିନ୍ଦୁ ହୋଇପାରେ ।

◆ *ଟ୍ରାମେଟିକ୍*

ଆଖିରେ ଲାଗିଥିବା ଆଘାତ କାରଣରୁ ମଧ ମୋତିଆବିନ୍ଦୁ ହୋଇପାରେ । ଆଘାତପ୍ରାପ୍ତ ହେବାର ଅନେକ ବର୍ଷ ପରେ ମଧ ମୋତିଆବିନ୍ଦୁ ହେବାର ସମ୍ଭାବନା ଥାଏ ।

◆ *କନ୍‌ଜେନିଟଲ*

କିଛି ପିଲାଙ୍କ ଜନ୍ମରୁ ମୋତିଆବିନ୍ଦୁ ହୋଇଥାଏ କିମ୍ବା ପିଲା ଦିନରୁ ଏହା ହୋଇଥାଏ । ଏହା ଏତେ ଛୋଟ ହୋଇଥାଏ ଯାହା ଆଖିର ଦୃଷ୍ଟିକୁ ପ୍ରଭାବିତ କରି ନଥାଏ, ଯଦି ଏପରି ହୋଇଥାଏ, ତେବେ ଆଖିର ଲେନ୍ସ ବଦଳେଇବାକୁ ପଡେ ।

◆ *ରେଡିଏସନ ମୋତିଆବିନ୍ଦୁ*

କିଛି ମୋତିଆବିନ୍ଦୁ ଅନେକ ପ୍ରକାରର ରେଡିଏସନର ସମ୍ପର୍କରେ ଆସିବା ଯୋଗୁ ହୋଇଥାଏ ।

# କେଶର ଯତ୍ନ



ସୁନ୍ଦର କେଶ ପାଇବାକୁ ହେଲେ ଜରବନଶୈଳୀ ଓ ଖାଦ୍ୟପେୟରେ ସୁଧାର ଆଣିବା ଆବଶ୍ୟକ । ଖାଦ୍ୟରେ ବ୍ୟବହାର ହେଉଥିବା ଗୋଲମରିଚ କେଶର ଅନେକ ସମସ୍ୟାକୁ ଦୂର କରିବାରେ ସାହାଯ୍ୟ କରିଥାଏ । ଆସନ୍ତୁ ଜାଣିବା ମଜଭୂତ ଓ ଚମକଦାର କେଶ ପାଇଁ ଗୋଲମରିଚର କିପରି ବ୍ୟବହାର କରିବା ଉଚିତ । ଗୋଲମରିଚ ନା କେବଳ କେଶରେ ଚମକ ଆଣେ ତା ନୁହେଁ, ଅନେକ ସମସ୍ୟାର ସମାଧାନ ମଧ କରିଥାଏ । ଏହାର ବ୍ୟବହାର ମଧ ଠିକ୍ ଭାବରେ କରିବା ଉଚିତ୍, ଆବଶ୍ୟକଠାରୁ ଅଧିକ କରିଲେ ସ୍କେଲ୍ପରେ ଜ୍ୱଳନ ଓ କୁଣ୍ଡେଇ ହେବା ପରି ସମସ୍ୟା ଦେଖାଦେଇଥାଏ । ଗୋଲମରିଚ ଭିଟାମିନ୍ ସି ଥାଏ, ଯାହା ସ୍କେଲପ୍‌କୁ ପରିଷ୍କାର ରଖିବା ସହିତ ରୂପିରୁ ରକ୍ଷା କରିଥାଏ । ସେଥିପାଇଁ ଆପଣ ଉର୍ଜିନ ଅଲିଭ ଅଏଲରେ ଗୋଟେ ଚୁଟକି ଗୋଲମରିଚ ଗୁଣ୍ଡ ମିଶାଇ କେଶରେ ଲଗାନ୍ତୁ । ପୁରାଦିନ ଲଗେଇ ରଖନ୍ତୁ ଓ ତା ପରଦିନ ମୁଣ୍ଡ ଧୋଇ ଦିଅନ୍ତୁ । ଗୋଟେ ଚାମଚ ଗୋଲମରିଚ ଗୁଣ୍ଡରେ ତିନି ଚାମଚ ଦହି ମିଶାଇ ପେଷ୍ଟ ପ୍ରସ୍ତୁତ କରନ୍ତୁ ଓ କେଶରେ ୨୦ ମିନିଟ୍ ଲଗାଇ କେଶ ଧୋଇ ଦିଅନ୍ତୁ ଗୋଲମରିଚରେ କପର ଆନେକ ମାାତ୍ରାରେ ଥିବା ହେତୁ କେଶ ଧଳା ହୁଏନାହିଁ । ଦହି ଯୋଗୁ କେଶକୁ ମଇଶ୍ଚରାଇଜର ମିଳିଯାଏ । ଏକ ଚାମଚ ଗୋଲମରିଚ ଗୁଣ୍ଡରେ ଦୁଇ ଚାମଚ ଲେମ୍ବୁ ରସ ମିଶାଇ କେଶରେ ୧୫ ମିନିଟ୍ ପର୍ଯ୍ୟନ୍ତ ରଖନ୍ତୁ । ଏହା ସ୍କେଲପ୍‌କୁ ସଫା ରଖିବା ସହିତ କେଶକୁ ନରମ ରଖିବ । ଏହାପରେ କେଶକୁ ଭଲ ଭାବରେ ଧୋଇ ଦିଅନ୍ତୁ । ଗୋଲମରିଚ କେଶ ଝଡିବା ହ୍ରାସ କରିଥାଏ । ସେଥିପାଇଁ ଏହି ଗୁଣ୍ଡରେ ଅଲିଭ ଅଏଲ ମିଶାଇବାକୁ ପଡିବ । କଣ୍ଟେନରକୁ ବନ୍ଦ କରି ଦୁଇ ସପ୍ତାହ ରଖି ଦିଅନ୍ତୁ । ତା ପରେ ସେହି ତେଲକୁ କେଶରେ ୩୦ ମିନିଟ୍ ପର୍ଯ୍ୟନ୍ତ ରଖି ଥଣ୍ଡା ପାଣିରେ ଧୋଇ ଦିଅନ୍ତୁ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଭାରତର ନାଇଟିଙ୍ଗେଲ...

ଲତା ମଙ୍ଗେସକର-ନିରବି ଯାଇ ଆକାଶର ତାରା ହୋଇ ଯାଇଥିବା ସେଇ ସ୍ୱର, ଯାହା ନିହାତି କମ୍‌ରେ ତିନି ପିଢ଼ି ଧରି ଏବଂ ପାଖାପାଖି ଦୀର୍ଘ ୭୦ ବର୍ଷ ପର୍ଯ୍ୟନ୍ତ ନିଜର କଣ୍ଠସ୍ୱରର ଯାଦୁରେ ପ୍ରାୟ ପ୍ରତ୍ୟେକ ଭାରତୀୟଙ୍କୁ ବାନ୍ଧି ରଖିଥିଲା ତଥା ଭାରତୀୟ ସଂଗୀତ ଉଦ୍ୟୋଗରେ ସାମ୍ରାଜ୍ଞୀ ଭାବରେ ଥିଲା ପରିଚିତା। ଆଉ ସଙ୍ଗୀତ ଜଗତର ଏଇ ଅପୂରଣୀୟ କ୍ଷତିର ଝଲକ ଦେଖିବାକୁ ମିଳିଥିଲା ଲୋତକାପ୍ଲୁତ ନୟନ ଓ ଭାଙ୍ଗି ପଡ଼ିଥିବା ହୃଦୟରେ, ରବିବାର ସଂଧ୍ୟାରେ ତାଙ୍କ ଶେଷଯାତ୍ରା ସମୟରେ, ଯାହା ସଂଯୋଗକ୍ରମେ ମହାରାଷ୍ଟ୍ର, ଗୋଆ ଏବଂ କର୍ଣ୍ଣାଟକରେ ଥିଲା ବାଗଦେବୀ ମା' ସରସ୍ୱତୀଙ୍କ ବିସର୍ଜନର ଦିବସ। ଜୀବନର ଆରମ୍ଭରେ ହେମା ଭାବରେ ତଥା ୧୯୪୨ରେ ନିଜର ସଂଗୀତ କ୍ୟାରିଅର୍ ଆରମ୍ଭ କରିବା ପରେ ଲତା ଦିଦି ଭାବରେ ଶେଷଯାତ୍ରା ପର୍ଯ୍ୟନ୍ତ ପରିଚିତ ହୋଇ ଆସିଥିବା ଦିଦି ମୁମ୍ବାଇରେ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ତାଙ୍କର ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ-କୋଭିଡ୍-୧୯ ଏବଂ ନିମୋନିଆରେ ଆକ୍ରାନ୍ତ ହୋଇ ୨୮ ଦିନ ପର୍ଯ୍ୟନ୍ତ ଚିକିତ୍ସିତ ହେବାପରେ। ତେବେ ସେ ପଛରେ ଛାଡ଼ି ଯାଇଥିବା ତାଙ୍କର ବହୁମୂଲ୍ୟ କୃତୀ ଓ କୀର୍ତ୍ତିର ବିଶାଳତାକୁ ସଂକ୍ଷିପ୍ତ ଭାବରେ ମାନବୀୟ ଶବ୍ଦରେ ବର୍ଣ୍ଣନା କରିବା ଏତେ ସହଜ ନୁହେଁ, କାରଣ ଏହା ଦୀର୍ଘ ସାତ ଦଶନ୍ଧିର ଉତ୍କର୍ଷ ଓ ସେ ଗାଇଥିବା ୩୬ଟି ଭାରତୀୟ ଭାଷାରେ ଏବଂ ସଂଖ୍ୟାରେ ୩୦ ହଜାରରୁ ଅଧିକ ଗୀତରେ ପ୍ରତିଫଳିତ। ୧୯୬୩ରେ ଓଡ଼ିଆ ଚଳଚ୍ଚିତ୍ର ସୂର୍ଯ୍ୟମୁଖୀ ପାଇଁ ସେ ଗାଇଥିବା 'ସେଇ ଚୁନା ଚୁନା ତାରାଫୁଲ ଆଜି..' ଏବଂ ୧୯୬୭ରେ ଅରୁନ୍ଧତୀ ଚଳଚ୍ଚିତ୍ରର 'ଆଜି ମୁଁ ଶ୍ରାବଣୀ ଲୁହର ହରିଣୀ....' ଗୀତ ଦୁଇଟି ଆଜି ବି ଶ୍ରୋତାଙ୍କୁ କେଉଁ ଏକ ଭାବନାର ରାଜ୍ୟକୁ କିଛି ସମୟ ପାଇଁ ନେଇଯିବାର ସାମର୍ଥ୍ୟ ବହନ କରେ। କେବଳ ଓଡ଼ିଆ ଭାଷାରେ ନୁହେଁ, ସେ ଯେଉଁସବୁ ଭାଷାରେ ବି ଗୀତ ଗାଇଛନ୍ତି, ତାହା ସେହିସବୁ ଭାଷାର ଶ୍ରୋତାଙ୍କୁ ମନ୍ତ୍ରମୁଗ୍ଧ କରି ରଖିଥାଏ, ଯେଉଁଥିପାଇଁ ଯଥାର୍ଥରେ ତାଙ୍କୁ କୁହାଯାଉଥିଲା 'ଭାରତର ସ୍ୱର' ବା 'ଭାରତର ନାଇଟିଙ୍ଗେଲ'। ତାଙ୍କ ଭଳି ଜଣେ ବ୍ୟକ୍ତିବିଶେଷ ବା କଳାକାରଙ୍କୁ ଆଜିକା ସମୟରେ ପାଇବା ଅତ୍ୟନ୍ତ ବିରଳ, ଯିଏକି ତାଙ୍କର ମହାନତା, ଅବଦାନ ଏବଂ ପ୍ରଭାବ ପାଇଁ ଗୋଟିଏ ରାଷ୍ଟ୍ରର ସମସ୍ତଙ୍କ ମନରେ ଛାପ ଛାଡ଼ି ଯାଇଥାନ୍ତି; ଭାରତ ରତ୍ନ ଲତା ମଙ୍ଗେସକର ବା ଲତା ଦିଦି ହେଉଛନ୍ତି ସେହି ଗାୟିକା ଯାହାଙ୍କ କଣ୍ଠସ୍ୱର ଭାରତର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହେରୁଙ୍କଠାରୁ ବର୍ତ୍ତମାନର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପର୍ଯ୍ୟନ୍ତ ସମସ୍ତଙ୍କୁ ବାନ୍ଧି ରଖିବାରେ ସମର୍ଥ ହୋଇଥିଲା। ୧୯୬୩ ରେ ନୂଆଦିଲ୍ଲୀର ନ୍ୟାସନାଲ ଷ୍ଟାଡିୟମରେ ପ୍ରଧାନମନ୍ତ୍ରୀ ଜବାହାରଲାଲ ନେହରୁ ଏବଂ ରାଷ୍ଟ୍ରପତି ଡକ୍ଟର ସର୍ବପଲ୍ଲୀ ରାଧାକ୍ରିଷ୍ଣନ୍‌ଙ୍କ ସମ୍ମୁଖରେ ସେ ଗାନ କରିଥିବା 'ଏ ମେରେ ୱତନ୍‌କି ଲୋଗୋଁ....' ଗୀତଟିକୁ ଆଜି ବି ଅନେକେ ସ୍ମରଣ କରନ୍ତି, ଯେତେବେଳେ ସ୍ମରଣ କରନ୍ତି ୧୯୬୨ରେ ଚୀନ୍ ସହିତ ହୋଇଥିବା ଭାରତର ଯୁଦ୍ଧରେ ସହିଦ ହୋଇଥିବା ବୀର ସନ୍ତାନମାନଙ୍କୁ। ସ୍ୱାଧୀନତା ଲାଭ କରିବା ପରେ ପରେ ଭାରତୀୟ ସିନେ ଉଦ୍ୟୋଗ ଯେତେବେଳେ ତଥାପି ଶୈଶବାବସ୍ଥାରେ ଥିଲା, ସେତେବେଳେ ଲତା ମଙ୍ଗେସକରଙ୍କ ସ୍ୱର ଭାରତୀୟମାନଙ୍କୁ ଭାବପ୍ରବଣ କରି ରଖିବାଠାରୁ ଆରମ୍ଭ କରି ବଜାୟ ରହିଥିଲା ଭାରତ ବିଶ୍ୱର ଅନେକ ରାଷ୍ଟ୍ରଙ୍କୁ କୋମଳ ଶକ୍ତି ରପ୍ତାନୀ କରିବାର ସାମର୍ଥ୍ୟ ହାସଲ କରିବା ପର୍ଯ୍ୟନ୍ତ। ସଂଗୀତ କ୍ଷେତ୍ରରେ ସ୍ୱର ସଂଯୋଜକ ଖେମ୍‌ଚାନ୍ଦ ପ୍ରକାଶଙ୍କଠାରୁ ଆରମ୍ଭ କରି ଏଆର୍ ରେହମାନଙ୍କ ପର୍ଯ୍ୟନ୍ତ ତଥା ଅଭିନେତ୍ରୀ ନର୍ଗିସ ଦତ୍ତଙ୍କ ଅମଳରୁ ପ୍ରୀତି ଜିଣ୍ଟାଙ୍କ ଅମଳ ଯାଏଁ କାମ କରିବା ପର୍ଯ୍ୟନ୍ତ ଲମ୍ବିଥିଲା ତାଙ୍କର ଦୀର୍ଘ ଅବଧିର ଯାତ୍ରା। ଗୋଟିଏ ସମୟରେ ତ ସେ ନିଜ ଭଉଣୀ ଆଶା ଭୋସ୍‌ଲେଙ୍କ ସହିତ ରାଜୁତି କରୁଥିଲେ ବଲିଉଡ୍‌ରେ ଏବଂ ନିଜ ନିଜ ପାଇଁ ଦୁଇ ଭଉଣୀ ଭାଷା, ବୟସ ଓ ଭୌଗୋଳିକ ପ୍ରତିବନ୍ଧକ ଗୁଡ଼ିକ ନିର୍ବିଶେଷରେ ପକ୍‌କା କରି ନେଇଥିଲେ ସ୍ୱତନ୍ତ୍ର ସ୍ଥାନ। ସେ ଥିଲେ ପ୍ରଥମ ଭାରତୀୟା, ଯିଏକି ଲଣ୍ଡନ୍‌ର ସମ୍ମାନଜନକ ରୟାଲ ଆଲବର୍ଟ ହଲ୍‌ରେ ଗୀତ ଗାଇଥିଲେ। ପ୍ରତି ପଦକ୍ଷେପରେ ନୂଆ ନୂଆ ଶିକ୍ଷା ଅର୍ଜନ କରିବାକୁ କୁଣ୍ଠିତ ହେଉ ନଥିଲେ ସେ କେବେ। ଏକଦା ଏକ ହିନ୍ଦୀ-ଉର୍ଦ୍ଦୁ ଗୀତଟିଏ ଗାଇବାବେଳେ ବଲିଉଡର ଅନ୍ୟତମ ମହାନ୍ ଅଭିନେତା ଦିଲ୍ଲୀପ କୁମାର ନାପସନ୍ଦ କରିବା ଭଳି ଏକ ଲଘୁ ମନ୍ତବ୍ୟ ଦେବାପରେ ସେ ଉର୍ଦ୍ଦୁ ଶିକ୍ଷାଲାଭ କରିଥିଲେ। ସେ ଆଜି ନାହାନ୍ତି ସତ କିନ୍ତୁ ସଂଗୀତ ସାମ୍ରାଜ୍ଞୀ ଭାବେ ସେ ଚିର ଜାଜୁଲ୍ୟମାନ ହୋଇ ସବୁ ସଂଗୀତ ପ୍ରେମୀଙ୍କ ହୃଦୟରେ ରହିବେ ।

# ଲତାଜୀ, ହୀରାବେନଙ୍କୁ ଚିଠି ଓ ଅମିତାଭ

ଅନୁପମା ଭୂୟାଁ

ବସନ୍ତ ପଞ୍ଚମୀର ଅପୂର୍ବ ପାର୍ବଣର ମହକ ସାମାନ୍ୟ ମାତ୍ର ଯାଇଛି। ଏବେ ବି ତରୁ ଓ ବଉଳର ଅରୁଣିମା ଆମ ସାମ୍ନାରେ। ହେଲେ କୋଟି କୋଟି ଭାରତୀୟଙ୍କ ଓ ସଙ୍ଗୀତପ୍ରେମୀଙ୍କ ଆଖିର ଲୁହ ନିରବରେ ସ୍ରୋତସ୍ୱନୀ ମନ୍ଦାକିନୀ ପରି ବହି ଯାଉଛି। ଆଜି ଲତାଜୀଙ୍କ କଣ୍ଠର ଐନ୍ଦ୍ରଜାଲିକ ସ୍ୱର ନିର୍ଗତ ହେବାର ସମସ୍ତ ସମ୍ଭାବନାର ଶେଷ ହୋଇଛି ଓ ଛଅ ଦଶକରୁ ଅଧିକ ସୁଦୀର୍ଘ ସମୟ ଇତିମଧ୍ୟରେ ପାଲଟିଛି ଆଜି ପାଇଁ ଇତିହାସ। ଏ ବସନ୍ତ ସବୁଦିନ ପାଇଁ ଅପସରି ଯାଇଛି ଆଉ ଏହା ସଂପୂର୍ଣ୍ଣ ଅବିଶ୍ୱସନୀୟ ଯେ ଆମ ସମସ୍ତଙ୍କର ପ୍ରିୟ ଲତାଜୀ ଆମ ଗହଣରେ ଆଉ ନାହାଁନ୍ତି। ବାଗ୍‌ଦେବୀଙ୍କ ବିସର୍ଜନ ହୋଇଛି ଏହା ସହ ଭାରତର ପ୍ରିୟ ସ୍ୱର ମାଆ ସରସ୍ୱତୀଙ୍କ ସ୍ୱର ଅଟକିଯିବା ସହ ସଙ୍ଗୀତ ଜଗତରେ ଏକ ଯୁଗର ପୂର୍ଣ୍ଣଚ୍ଛେଦ ପଡ଼ିଛି। ଛତିଶଟି ଭାରତୀୟ ଭାଷାରେ କଣ୍ଠଦେଇ ୨୫ ହଜାରରୁ ଉର୍ଦ୍ଧ୍ୱ ଗୀତ ତାଙ୍କ କଣ୍ଠରୁ ଆସିଛି। ଏପରି ଏକ ସମୟ ଥିଲା ମୁମ୍ବାଇ ମହାନଗରୀରେ ଏହି ପିତୃହରା ଛୋଟ ଝିଅଟିର କାନ୍ଧ ଉପରେ ସାତ ଜଣିଆ ପରିବାରର ଦାନାକନା ପାଇଁ ଚିନ୍ତା ହିଁ ଥିଲା। ମାଆ ସରସ୍ୱତୀଙ୍କ ଆଦରଣୀୟା ବଡ଼ ଝିଅର ମର୍ଯ୍ୟାଦାରେ ସେ ମହିମା ବିମଣ୍ଡିତ ଥିଲେ। ହୃଦୟ ଭିତରର କୋହ, ଲୁହ, ପ୍ରେମର ଅନ୍ତରାଳ କରୁଣ ଚିତ୍ର ନିର୍ଜନତା ହେଉ ବା ନିସଙ୍ଗତା ସବୁକିଛିର ଚିରମୁଗ୍ଧ ସ୍ୱରଟିର ଯବନିକା ପଡ଼ିବା ସହ ଗୋଟିଏ ଯୁଗର ସମ୍ଭବତଃ କିମ୍ବଦନ୍ତୀ ରହିଗଲା ଢ଼େର ପଛରେ।

ଲତାଜୀଙ୍କ ମାତୃଭାଷା ଥିଲା ମରାଠୀ। କିନ୍ତୁ ସେ ପ୍ରଥମ ଥର ପାଇଁ ଗୁଜରାଟୀ ଭାଷାରେ ଏକ ଚିଠି ଲେଖିଥିଲେ। ସବୁଠାରୁ ବଡ଼କଥା ହେଉଛି ସେ ଏହି ଚିଠି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମା' ହୀରାବେନଙ୍କ ନିକଟକୁ ୨୦୧୯ ଜୁନ୍‌ରେ ପଠାଇଥିଲେ। ସେହି ସମୟରେ ମୋଦି ବିପୁଳ ଭୋଟରେ ବିଜୟୀ ହେବା ସହ ଦ୍ୱିତୀୟଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିଲେ। ଚିଠିରେ ଲତାଜୀ ଲେଖିଥିଲେ 'ଦ୍ୱିତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ହୋଇଥିବାରୁ ଆପଣଙ୍କ ପୁଅ ତଥା ମୋର ଭାଇଙ୍କୁ ଅଭିନନ୍ଦନ। ପ୍ରଥମଥର ପାଇଁ ଗୁଜରାଟୀରେ ଏହି ଚିଠି ଲେଖୁଛି। ଯଦି କିଛି ଭୁଲ ରହିଯାଇଥିବ କ୍ଷମା କରିବେ'। ଲତାଜୀ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଉକ୍ତ ଚିଠିରେ ଭାଇ ତଥା ନିଜକୁ ହୀରାବେନଙ୍କ ଝିଅ ବୋଲି ଉଲ୍ଲେଖ କରିଥିଲେ। ଲତାଜୀଙ୍କ ସହ ମୋଦିଙ୍କ ପରିବାରର ଏଭଳି ସମ୍ପର୍କ ବିଷୟରେ ପ୍ରଧାନମନ୍ତ୍ରୀଙ୍କ ୱେବସାଇଟରୁ ଜଣାପଡ଼ିଛି। ୨୦୧୩ରେ ଲତାଜୀ ତାଙ୍କ ପିତା ଦୀନନାଥ ମଙ୍ଗେସକରଙ୍କ ସ୍ମୃତିରେ ଏକ ହସ୍ପିଟାଲ ନିର୍ମାଣ କରିଥିଲେ। ଉକ୍ତ ହସ୍ପିଟାଲ ଉଦ୍‌ଘାଟନ କରିବାକୁ ସେ ମୋଦି (ତତ୍କାଳୀନ ଗୁଜରାଟ ମୁଖ୍ୟମନ୍ତ୍ରୀ)ଙ୍କୁ ନିମନ୍ତ୍ରଣ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଲତାଜୀ କହିଥିଲେ କି ନରେନ୍ଦ୍ର ଭାଇଙ୍କୁ ଆମେ ପ୍ରଧାନମନ୍ତ୍ରୀ ଭାବେ ଦେଖିବାକୁ ଚାହୁଁ। ସେଥିପାଇଁ ଭଗବାନଙ୍କ ନିକଟରେ ପ୍ରାର୍ଥନା କରୁଛୁ। ଉଭୟ ଲତାଜୀ ଓ ମୋଦିଙ୍କ ଜନ୍ମମାସ ଗୋଟିଏ (ସେପ୍ଟେମ୍ବର)। ସେଥିପାଇଁ ଜନ୍ମ ଉତ୍ସବକୁ ମିଳିତ ଭାବେ ମନାଇଥାନ୍ତି। ସେହିଭଳି ଲତାଜୀ ମଧ୍ୟ ମୋଦିଙ୍କ ନିକଟକୁ ରକ୍ଷାବନ୍ଧନ ଅବସରରେ ରାଖୀ



ପଠାନ୍ତି। କିନ୍ତୁ କରୋନା ଯୋଗୁଁ ୨୦୨୦ରେ ସେ ରାଖୀ ପଠାଇ ପାରି ନଥିବାରୁ କ୍ଷୋଭ ପ୍ରକାଶ କରିଥିଲେ।

ବଲିଉଡରେ ବିଗ୍ ବି ଭାବେ ପରିଚିତ ମେଗାଷ୍ଟାର ଅମିତାଭ ବଚ୍ଚନ କିମ୍ବଦନ୍ତୀ ଗାୟିକା ଲତା ମଙ୍ଗେସକରଙ୍କୁ ସରସ୍ୱତୀଙ୍କ ଅବତାର ଆଖ୍ୟା ଦେଇଛନ୍ତି। ନିକଟରେ ସୋସିଆଲ ମିଡ଼ିଆରେ ଏକ ପୁରସ୍କାର ସମାରୋହର ଭିଡ଼ିଓ ଜାରି କରି ସେ ଲତାଜୀଙ୍କୁ ମହାନ କଳାକାର ଓ ସହସ୍ରାବ୍ଦୀର ସ୍ୱର ବୋଲି କହି ପ୍ରଶଂସା କରିଛନ୍ତି। ଏହି ଭିଡ଼ିଓରେ ଅମିତାଭ କହିଛନ୍ତି ଯେ ଯିଏ ନିଜେ ଜଣେ ସ୍ୱତନ୍ତ୍ର ପରିଚୟ ତାଙ୍କର ମୁଁ କ'ଣ ପରିଚୟ ଦେବି। ସେ କେବଳ ଭାରତର ନୁହନ୍ତି ସାରା ବିଶ୍ୱର ସ୍ୱର। ଅତୀତର ଏକ କଥାକୁ ମନେ ପକାଇ ସେ କହିଛନ୍ତି ଯେ ମୋ ସହ ଯେତେବେଳେ ପଡ଼ୋଶୀ ଦେଶର ଲୋକଙ୍କ ଭେଟ ହୁଏ ସେମାନେ ମୋତେ କହିଥାନ୍ତି ଯେ ମାତ୍ର ଦୁଇଟି ଜିନିଷକୁ ଛାଡ଼ି ଭାରତରେ ଯାହା ଅଛି ଆମ ପାଖରେ ତାହା ଅଛି। ସେହି ଦୁଇଟି ଜିନିଷ ହେଉଛି ତାଜମହଲ ଓ ଲତା ମଙ୍ଗେସକର ବୋଲି ସେମାନେ କହିଥାନ୍ତି। ଏହି ଭିଡ଼ିଓରେ ଲତାଜୀଙ୍କୁ ମଞ୍ଚକୁ ଡାକିବା ପୂର୍ବରୁ ଅମିତାଭ କହୁଛନ୍ତି ଯେ ଭଗବାନ ଓ ସଙ୍ଗୀତ ମଧ୍ୟରେ ଏକ ସ୍ୱତନ୍ତ୍ର ସଂପର୍କ ରହିଛି ବୋଲି ମୁଁ ବିଶ୍ୱାସ କରେ। ଯଦି ମଣିଷର ଆତ୍ମାକୁ ଭଗବାନଙ୍କ ସହିତ ଯଦି କୌଣସି ଡୋର ଯୋଡ଼ିଥାଏ ସେ ହେଉଛନ୍ତତି ଲତା ମଙ୍ଗେସକର। ସେ ବାସ୍ତବରେ ମା'ସରସ୍ୱତୀଙ୍କ ଅତାର। ମୁଁ ତାଙ୍କ ସାମ୍ନାରେ ନତ ମସ୍ତକ ହେଉଛି। ମଞ୍ଚ ଉପରକୁ ଆସିବା ପରେ ଲତାଜୀ କହିଥିଲେ ଯେ ମୁଁ ଅମିତାଭଙ୍କ ଅଭିନୀତ ଏକ ଗୀତ ଗାଇବି। ସେ ଅମିତାଭଙ୍କୁ ଜଣେ ଶ୍ରେଷ୍ଠ କଳାକାର ବୋଲି କହିବା ସହିତ ତାଙ୍କୁ ସମ୍ମାନ ଦିଅନ୍ତି ବୋଲି ଲତାଜୀ କହିଥିଲେ। ସେହି ମଞ୍ଚରେ ଲତାଜୀ କହିଥିଲେ ଯେ ଅନେକ କୁହନ୍ତି ମୋତେ ଅମିତାଭଙ୍କ ଅଭିନୟ ଭଲ ଲାଗେନାହିଁ। ତାହା କିନ୍ତୁ ସତ ନୁହେଁ। ମୋ ପାଇଁ ସେ ଜଣେ ବହୁତ ବଡ଼ କଳାକାର। ଏହି ଭିଡ଼ିଓ କ୍ଲିପରେ ଅମିତାଭ କହିଛନ୍ତି ଯେ ନିୟୁତ ନିୟୁତ ଶତାବ୍ଦୀର ସ୍ୱର ଆମକୁ ଛାଡ଼ି ଚାଲିଯାଇଛନ୍ତି। ତାଙ୍କ ସ୍ୱର ଏବେ ସ୍ୱର୍ଗରେ ପ୍ରତିଧ୍ୱନିତ ହେଉଥିବ।

ଜନ୍ମ ସମୟରୁ ଲତାଜୀଙ୍କ ନାମ ହୃଦୟା ଦିଆଯାଇଥିଲା। ପରେ ତାଙ୍କ ପିତା ଏକ ନାଟକ 'ଭାଉବନ୍ଧନ'ରେ ମହିଳା ଭୂମିକାରେ ଅବତୀର୍ଣ୍ଣ ହୋଇଥିଲେ। ସେହି ଚରିତ୍ରର ନାମ ଥିଲା ଲତିକା। ଏହି ଲତିକା ନାମରୁ ପ୍ରେରିତ ହୋଇ ସେ ନିଜ ବଡ଼ଝିଅର ନାମ ଲତା ରଖିଥିଲେ। ସାରା ଭାରତ ନିସ୍ତବ୍ଧ, ମ୍ରିୟମାଣ। କୋକିଳକଣ୍ଠୀ ଲତାଙ୍କ ପାଇଁ ସଙ୍ଗୀତପ୍ରେମୀଙ୍କ ମନରେ ଅମାପ କୋହ। ଲିଭି ଯାଇଛି ସେ ଅଲିଭା ସ୍ୱର। ଛାଡ଼ି ଯାଇଛି ଭାରତୀୟ ସଙ୍ଗୀତ ପାଇଁ ଅପୂରଣୀୟ ଶୂନ୍ୟସ୍ଥାନ। ଦୀର୍ଘ ୮ ଦଶନ୍ଧିର ସ୍ୱର ସାମ୍ରାଜ୍ୟର ସମାପ୍ତି ହୋଇଛି। କିନ୍ତୁ ମୃତ୍ୟୁ ପରେ ବି ଅମର ରହିଯାଇଛି ତାଙ୍କ ସଙ୍ଗୀତ। ପ୍ରତି ଭାରତୀୟ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ସର୍ବଦା ତାଙ୍କ ପାଇଁ ସଂରକ୍ଷିତ। ସେ ରୁହନ୍ତୁ କି ନରୁହନ୍ତୁ, ତାଙ୍କ କଣ୍ଠର ଯାଦୁକରି ଚିରକାଳ ରହିଥିବ। ସେ ଗାଆନ୍ତୁ କି ନଗାଆନ୍ତୁ ତାଙ୍କ ସ୍ୱରର ପ୍ରତିଧ୍ୱନି ଗୁଞ୍ଜରିତ ହେଉଥିବ। ପାର୍ଥିବ ଶରୀରଧାରୀ ବାଗ୍‌ଦେବୀ ଭାବେ ସେ ସବୁବେଳେ ପୂଜା ପାଉଥିବେ। ସୁର ସାମ୍ରାଜ୍ଞୀଙ୍କୁ ଶୋକଭରା ବିଦାୟ।

+ସାଇବିଥି, ୭ଡ଼ି/୧୩୫୪,
ସେକ୍ଟର-୯, ସିଡ଼ିଏ, କଟକ,
ମୋ: ୯୯୩୭୫୮୧୭୦୭

# ମା'କଶ୍ଚିତ୍ ଦୁଃଖ ଭାଗ୍ ଭବେତ୍



ବିଦ୍ୟାଧର ପଣ୍ଡା

(ପୂର୍ବ ପ୍ରକାଶିତ ଉତ୍ତାରୁ)

କେତେ ଗୁଡିଏ କଥାକୁ ବିଚାରକୁ ନେଲେ ଆମର ଏବେ ଗ୍ରାମୀଣ ବିକାଶ ପ୍ରତ୍ୟେକ ଜାଗାରେ ଅଧାଅଧୁରା। ପ୍ରାୟ ପଂଚାୟତର ବିଦ୍ୟାଳୟ ଗୃହଛାତରୁ ପାଣି ବହୁଛି। ସ୍ୱାସ୍ଥ୍ୟ ବିଭାଗର ଢାଂଚାରେ ବହୁତ କମି। କେତେକ ଡାକ୍ତରଖାନାରେ ବର୍ଷବର୍ଷ ଧରି ଡାକ୍ତର ନାହାନ୍ତି। ରାସ୍ତା ନିର୍ମାଣର ମାନ ବହୁତ ଖରାପ। ପଦେପଦେ ଦୁର୍ନୀତିର ଗନ୍ଧ ବେଶ ବାରି ହୋଇଯାଉଛି। ଯେଉଁ ଦଳର ନେତା ହୁଅନ୍ତୁ ନା କାହିଁକି ସିଏ ବିଜୁ ପକ୍କାଘରପାଇଁ କୋଡିଏ ରୁ ତିରିଶ ପ୍ରତିଶତ ଅର୍ଥ ଦାବି କରୁଛନ୍ତି। ସ୍ୱଚ୍ଛ ଭାରତର ପାଇଖାନାଟିଏ ପାଇଁ ହାତଗୁଞ୍ଜା ଦେବାକୁ ଲୋକମାନେ ବାଧ। ଏପରି ପରିସ୍ଥିତିରେ ଯେଉଁଠାରେ ସୁଶିକ୍ଷିତ, ସ୍ୱଚ୍ଛ ଏବଂ ସମାଜସେବୀ ଛିଡା ହୋଇଛନ୍ତି, ସେ ସମସ୍ତଙ୍କୁ ଜିତାଇବା ଉଚିତ୍। ଏହି ଦାୟିତ୍ୱ ଆମ ସମସ୍ତଙ୍କର। ଇଂ. ବାନାମ୍ବର ନାୟକଙ୍କର ବନ୍ଧୁପତ୍ନୀ ସୀମା ଖଟୋଇ ଶଗଡା ପଂଚାୟତର ସରଂପଚ ପ୍ରାର୍ଥିନୀ ହିସାବରେ ନିଜର ଭାଗ୍ୟ ତଲାସୁଥିବା ସମୟରେ ଦୁଇଜଣଙ୍କର ଉପସ୍ଥିତି ସବୁଦଳର ପ୍ରାର୍ଥୀମାନଙ୍କୁ ଭୟଭୀତ କରେଇଦେଇଛି। ଶ୍ରୀମତୀ ସୀମା ଖଟୋଇଙ୍କ ସ୍ୱାମୀ ରାଧେଶ୍ୟାମ ଭାଇଙ୍କୁ ଜଣେ ପୂର୍ଣ୍ଣକାଳୀନ ସମାଜସେବୀ କହିଲେ ଅତ୍ୟୁକ୍ତି ହେବନି। ସମାଜସେବା ସହ ସ୍ୱଧର୍ମକୁ ପାଥେୟ କରି ନିଜର ଧର୍ମପତ୍ନୀଙ୍କୁ ପ୍ରତ୍ୟକ୍ଷ ରାଜନୀତି ପଡିଆରେ ଲଢେଇ କରିବାକୁ ଅନୁମତି ଦେଇଥିବାରୁ ଅଂଚଳବାସୀ ତାଙ୍କୁ ହୃଦୟର ଗଭୀରତମ ପ୍ରଦେଶରୁ ଆନ୍ତରିକ ଧନ୍ୟବାଦ ଜ୍ଞାପନ କରୁଛନ୍ତି। ସେ ଗାଁ ମାଟିକୁ ଭାରି ଭଲ ପାଆନ୍ତି। ସଦାସର୍ବଦା ଦୁଃଖୀର ଦୁଃଖରେ ଦୁଃଖୀ ଏବଂ ସୁଖରେ ସୁଖୀ ହେବାଟା ତାଙ୍କର ଜନ୍ମସିଦ୍ଧ ପ୍ରକୃତୀ। ରାଧେଶ୍ୟାମ ଭାଇ ଜାଗଯଜ୍ଞ ଏବଂ ପୂଜାପର୍ବାଣି ସହ ସଂକୀର୍ତ୍ତନ ମଣ୍ଡଳୀ ଆଦିର ଆୟୋଜନରେ ବିଶେଷ ରୁଚି ରଖନ୍ତି। ଏଥର ଶଗଡା ପଂଚାୟତର ଅଧିକାଂଶ ନାଗରିକ ଭଉଣୀ ସୀମା ଖଟୋଇଙ୍କୁ ସରଂପଚ ଏବଂ ଇଂ, ବାନାମ୍ବର ଭାଇଙ୍କୁ ସମିତି ସଭ୍ୟ ହିସାବରେ ଚୟନ କରିବାକୁ ମନସ୍ଥ କରିଛନ୍ତି। ସୀମା ଖଟୋଇଙ୍କର ଧାର୍ମିକତା ସହ ବାନାମ୍ବର ନାୟକଙ୍କ ଦୂରଦୃଷ୍ଟି ଏବଂ ଯାନ୍ତ୍ରୀକ ଅନୁଭୂତି ସମସ୍ତଙ୍କୁ ଆକୃଷ୍ଟ କରିଛି। ଯଦି ଏହାର ବ୍ୟତିକ୍ରମ ହୁଏ, ଅର୍ଥାତ୍ ମତପେଟି ଖୋଲାଯାଇ ମତଗଣନା ଦିନ ଯଦି କିଛି ଓଲଟପାଲଟ ହୋଇଯାଏ, ତେବେ ଅନେକ ବୁଦ୍ଧିଜୀବୀ କୁହନ୍ତି ଯେ ଗରିବଙ୍କ ହିତରେ କାମ କରିବାକୁ ପ୍ରୟାସ କରୁଥିବା ଦୁଇଜଣ ସଚ୍ଚୋଟ ବ୍ୟକ୍ତିଙ୍କ ମନୋବଳ ମରିଯିବ, ସେମାନେ ସେଦିନ ହତାଶ ହୋଇଯିବେ ଏବଂ ଦୁର୍ନୀତିଖୋର୍ ରାଜନେତାଙ୍କ ଉତ୍ପାତ ଆରମ୍ଭ ହୋଇଯିବ। ତେଣୁ ଶଗଡା ଅଂଚଳବାସୀ ଅର୍ଥାତ୍ ଅଙ୍କୁଶପୁର, ଶଗଡା,ଶଗଡା ଦେଉଳୀ, କାନପୁର, ଓଳିକଣା, ଶ୍ରୀମୂଳିହା, ଚିତ୍ରା, ଏକୋମକଣା ଓ ଘୋଡାଶାଳିଆର ସମସ୍ତ ଗ୍ରାମବାସୀବୃନ୍ଦ ଏକ ସ୍ୱରରେ ସୀମା ଖଟୋଇଙ୍କୁ ମାଛ ଚିହ୍ନରେ ଏବଂ ଇଂ. ବାନାମ୍ବର ନାୟକଙ୍କୁ ତାଲାଚାବି ଚିହ୍ନରେ ଭୋଟମାରି ଜୟଯୁକ୍ତ କରିବାକୁ ମନସ୍ଥ କରିଛନ୍ତି। ଶଗଡା ପଂଚାୟତ ପାଇଁ ସୀମା ଭଉଣୀର ମାଛ ଚିହ୍ନ ଏକ ଶୁଭସଙ୍କେତ ପରି ଲାଗୁଥିବା ବେଳେ ଓ ଇଂ. ବାନାମ୍ବର ନାୟକଙ୍କର ତାଲାଚାବି ଚିହ୍ନକୁ କେତେଜଣ ଶଗଡା ପଂଚାୟତର ଭାଗ୍ୟଖୋଲା ଚାବି ବୋଲି ମାନୁଛନ୍ତି। ତେଣୁ ଏହି ମାଛ ଏବଂ ତାଲାଚାବି ଚିହ୍ନରେ ମୋହର ମାରି ସୀମା ଏବଂ ବାନାମ୍ବର ଭାଇଙ୍କୁ ଜୟଯୁକ୍ତ କରାଇଲେ ଶଗଡାର ଭାଗ୍ୟ ଖୋଲିଯିବ ଏବଂ ରାଜାନୀତିରେ ଶୁଦ୍ଧ ବାତାବରଣ ସୃଷ୍ଟି ହେବାର ସମ୍ଭାବନା ଜଳଜଳ ହୋଇ ଦିଶୁଛି। ଦୁର୍ନୀତିର ମୂଳ ଉପୁଡି ଉନ୍ନତି ଶକ୍ତ ମୂଳଦୁଆ ପକାଇବାକୁ ଦୁଇଜଣଙ୍କର ଅଶେଷ ଆଗ୍ରହ।

ଏହିପରି ରାଜ୍ୟର ଅନେକ ଜାଗାରେ ବହୁତ ଭଲଭଲ ଲୋକ କୌଣସି ଦଳିୟ ନେତାଙ୍କ ସମର୍ଥନ ନପାଇ ସ୍ୱାଧୀନ ଭାବରେ ନିର୍ବାଚନ ଲଢୁଛନ୍ତି। ସେମାନେ ଯଦି ଯୋଗ୍ୟ, ତାଙ୍କୁ ଭୋଟ ଦେବା ଉଚିତ୍। କାରଣ ଦଳିୟ ପ୍ରାର୍ଥୀଙ୍କ ମୁଖିଆଙ୍କୁ ଦେଖି ଅଯୋଗ୍ୟ ପ୍ରାର୍ଥୀମାନଙ୍କୁ ଚୟନ କରିବା ଫଳରେ ଦେଶର ଅବସ୍ଥା ଆଜି ଏମିତି। ତେଣୁ ଶଗଡାପରି ସାରାରାଜ୍ୟର ନାଗରିକ ମାନେ ସମସ୍ତପ୍ରାର୍ଥୀଙ୍କୁ ଭଲଭାବରେ ପରୀକ୍ଷାନିରୀକ୍ଷା କରି ଯୋଗ୍ୟପ୍ରାର୍ଥୀଙ୍କୁ ହିଁ ବିପୁଳସଂଖ୍ୟାରେ ମତଦାନ କରି ଜୟଯୁକ୍ତ କରାଇ ଗଣତନ୍ତ୍ରର ମୂଳଦୁଆକୁ ସୁଦୃଢ କରନ୍ତୁ। ରାଜନୀତିରେ ଅନାଦିକାଳରୁ ଚାଲିଆସୁଥିବା କଳଙ୍କକୁ ପୋଛି ରାଜନୀତିରେ ଭଦ୍ର ଲୋକମାନଙ୍କୁ ପ୍ରୋତ୍ସାହନ ଦେବା ସଂଗେସଂଗେ ରାଜନୀତି କ୍ଷେତ୍ରକୁ କଳଙ୍କମୁକ୍ତ କରନ୍ତୁ। ସମସ୍ତ ରାଜନୈତିକ ପଦପଦବିରେ ଭଲ ଏବଂ ସଚ୍ଚୋଟ ଲୋକଙ୍କୁ ସୁଯୋଗ ମିଳୁ। ସର୍ବେ ଭବନ୍ତୁ ସୁଖୀନଃ। ସର୍ବେ ସନ୍ତୁ ନିରାମୟା। ସର୍ବେ ଭଦ୍ରାଣୀ ପଶ୍ୟନ୍ତୁ। ମା'କଶ୍ଚିତ୍ ଦୁଃଖ ଭାଗ୍ ଭବେତ୍।

(ସମାପ୍ତ)

ପରିବେଶବିତ୍, ଏମ୍.
ଟେକ୍. ଏଲ୍. ଏଲ୍. ବି.
ଏଲ୍-୧୭/୧୫, ପଂଚସଖା
ନଗର, ଡୁମୁଡୁମା,
ଭୁବନେଶ୍ୱର-୧୯
ଜି; ଖୋର୍ଧା, ଓଡ଼ିଶା,
ମୋ-୯୪୩୯୧୨୮୦୫୦




## ପ୍ରିୟତମା...



ଅମୂଲ୍ୟ କୁମାର ପଣ୍ଡା

ଆଗୋ ରାଜହଂସି ଚପଳ ପ୍ରେୟସୀ
ମୋ ପ୍ରେମର ପ୍ରିୟତମା
ସ୍ୱର ଯେ ତୁମର ଅମୃତର ଧାର
ଅବୁଝା ହୁଏନି ଜମା
ମୋର ପ୍ରାଣ ବିନ୍ଦୁ ତୁମେ
ତୁମକୁ ପାଇ ମୁଁ ସବୁ ଯେ ପାଇଛି
ମନ ମୋ ଖୁସିରେ ଝୁମେ ।
ଢଳ ଢଳ ଚାଲି ଆସ ଯେବେ ଖାଲି
ଅଙ୍କା ବଙ୍କା ବାଟଦେଇ
ଲାଗେ ଯେ ଏମିତି ଶାନ୍ତ ସମୁଦ୍ରରେ
ଢେଉ ନାଚେ ଥେଇ ଥେଇ
ତୁମେ ମୋ ଜୀବନ ଗୀତି
ତୁମକୁ ପାଇ ମୁଁ ବୁଝିଗଲି ଆଜି
ସ୍ନେହ ମମତା ଓ ପ୍ରୀତି।
ହସ ଆଗେ ତୁମ
ଗୋଲାପ ଯେ ଫିକା
ମଲ୍ଲି ହେନା ଛାର ଲାଗେ
ଦେଖିଲେ ତୁମକୁ ଯେତେଥର ପ୍ରିୟା
ହୃଦୟେ ବ୍ୟାକୁଳ ଜାଗେ
ତୁମେ ମୋ ଜୀବନ ତରୀ
ତୁମ ମଧୁ ବୋଳା କଥା
ପଦେ ଶୁଣି
ହୃଦେ ଖୁସି ଦିଏ ଭରି ।

♥ଅରଙ୍ଗାବାଦ,
ବରୀ, ଯାଜପୁର
ମୋ: ୯୯୩୮୯୦୬୦୭୦

## ଲତାଯୁଗ ଅବସାନ

ଶରତ ଚନ୍ଦ୍ର ଜାଲି



ଲତାଯୁଗ ଅବସାନ ଲତା ଆଉ ନାହାନ୍ତି
ସଂଗୀତର କୁହୁକରେ ସର୍ବଚିତ୍ତ ମୋହନ୍ତି
ସତେକି ସେ ଭାରତୀ
ଗୀତ ବ୍ରହ୍ମାଣ୍ଡରେ ଥିଲେ
ଅପାସୋରା ସାରଥି ?

ଲତାଦିଦି ଲତାପରି ବ୍ୟାପିଥିଲେ ବିଶ୍ୱରେ
ପ୍ରେମ, ଭକ୍ତି, ଦେଶଗୀତ
ଗାଉଥିଲେ ସୁସ୍ୱରେ
ସମର୍ପିତ ଈଶ୍ୱରେଆଜନ୍ମ ସେ ସନ୍ୟାସିନୀ
ଦୟାଥିଲା ନିଶ୍ୱରେ ?

କିଏ ତାଙ୍କୁ କହୁଥିଲେ ଭାରତର କୋକିଳା
ସରସ୍ୱତୀଙ୍କୁ କେ ଆଣି ତାଙ୍କ
କଣ୍ଠେ ଯୋଖିଲା
ପୁଣ୍ୟମୟ ତିଥିରେ
ଆସିଥିଲେ ପୁଣ୍ୟକାର୍ଯ୍ୟ
କରିବାକୁ ନିତିରେ ?

ସାଉଁଣ୍ଟି ଥିଲେ ସେ
କେତେ ପୁରସ୍କାର, ପ୍ରସଂଶା
ସୁଲଳିତ ଧ୍ୱନୀ ବୁଣି ସାରେ
ଗାମା ପାନିସା
ଯୋଗ୍ୟତମା ସନ୍ତାନ
ଭାରତ ମାତାର ଥିଲେ
ମୂଲ୍ୟବାନ କାଞ୍ଚନ ?

ବହୁଭାଷାଭାଷୀ ଗୀତ
ଗାଉଥିଲେ ଏମିତି
ବୃକ୍ଷରୁ ପତର ଝଡି ପଡୁଥିଲା
ଯେମିତି ଛୁଉଁଥିଲା ହୃଦୟ
କିନ୍ତୁ ନେଲେ ସିଏ ଆଜି
ଧରା କୋଳୁ ବିଦାୟ ?

ତାଙ୍କର ବିଦାୟ ବେଳେ
ନବଖଣ୍ଡ ପୃଥିବୀ
ବିକମ୍ପିତ, ସ୍ତମ୍ଭିଭୂତ ନଈ, ନାଳ, ଅଟବୀ
ପଞ୍ଚଭୂତ ଶରୀର
ବିଲୀନ ହୋଇଛି ସିନା
ସେତ ଚିର ଅମର ?

ଝୁରୁଛି ଏଦେଶ,ଜାତି ଝୁରୁଛନ୍ତି ଜନତା
ପ୍ରଜ୍ୱଳିତ ହୋଇ ଉଠେ
ତାଙ୍କ ଯଶ ସଳିତା
ଚଳଚ୍ଚିତ୍ର ଜଗତେ
ଗୀତରାଣୀ, ବୁଲ୍ ବୁଲ୍ ଥିଲେ
ଏଇ ମରତେ ?

ବନ୍ଦନା କରୁଛି ଦିଦି
ଏ ବିଦାୟ ବେଳରେ
ଚିରନ୍ତନ ଆତ୍ମା ତବ
ଖେଳୁ ବ୍ରହ୍ମ କୋଳରେ
ଲୋତକର ଆଞ୍ଜୁଳି
ଘେନାକର ପ୍ରଣିପାତ
କୋହ ଉଠେ କୁହୁଳି ?

♥ଶିକ୍ଷକ
ପଥରା,ଖଲ୍ଲିକୋଟ,ଗଂଜାମ
ମୋ-୮୨୪୯୫୩୪୨୭୪

## ଭୋଟ୍ ଦେବା ଆସ

ସୁଶାନ୍ତ ରଣା



ଆସୁଛି ଆସୁଛି ପାଖେଇ ଆସୁଛି
ପଞ୍ଚାୟତ ନିର୍ବାଚନ
ଆମ ହାତେ ଆମେ ସର୍କାର ଗଢ଼ିବା
ପାଇବା ହେ ସୁ-ଶାସନ ।
ମଦ ମାଉଁସ ଓ ଟଙ୍କା ପଇସାରେ
ଯିବାନି ବିକିରି ହୋଇ
କା' ମିଠା କଥାରେ ଭୁଲିହେ ଯିବାନି
ସେ ଅମୁକ ଭଲ ଭାଇ !!

ବିଚାର କରିବା ସମୟ ଆସିଛି
ବିଚାର ଭାଇ ଭଉଣୀ
ଆମ୍ଭ ଅଧିକାର ଯୋଗ୍ୟଙ୍କୁ ହେ ଦେବା
ଗ୍ରାମ ହିତେ ଥିବ ସେହି।
ଗୋଟେ କି ଦି' ବର୍ଷ ନୁହେଁ ପାଞ୍ଚ ବର୍ଷ
ଶାସନ କରିବେ ସେହି
ଲୋଭରେ ପଡ଼ି ହେ ଭୁଲ କର ନାହିଁ
ମନରୁ ନ ଭୁଲ କେହି ।

ଗୋଟେ ଭୋଟ ଆମ ବଦଳେଇ ଦେବ
ଦୁର୍ନୀତି ହୋଇବ ନାଶ
ଯୋଗ୍ୟ ପ୍ରାର୍ଥୀ ଚିହ୍ନି ଆମ୍ଭ ଅଧିକାର (ଭୋଟ)
ସ୍ୱ-ଇଚ୍ଛାରେ ଦେବା ଆସ ।

♥ଉତ୍କଳ ଗ୍ରାମୀଣ ବ୍ୟାଙ୍କ
ତେରେସିଂହା, ଜି. କଳାହାଣ୍ଡି
ମୋ- ୭୮୯୪୬୫୭୨୭୪

## ମାଟିଘୋଡା

ସୁଭାଷ ଚନ୍ଦ୍ର ଭୂତିଆ



କେତେଯେ ଅତୀତ ଯାଇଛି
ମାନବ ସଂସ୍କୃତି ନିବିଡ଼ ବିଶ୍ୱାସେ
ଏବେବି ମୋ ସ୍ମୃତି ରହିଛି ।
ପାଷାଣ ଦେବୀଙ୍କ ବାହନ
କଳା ଧଳା ନାଲି ମୋର ରୂପ କାନ୍ତି
ଅଗ୍ର ପୀଠେ ମୋର ଆସ୍ଥାନ ।
ଜୀବନ କଳ୍ପନା ଜଡିତ
ପୂର୍ଣ୍ଣ ଅଭିଳାଶୁ ଉତ୍ପତ୍ତି ମୋହର
ମନାସିକ ହେଲେ ଜାଗ୍ରତ ।
କଳା ଯେ ସ୍ଥାପତ୍ୟ ଭାସ୍କର୍ଯ୍ୟ
ଭାରି ରହିଅଛି ମୋର ଅଙ୍ଗ ସଙ୍ଗେ
ଘନିଷ୍ଠତାର ଏ ପାଚୁର୍ଯ୍ୟ ।
କାହାର ଜୀବିକା ଜୀବନ
କୂଳ ବେଉସାର ମେରୁଦଣ୍ଡ ସାଜି
ଭରିଦିଏ ପେଟରେ ଅନ୍ନ ।
ନିଆଁରେ ମୋଦେହ ପୋଡ଼ା
ଶକ୍ତି ହଜିଗଲେ ଅଲୋଡ଼ା ଅଳିଆ
ମୁହିଁ ଅଟେ ଯେ ମାଟିଘୋଡା।

♥ଡିହଡୋଳ,ଢେଙ୍କାନାଳ

# ଔଷଧ ଖାଇବା ପୂର୍ବରୁ କେତେକ ସାବଧାନତା ଅବଲମ୍ବନ କରନ୍ତୁ

ଆଜିକାଲି ପ୍ରାୟ ସମସ୍ତେ କୌଣସି ରୋଗରେ ପୀଡିତ ଏବଂ ବିଭିନ୍ନ ପ୍ରକାର ରୋଗରୁ ରକ୍ଷା ପାଇବା ପାଇଁ ଆମେ ବିଭିନ୍ନ ପ୍ରକାର ଔଷଧ ବ୍ୟବହାର କରିଥାଉ । ଦେଖିବାକୁ ମିଳେ ଯେ ବ୍ୟକ୍ତି ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ଖାଇଦିଅନନ୍ତି ଏବଂ ବିଭିନ୍ନ ରୋଗରେ ପୀଡିତ ହୁଅନ୍ତି । ଯେତେବେଳେ ତାକୁ ହୋଶ ଆସେ ସେତେବେଳକୁ ବହୁତ ଡେରି ହୋଇଯାଇଥାଏ । ଆମେ ଏପରି କାହିଁକି କରିବା ଯେ ଗୋଟିଏ ରୋଗକୁ ଭଲ କରିବାକୁ ଯାଇ ଅନ୍ୟ ରୋଗର ବଶବର୍ତ୍ତୀ ହେବା । ଔଷଧ ଖାଇବା ପୂର୍ବରୁ କେତେକ ବିଷୟ ପ୍ରତି ଧ୍ୟାନ ଦିଆଯାଇଥାଏ । ନିଜ ଇଚ୍ଛାରେ ଔଷଧ ସେବନ କରନ୍ତୁ ନାହିଁ । ସବୁବେଳେ ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ଖାଆନ୍ତୁ । ଡାକ୍ତରଙ୍କ ପରାମର୍ଶ ପାଳନ କରନ୍ତୁ । ଯେତେବେଳେ ଔଷଧ ଖାଇବାକୁ କହିବେ ସେତେଥର ସେତେବେଳେ ଔଷଧ ଖାଆନ୍ତୁ । ଯଦି ଆପଣ ଅନୁଭବ କରନ୍ତି ଯେ ଡାକ୍ତରଙ୍କ ଔଷଧର କିଛି ଖରାପ ପ୍ରଭାବ ଶରୀର ଉପରେ ପଡୁଛି ତାହାହେଲେ ସଂଗେ ସଂଗେ ଡାକ୍ତରଙ୍କ ପାଖକୁ ଯାଆନ୍ତୁ ଏବଂ ତାଙ୍କୁ ସବୁ ସମସ୍ୟା କୁହନ୍ତୁ । ଘରେ ଯଦି କେହି ଗର୍ଭବତୀ ମହିଳା ଥାଆନ୍ତି ତାହାହେଲେ ଡାକ୍ତରଙ୍କ ବିନା ପରାମର୍ଶରେ ଔଷଧ ଦିଅନ୍ତୁ ନାହିଁ । ଡାକ୍ତରଙ୍କ ପରାମର୍ଶ ଅନୁସାରେ ଔଷଧ ସଠିକ୍ ମାତ୍ରାରେ ଖାଆନ୍ତୁ ନିଜ ମନ ମୁତାବକ କମ୍ ବା ବେଶୀ କରନ୍ତୁ ନାହିଁ । ପିଲାମାନଙ୍କୁ ଔଷଧ ରଖିବା ସ୍ଥାନ ଠାରୁ ଦୂରେଇ ରଖନ୍ତୁ । ଆପଣ ଶରୀର ଠିକ୍ ହୋଇଗଲେ ମଧ୍ୟ ଔଷଧ ସେବନ ଛାଡନ୍ତୁ ନାହିଁ । କାରଣ ଡାକ୍ତର ଏକ ନିର୍ଣ୍ଣିତ ଅବଧି ପର୍ଯ୍ୟନ୍ତ ଖାଇବାକୁ ପରାମର୍ଶ ଦିଅନ୍ତି । ତେଣୁ ସେହି ସମୟ ପର୍ଯ୍ୟନ୍ତ ଔଷଧ ଖାଆନ୍ତୁ ଏବଂ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଔଷଧ ସବୁବେଳେ ଭଲ ଷ୍ଟୋରରୁ ଏବଂ ଏକ୍ସପାରି ଡେଟ ଦେଖି କିଣନ୍ତୁ । ଔଷଧକୁ ପରିଷ୍କାର ହାତରେ ଧରି ଖାଆନ୍ତୁ ।





# ଟୁଥ୍‌ବ୍ରଶ୍‌ରେ ଜୀବାଣୁ

ପ୍ରତିଦିନ ସକାଳୁ ଆମେ ବିଛଣା ଛାଡିବା ପରେ ଟୁଥ୍‌ବ୍ରଶ୍ ଦରିଥାଉ । ଏହି ବ୍ରଶ୍‌ରେ ଦାନ୍ତ ସଫା କରୁ । ହେଲେ କେବେ ଭାବିନଥାଉ ଯେ ଏହି ବ୍ରଶ୍‌ରେ କେତେ ଜୀବାଣୁ ଥାଏ; ଯାହା ଆମକୁ ରୋଗାକ୍ରାନ୍ତ କରାଏ । ଆସନ୍ତୁ ଜାଣିବା ଟୁଥ୍‌ବ୍ରଶ୍‌ର ଜୀବାଣୁ କିପରି ଆମ ଶରୀରକୁ ପ୍ରବେଶ କରେ ।

ଲଣ୍ଡନ ବିଶ୍ୱବିଦ୍ୟାଳୟର ଏକ ଗବେଷଣାରୁ ଜଣାପଡିଛି ଯେ ଟୁଥ୍‌ବ୍ରଶରେ ହିଁ ଅସଂଖ୍ୟ ଜୀବାଣୁ ଭରି ରହିଥାଏ । ଗୋଟିଏ ଖୋଲା ବ୍ରଶ୍‌ରେ ୧୦୦୦ଲକ୍ଷରୁ ଅଧିକ ଜୀବାଣୁ ଥାଏ । ଏଥିରେ ଦୁଇ ପ୍ରକାର ଜୀବାଣୁ ଦେଖାଯାଏ । ପ୍ରଥମଟି ଇ.କୋଲି ଜୀବାଣୁ, ଯାହାଦ୍ୱାରା ଡାଇରିଆ ହୋଇଥାଏ । ଦ୍ୱିତୀୟଟି ଷ୍ଟାଫିଲୋକସି ଜୀବାଣୁ, ଯାହା ଦ୍ୱାରା ଚର୍ମ ସଂକ୍ରମଣ ହୋଇଥାଏ ।

ପାଟିରେ ୧୦୦ରୁ ଉର୍ଦ୍ଧ୍ୱ ସୂକ୍ଷ୍ମ ଜୀବ ଥାଆନ୍ତି । ବାହାରର ଅସୁସ୍ଥ ଜୀବାଣୁ ଏହି ସୂକ୍ଷ୍ମଜୀବର ସଂସ୍ପର୍ଶରେ ଆସିଲେ ରୋଗ ସୃଷ୍ଟି ହୋଇଥାଏ । ବ୍ରଶ୍‌ରେ ଥିବା ଜୀବାଣୁ ଦାନ୍ତ ମୂଳ ମାଢ଼ି ଓ ଦାନ୍ତ ସନ୍ଧିରେ ରହିଥାଏ । ଏହା ବଢ଼ି ବଂଶବିସ୍ତାର ମଧ୍ୟ କରିଥାଏ । ରୋଗପ୍ରତିରୋଧକ ଶକ୍ତି କମ୍ ଥିବା ବ୍ୟକ୍ତିଠାରେ ଏହା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ । ପାଟିରେ ନିଜ ଟୁଥ୍‌ବ୍ରଶ୍ ମାଧ୍ୟମରେ ଅନେକ ଜୀବାଣୁ ପ୍ରବେଶ କରି ରୋଗ ସୃଷ୍ଟି କରିଥାଏ । ତେବେ ଏହି ସମସ୍ୟା ତଥା ଟୁଥ୍‌ବ୍ରଶ୍‌କୁ କିପରି ଜୀବାଣୁ ମୁକ୍ତ କରିପାରିବା ଆସନ୍ତୁ ଜାଣିବା ।

ଶୌଚାଳୟ ପାଖରୁ ଟୁଥ୍‌ବ୍ରଶ୍‌କୁ ଦୂରେଇ ରଖନ୍ତୁ: ପ୍ରାୟତଃ ବାଥ୍‌ରୁମ୍ ଛୋଟ ଥାଏ । ଅନେକଙ୍କ ଘରେ ବାଥ୍‌ରୁମ୍‌କୁ ଲାଗି ଟଏଲେଟ୍ ଥାଏ । ପ୍ରାୟ କେତେକ ଏହି ଟଏଲେଟ୍ ପାଖରେ ଟୁଥ୍‌ବ୍ରଶ୍ ରଖିଥାନ୍ତି । ଟଏଲେଟ୍ ପ୍ୟାନ୍‌ରୁ ଜୀବାଣୁ ପବନରେ ଉଡିବୁଲେ । ତେଣୁ ଯଥା ସମ୍ଭବ ଟୁଥ୍‌ବ୍ରଶକୁ ଟଏଲେଟ୍‌ଠୁ ଦୂରେଇ ରଖନ୍ତୁ ।

ଟୁଥ୍ ବ୍ରଶ ହୋଲଡର: ଟୁଥ୍ ବ୍ରଶ ହୋଲ୍ଡର ଟଏଲେଟ୍ ପାଖରେ ହିଁ ରହିଥାଏ । ଟଏଲେଟ୍‌ର ପ୍ୟାନ୍‌ରୁ ଜଳ ନିର୍ଗତ ହେଲାପରେ ଜୀବାଣୁ ବାୟୁରେ ଉଡିବୁଲେ । ବାଥ୍‌ରୁମ୍ ସଫା କରିବା ସମୟରେ ମଧ୍ୟ ଜୀବାଣୁ ଆପଣଙ୍କ ଟୁଥ୍‌ବ୍ରଶ ସଂସ୍ପର୍ଶରେ ଆସେ । ଟୁଥ୍ ବ୍ରଶ୍ ହୋଲ୍ଡରକୁ ଟଏଲେଟ ପାଖରୁ ଦୂରେଇ ରଖିବା ଉଚିତ୍ । ବାସ୍ତବରେ ଟୁଥ୍‌ବ୍ରଶ୍ ହୋଲ୍ଡର ଘରର ତୃତୀୟ ମଇଳା ଜିନିଷରେ ଗଣା ହେଉଛି ।

ଟୁଥ୍ ବ୍ରଶକୁ ଫୋପାଡନ୍ତୁ: ଆମେରିକାର ଡେଣ୍ଟାଲ ଆସୋସିଏସନ୍ ଅନୁଯାୟୀ ପ୍ରତି ୩-୪ ମାସରେ ବ୍ରଶକୁ ପରିବର୍ତ୍ତନ କରନ୍ତୁ । ଯଦି ବ୍ରଶ୍ ଘସି ହୋଇ ନଷ୍ଟ ହୋଇଯାଇଥାଏ, ତେବେ ଏହାଦ୍ୱାରା ଆପଣ ଅସୁସ୍ଥ ହୋଇ ପାରନ୍ତି । ଏହାଦ୍ୱାରା ପ୍ରତିରକ୍ଷା ପ୍ରଣାଳୀ ଦୁର୍ବଳ ହୋଇ ପଡେ । ଯଦି ଆପଣ ଇଲେକ୍ଟ୍ରୋନିକ୍ସ ଟୁଥ୍‌ବ୍ରଶ୍ ବ୍ୟବହାର କରୁଥାନ୍ତି, ତେବେ ଖରାପ ହୋଇଗଲା ପରେ ଟୁଥ୍‌ବ୍ରଶ୍‌ର ମୁଣ୍ଡକୁ ଫିଙ୍ଗି ଦିଅନ୍ତୁ ।

ପାଟିର ଯତ୍ନ: ପ୍ରତ୍ୟେକ ସମୟରେ ବ୍ରଶ୍ ଏବଂ ଫ୍ଲସ୍ ଦ୍ୱାରା ଦାନ୍ତକୁ ସଫା କରିବା ଆବଶ୍ୟକ । ଦାନ୍ତରେ କେତେ ଜୀବାଣୁ ଲୁଚି ରହିଥାନ୍ତି । ଏହି ଜୀବାଣୁକୁ ମୁକ୍ତ କରିବା ପାଇଁ ବ୍ରଶ କରିବା ପୂର୍ବରୁ ଜୀବାଣୁରୋଧି ମାଉଥ୍ ୱାସ୍ ଦ୍ୱାରା ପାଟି ସଫା କରନ୍ତୁ । ଏହାପରେ ବ୍ରଶ କରିବା ଆବଶ୍ୟକ ।





# ଆସର କବିତା

## ଉଦଳାଠାରେ ଅନୁଷ୍ଠିତ ଧ୍ୱନିପ୍ରତିଧ୍ୱନି ପାଠଚକ୍ରରେ ପଠିତ କବିତା

### ମଣିଷ ମନରେ ଶଙ୍କା

**ପ୍ରଫୁଲ୍ଲ କୁମାର ଖିଲାର**

ଚାଲିଯାଏ ଆଜି ପୁରୁଣା ବରଷ, ନୂଆ ବର୍ଷ ଏବେ ଆସେ,
ଲୋକଙ୍କ ମନରେ ନାହିଁ ଯେ ପୁଲକ ଓମିକ୍ରନ ମାଡ଼ି ବସେ ।
ଦୁଇହଜାର କୋଡ଼ିଏ, ଆଉ ଏକୋଇଶି ଆମ ପାଇଁ ଦେଲା ଧକ୍କା
କେତେ ଯେ ଜୀବନ ଜୀବିକା ହଜିଲା, ମଣିଷ ମନରେ ଶଙ୍କା ।
କରୋନା କରୋନା ଚିତ୍କାରରେ ଖାଲି ଜଗତ ଉଜୁଡ଼ି ଗଲା,
ଶିଳ୍ପ ବାଣିଜ୍ୟରେ ଆଗୁଆ ସହର, ନଗରରେ ଝୁଲେ ତାଲା ।
ମେଳା ମଉଛବ, ମନ୍ଦିର ଦର୍ଶନ, ଦିଅଁ ପୂଜା ବନ୍ଦ ହେଲା,
ଯାନି, ଯାତ୍ରା ସଙ୍ଗେ ଶିକ୍ଷା ଅନୁଷ୍ଠାନ ସବୁଠି ଝୁଲିଲା ତାଲା ।
ତାଲାବନ୍ଦୀ ହୋଇ ମଣିଷ ଗୁଡ଼ାକ ଘରେ ବସି ଦିନ ନେଲେ,
କାମଟେ ନପାଇ ଅଣନିଃଶ୍ୱାସୀରେ ଅଧାରୋଗୀ ପାଲଟିଲେ ।
ଲକ୍ ଡାଉନ, ସଟ୍‌ଡାଉନ, କଂଟେଂଟମେଂଟ ଜୋନ୍,
କ୍ୱାରେନଂଟାଇନ ସେଂଟର,
ଶୁଣି ଶୁଣି କାନ ବଧିରା ହେଲା, ଲୋକେ ହୋଇଗଲେ ବେକାର ।
ଯାନ ଚଳାଚଳ ବନ୍ଦ ରହିଲା, ଯୋଗାଯୋଗ ହେଲା ବିଚ୍ଛିନ୍ନ,
ମନକୁ ଆସିଲା ନୂତନତ୍ୱ ଯାଇ, ସତେ ଆସେ ପୁରାତନ ।
ରାସ୍ତାଘାଟରେ ପୋଲିସ ଲାଠିମାଡ଼, କେତେ ବା କହିବା ଆଉ,
ଗୋଡ଼େଇ ଗୋଡ଼େଇ ପିଟିଲେ ପୋଲିସ ବଢ଼ିଗଲା ତାଙ୍କ ଭାଉ ।
କେତେ ପ୍ରାକୃତିକ ବିପର୍ଯ୍ୟୟ ସଙ୍ଗେ ଘଟଣା ଓ ଦୁର୍ଘଟଣା,
ରାଜନୀତି ଓ ପ୍ରଶାସନ ସ୍ତରେ ଲୋକେ ହେଲେ ବାଟବଣା ।
ତଥାପି ହେ ଦୁଇହଜାର ଏକୋଇଶି, ସୁଖରେ ବିଦାୟ ନିଅ,
ବିଦାୟ ବେଳାରେ ମଣିଷମାନଙ୍କୁ କେବେ ହେଁ ଦୁଃଖ ନଦିଅ ।
ଦୁଇହଜାର ବାଇଶି କରୁଛୁ ସ୍ୱାଗତ ସସମ୍ମାନେ ତୁମେ ଆସ ।
ଯୋଡ଼ହସ୍ତେ ଆଜି କରୁ ନିବେଦନ, ଆସ ଫିଙ୍ଗି ଦୂରେ ରୋଷ ।

ସଂପାଦକ: ଶମୀବୃକ୍ଷ ସାହିତ୍ୟ ସଂସଦ, ପୋଡ଼ାଡିହା
ମୋ: ୮୯୦୮୬୫୬୬୬୨

### ଏଇତ ମଧ୍ୟାହ୍ନ ମାତ୍ର

**ପବିତ୍ର ମୋହନ ବେହେରା**

ରାତିକୁ ନେହୁରା ହୋଇ
ମାଗିଛି ମୁଁ ଟିକେ ମହଲତ
ଅନେକ କିଛି ବାକି ଅଛି
ଏବେ ଏବେ ସାରିବାକୁ ହେବ
ଯେତେସବୁ ଅସଂପୂର୍ଣ୍ଣ ଅଧୁରା ଦାୟିତ୍ୱ ।

ରାତି ତ ଆସିବ ନିଶ୍ଚୟ
ଆସିବ ଯଦି ସେ ଆସୁ ଟିକେ ବିଳମ୍ବରେ
ଅନେକ କିଛି ଦେଖିବାକୁ ଅଛି
ସବୁ କିଛି ଲେଖିବାକୁ ହେବ ଦିନ ଆଲୁଅରେ
ସମୟଟା ବଡ଼ ବଳବାନ
ଲଗାମ ବିହିନ ଏକ ଅମାନିଆ ଘୋଡ଼ା
ତଥାପି ବାରବାର କରେ ଅନୁନୟ
ଏଇତ ମଧ୍ୟାହ୍ନ ମାତ୍ର
ରାତ୍ରିର ସ୍ୱାଗତ ପାଇଁ
ଆସିନାହିଁ ପ୍ରକୃଷ୍ଟ ସମୟ
ଲୁଚିବା ଆଗରୁ ସବୁ ଘନ ଅଂଧକାରେ
ଯାତ୍ରୀ ମୁଁ ଯିବାକୁ ଚାହେଁ
ଦୂରେ ବହୁ ଦୂରେ ।

ଉଠାଣି ଗଡ଼ାଣି ଅସରନ୍ତି ପଥ
ନିଃଶ୍ୱାସର ଗତି ଏଠି ଚିର ଅନିଶ୍ଚିତ
କିଏ ବା ପାରିବ କହି ଆସିବକି ନ ଆସିବ
ଏ ଜୀବନେ କାଲିର ପ୍ରଭାତ ।

ଉଦଳା, ମୟୂରଭଂଜ

### ବାପା

**ସୁଶ୍ରୀ ନମିତା ରାଉତ**

ଯିଏ ମୋର ସ୍ରଷ୍ଟା ସୃଷ୍ଟି ମୁଁ ତାଙ୍କର
ସେହି ତ ମୋର ବାପା
ଭୁଲିବିନି କେବେ ଏ ଦୁଇ ଅକ୍ଷର
ମନେ ରଖିଥିବି ଏକା ।

ତାଙ୍କରି ପାଦରେ ପାଦରଖି ମୁହିଁ
ଚାଲିଛି ପ୍ରଥମ ବାଟ
ତାଙ୍କରି ହାତରେ ମୋ ହାତ ଭରିକି
ଶିଖିଲି ଜୀବନ ପାଠ ।

ଯେବେ ଛୋଟ ଥିଲି ବଡ଼ ହେବାପାଇଁ
ଅଳି କରୁଥିଲି ମୁହିଁ
ସେ ଦୁଇ କାନ୍ଧରେ ବସି ଯାଉଥିଲ
ଦୁନିଆଁ ଦେଖିବାପାଇଁ ।

ଲାଗୁଥିଲା ମୋତେ ଦୁନିଆରେ ସତେ
ମୋଠାରୁ ନାହିଁକେ ବଡ଼
ଆସୁ ଯେତେ ଝଡ଼ ଜୀବନେ ମୋହର
କାହାକୁ ନାହିଁ ମୋ ଡର ।

ନ ଖାଇ ଖୋଇଛି କେତେ ଯେ ଦରବ
ଭୋକରେ ରହି ସେ କେତେ
ଚିରା ଫଟା ପିନ୍ଧି ପିନ୍ଧାଇଛି ଯିଏ
ଭଳିଭଳି ନୂଆ ଯେତେ ।

ତୁଟି ଗଲେ ସବୁରି ସମ୍ପର୍କ
ତିଳେ ହେଲେ ଚିନ୍ତା ନାହିଁ
ବାପା ଥିଲେ ପାଖେ ଏ ସାରା ଦୁନିଆ
ମିଛ ଲାଗେ କାହିଁ ପାଇ ।

ହାରିବନି କେବେ କେଉଁଠି ମୁଁ ଦିନେ
ବାପା ମୋର ଭଗବାନ
କୋଟିଏ ପ୍ରଣତି ସେ ଦୁଇ ପାଦରେ
ଥିବା ଯାଏ ଏ ଜୀବନ ।

♥ ଉଦଳା, ମୟୂରଭଂଜ

### ଭୁଲିଗଲେ କି

**ମାଳତୀମଣୀ ଧଳ**

ଭାଷା ଭିତ୍ତିକ ଓଡ଼ିଶା ସଂଗଠନେ ମୁଖ୍ୟ ପୁରୋଧା
ଶ୍ରୀରାମଚନ୍ଦ୍ର ଭଂଜ ଦେଓଙ୍କୁ ଭୁଲିଗଲେ କି
ମୟୂରଭଂଜ ଗଡ଼ଜାତ ରାଜ୍ୟର ରାଜା ଥିଲେଟି ।

ଉତ୍କଳ ଗୋପବନ୍ଧୁ,ମଧୁସୂଦନ ଦାସ
ସଭିଁଏ ତାଙ୍କ ଗୁଣକୁ ଗାଉଥିଲେଟି
ତାଙ୍କୁ ମର୍ଯ୍ୟାଦା ଦେବାକୁ ଭୁଲିଗଲେ କି ।

ଆଧୁନିକ ଓଡ଼ିଶାର, ଅନ୍ୟତମ ସେ ବିନ୍ଧାଣୀ
ସମ୍ମିଳନୀରେ ସେ ଜଣେ ପୃଷ୍ଠପୋଷକ
ଖବର ରଖନ୍ତୁ ଆମର ଜିଲ୍ଲା ପ୍ରଶାସକ ।

ଡିସେମ୍ବର ମାସ ତିରିଶ ଉଣେଇଶହ ତିନି
ଜନମିଥିଲେ ଆମର ମହାରାଜଶଟି
ମହାନ ବ୍ୟକ୍ତିଙ୍କୁ ଭୁଲିବା ଦୁଃଖ ନୁହେଁ କି ।

ଛଉ ନୃତ୍ୟ ବିଶ୍ୱ ପ୍ରସିଦ୍ଧ ଜମିରେ କୃଷକ ମାଲିକ
ଅବଦାନ ଥିଲା ରାଜାଙ୍କ ଭୁଲିବାନିଟି
ବର୍ଷକରେ ଥରେ ପାଳନ ତାଙ୍କ ଜୟନ୍ତୀ ।

ରେଭେନସା ମହାବିଦ୍ୟାଳୟ, କଟକ ବଡ଼ ମେଡିକାଲ
ସ୍ଥାପନରେ ସେ ସାଜିଥିଲେ ମୁଖ୍ୟ କର୍ଣ୍ଣଧାର
ମନରୁ ଭୁଲି ଗଲେ କି ହେ ସରକାର ।

ବାମନଘାଟୀଠାରେ ଟସର ଚାଷ ଉତ୍ପାଦନ
ଉପଯୁକ୍ତ ସ୍ଥାନଟି ହୋଇଥିବାରୁ
ଥୋଇଥାନ କରିଥିଲେ ସେ ତନ୍ତୁବାୟଙ୍କୁ ।

ଆଖପାଖ ସେଇ ଅଂଚଳୁ ସଂଗ୍ରହ କରାଇ ଲାଖକୁ
ବାମନଘାଟୀ ଉପଖଣ୍ଡ କଲେ କାରଖାନା
କିଛି ଲୋକଙ୍କ ହଟିଗଲା ଦୁଃଖ ଯାତନା ।

ଟେଲିଗ୍ରାଫ୍ ସଂଗେ ସଂଯୋଗ ବାରିପଦା ସାଙ୍ଗେ କଟକ
ତା ସଙ୍ଗେ କରିଥିଲେ ସେ କଲିକତାକୁ
ବାର୍ତ୍ତାଳାପ ସୁବିଧା ହେଲା ଆମକୁ ।
ବାରିପଦାରେ କୋଷ୍ଠାଶ୍ରମ, କରିଥିଲେ ସେ ନିର୍ମାଣ
ପୁଣି ସ୍ୱତନ୍ତ୍ର ହାଇକୋର୍ଟ କରିଥିଲେଟି
ଶ୍ରୀରାମ ଚନ୍ଦ୍ର ଭଂଜଦେଓ ମହାରାଜାଟି ।

ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ଏ ହେବକି ସଂପୂର୍ଣ୍ଣ
ପ୍ରବୀଣଚନ୍ଦ୍ର ଭଂଜଦେଓ ପୂର୍ବତନ ମନ୍ତ୍ରୀ କହିଛନ୍ତି
ଭଂଜବଂଶର ଦାୟାଦ ସେ ଅଟନ୍ତି ।
ତାଙ୍କ ବିକାଶ ମୁଖୀ ଚିନ୍ତା ଧାରାକୁ, ପ୍ରସାର ପ୍ରଚାର କରିଲେ
ଅଗଜତ ବ୍ୟକ୍ତି ଆନ୍ଦୋଳିତ ନିଶ୍ଚେ ହେବେଟି
ଅନୁରୋଧ ରକ୍ଷା କରନ୍ତୁ ଆମ ନବୀନ ସରକାରଟି ।

♥ ବରଡିହି, କୁଶଳଦା, ମୟୂରଭଂଜ
ମୋ: ୮୨୪୯୭୭୬୫୦୪



### ବିଦାୟ ...ବିଦାୟ

**ରଙ୍ଗଲତା ବେହେରା**

ସୁଜନେ କି କହିବି ଦୁଇହଜାର ଏକୋଇଶି କଥା
ଗରିବ ପାଇଁ ଲାଭ ମୋର ହେଲା ଅଶୁଭ
ଯାହା ହଟହଟା କଲାଣି ଦୁଇ ହଜାର ଏକୋଇଶିଟା...
ଆମ ସରକାର ଏମିତି କଲେ କାଳିଆ ଟଙ୍କାକୁ ବାଂଟଣ ଦେଲେ
ପକାଇଥିଲି ମୁଁ ଫର୍ମ ଗୋଟେ
ନ ମିଳିଲା ଅଛି ଛୋଟ ଚାକିରୀଟେ
ଆଶା ମୋ ନିରାଶା ହେଲା, କାଳିଆକୁ କାଳ ଗ୍ରାସିଲା
ଭାବିଲି ମିଳିବ ମୋତେ ଦୁଇ ହଜାର ଟଙ୍କାଟା... ସୁଜନେ..

ବାପା ମୋର ରିଟାୟାର୍ଡ଼ ମାଷ୍ଟର
ପେନ୍‌ସନ୍ ବଢ଼ାଉଥିଲେ ସର୍କାର
ଟଙ୍କା ଚାହିଁ ବାପା ଦିନ ଗଣନ୍ତି
ଟଙ୍କା ହିସାବ ଖାତାରେ ଲେଖନ୍ତି
ଆସିଲା ନୂଆ ବର୍ଷ, ମନ ହେଲା ବିମର୍ଷ
କରୋନା କାଳ ହୋଇଲା କରିଲାସେ କାଳଗ୍ରାସ... ସୁଜନେ...

କେତେ ଉପହାର ଦେଲେ ସର୍କାର ଇନ୍ଦିରା ଆବାସ ବିଜୁ ପକ୍କା ଘର
ବାପାଙ୍କର ଥିଲା ଛୋଟ ପକ୍କା ଘର
ସେଥିପାଇଁ କାଳ ମୋ ପାଇଁ ଘର
ଗ୍ୟାସ୍ ଇନ୍ଧନ ଦେଲେ, ଦଶଥର ବଢ଼ାଇଲେ
ମୋ ପାଇଁ କାଳ ହେଲା ଛୋଟ ଏହି ଚାକିରୀଟା... ସୁଜନେ...

ପିଲାମାନେ ବେଶି ପାଠ ପଢ଼ିଲେ ନୂଆ ନୂଆ କଥା କେତେ ଶିଖିଲେ
ହାଣ୍ଡିଆ, ତାଡ଼ି ଓ ମଦନିଶା
ଫ୍ରିଫାୟାର ପବ୍‌ଜୀ ତା ସାଥେ ମିଶା
ଦିନ ରାତି ବସିଗଲେ, ଟିପାଟିପି କେତେ କଲେ
ଅକାରଣେ ଜୀବନ ନିଏ ଦେଖ ଏହି ମୋବାଇଲିଟା... ସୁଜନେ...

ରାସ୍ତାଘାଟ ସର୍କାର କଲେ ସୁନ୍ଦର, ଆକ୍ସିଡେଂଟ ପୁଣି କେତେ ମର୍ଡର
ଗୁଣ୍ଡାମାନଙ୍କର ରାଜୁତି ହେଲା
କେତେ ଝିଅଙ୍କର ଜୀବନ ଗଲା
ମନେ ଭୟ ଆସିଲାଣି, ଆହୁରି କେତେ କେଜାଣି
ଶୁଭକି ଅଶୁଭ ହେବ ଦୁଇ ହଜାର ବାଇଶିଟା... ସୁଜନେ...

ଦୁଇ ହଜାର ଏକୋଇଶି ବିଦାୟ ପାଳନ କରନ୍ତି ଆମ ଝିଅ ପୁଅ
ଓଡ଼ିଆ ନିତିକୁ ଦେଲେ ପଡ଼ିଆ
ଧରିଛନ୍ତି ବିଦେଶୀଙ୍କ ଫଡ଼ିଆ
କାହାରି ମନେ ନାହିଁ, ସବୁ ଭୁଲି ଗଲେଣି
ଆମର ନୂଆ ବରଷ ମହାବିଷୁବ ସଂକ୍ରାନ୍ତିଟା... ସୁଜନେ..

ସ୍ୱାଗତ କରୁଛି ନୂଆ ବରଷ ସଭିଙ୍କ ମନରେ ଫୁଟାଅ ହସ
କରୋନାକୁ ଆଉ କେହି ଡରନା
ଅଛି ପରା ଆମ କାଳିଆ ସୁନା
କରୋନାକୁ ଧରମାର, ଅନ୍ୟାୟକୁ ତିରସ୍କାର
ସଭିଙ୍କୁ ଘଂଟ ଘୋଡ଼ାଇ କାଳିଆର ବଡ଼ ନେତଟା.. ସୁଜନେ..

♥ ସର୍ବଣାଘାଟୀ, ନୁଦଡିହା, ମୟୂରଭଂଜ
ମୋ: ୯୪୩୭୬୧୨୪୪୫

# ପୌରାଧକ୍ଷ ସଂରକ୍ଷଣରେ ଚଂଚକତା: ରାଜ୍ୟ ନିର୍ବାଚନ କମିଶନ ଆଗରେ ଫେରାଦ ହେଲା ବିଜେପି

ଭୁବନେଶ୍ୱର,୮/୨ (ନି.ପ୍ର): ଆସନ୍ତା ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ସ୍ଥାନ ଓ ପଦ ସଂରକ୍ଷଣ ଏବଂ ଭୋଟର ତାଲିକା ପ୍ରସଙ୍ଗରେ ବିଜ୍ଞପ୍ତି ଜାରୀ କରିଛନ୍ତି । ପୌରାଧକ୍ଷ ସଂରକ୍ଷଣକୁ ନେଇ ହୋଇଥିବା ଏକ ବଡ ଚଂଚକତା ସାମ୍ନାକୁ ଆସିଛି । ସୁନ୍ଦରଗଡ ଜିଲ୍ଲାର ବିରମିତ୍ରପୁର ମ୍ୟୁନିସିପାଲିଟିର ୮୦ ପ୍ରତିଶତ ଆଦିବାସୀ ବହୁଳ ହୋଇଥିବା ବେଳେ ୩ଟି ୱାର୍ଡ ଅଣସଂରକ୍ଷିତ ହୋଇଥିବା ବେଳେ ଅନ୍ୟ ସମସ୍ତ ଏସଟିଙ୍କ ପାଇଁ ସଂରକ୍ଷିତ ରହିଛି । ଏଭଳି ସ୍ଥିତିରେ ପୌରାଧକ୍ଷ ପଦଟି କେଉଁ ଆଧାରରେ ଅଣସଂରକ୍ଷିତ ଭାବେ ପ୍ରକାଶ ପାଇଛି ? ଏହାକୁ ବିରୋଧ କରି ବିରମିତ୍ରପୁର ବିଧାୟକ ଶଙ୍କର ଓରାମ ଗତ ଜାନୁଆରୀ ୨୮ ତାରିଖ ଦିନ ଡାଇରେକ୍ଟର ମ୍ୟୁନିସିପାଲ ଆଡମିନଷ୍ଟ୍ରେସନ୍, ହାଉସିଂ ଓ ଅର୍ବାନ ଡେଭେଲପମେଂଟ୍, ଓଡିଶା ସରକାରଙ୍କୁ ଏକ ପତ୍ର ଲେଖି ଅଭିଯୋଗ କରିଛନ୍ତି । ଏଭଳି କିଛି ଅଭିଯୋଗକୁ ନେଇ ଆଜି ବିଜେପି ପ୍ରତିନିଧି ଦଳ ରାଜ୍ୟ ନିର୍ବାଚନ କମିଶନଙ୍କ ନିକଟରେ ଫେରାଦ ହୋଇଛି । ସେହିପରି ଗତ ୩ ତାରିଖ ସକାଳେ ଗଂଜାମ ଜିଲ୍ଲା ରଙ୍ଗେଇଲୁଣ୍ଡା ବ୍ଲକ ପଦମପୁର ଗ୍ରାମ ପଂଚାୟତ ଅନ୍ତର୍ଗତ ଡୁମୁଡୁମି ଛକ ଠାରେ ବିଜେପି ଜିଲ୍ଲା ପରିଷଦ ପ୍ରାର୍ଥୀ ଶୁବାଷିଶ ସାହୁଙ୍କ ହୋର୍ଡି / ବ୍ୟାନରକୁ ସ୍ଥାନୀୟ ତହସିଲଦାରଙ୍କ ସରକାରୀ ଗାଡି (ଓଡି-୦୭ ଏବି ୫୫୬୬)ରେ କିଛି ବିଜେଡି କର୍ମୀମାନେ ଆସି ଚିରିଫାଡି ଦେଇଥିଲେ । ଯାହାକି ଗଣମାଧମରେ ପ୍ରକାଶ ପାଇଛି ଏବଂ ଏହାର ସିଡି ମଧ ନିର୍ବାଚନ କମିଶନଙ୍କୁ ପ୍ରଦାନ କରାଯାଇଛି । ସେହିଭଳି କଳାହାଣ୍ଡି ଜିଲ୍ଲା ଜୁନାଗଡ ବ୍ଲକ ଜୋନ ନଂ-୨ ଅନ୍ତର୍ଗତ ଗୌଡଛେଣ୍ଡିଆ ଗ୍ରାମରେ ବିଜେଡି କାର୍ଯ୍ୟକର୍ତାମାନେ ସମସ୍ତ ନିୟମକୁ ଜଳାଞ୍ଜଳୀ ଦେଇ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଖୋଲାଖୋଲି ଭାବେ ଟଙ୍କା ବଂଟନ କରିବାର ଭିଡିଓ ଭାଇରାଲ ହୋଇଛି । ଏଭଳି ବେନିୟମ କାର୍ଯ୍ୟ ବିରୋଧରେ ସ୍ଥାନୀୟ ନିର୍ବାଚନ ଅଧିକାରୀଙ୍କୁ ଅଭିଯୋଗ କଲେ ମଧ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ । ଏହି ଘଟଣାର ସିଡି ମଧ ନିର୍ବାଚନ କମିଶନଙ୍କ ନିକଟରେ ଦାଖଲ କରାଯାଇଛି । ରାଜ୍ୟରେ ଅବାଧ, ମୁକ୍ତ ଓ ନିରପେକ୍ଷ ପଂଚାୟତ ଏବଂ ପୌର ନିର୍ବାଚନ ପାଇଁ ରାଜ୍ୟ ନିର୍ବାଚନ କମିଶନ ତୁରନ୍ତ ବିହୀତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ତରଫରୁ ଦାବୀ କରାଯାଇଛି । ଏହି ପ୍ରତିନିଧି ଦଳରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ଲିଗାଲସେଲ୍‌ର ରବି ଶଙ୍କର ପଟ୍ଟନାୟକ, ମହେନ୍ଦ୍ର ପ୍ରଧାନ, ଭୁବନେଶ୍ୱର ମହାନଗର ନିଗମର ପୂର୍ବତନ କର୍ପୋରେଟର ସୁଶାନ୍ତ କୁମାର ଜେନା ପ୍ରମୁଖ ସାମିଲ ଥିଲେ ।

# ଓଡ଼ିଶାକୁ ମିଳିଛି ୨୬ ହଜାର କୋଟି ଅନୁଦାନ : ସିଧାସଳଖ ଉପକୃତ ହୋଇଛନ୍ତି ୩ କୋଟି ଲୋକ

ଭୁବନେଶ୍ୱର,୮/୨ (ନି.ପ୍ର): କରୋନା ମହାମାରୀ ଯୋଗୁ ଲୋକଙ୍କ ଆର୍ଥିକ ମେରୁଦଣ୍ଡ ଦୋହଲି ଯାଇଥିବାବେଳେ କେନ୍ଦ୍ର ସରକାର ଏଭଳି ଦୁର୍ଦ୍ଦିନରେ ଓଡ଼ିଶାକୁ ପ୍ରାୟ ସାଢ଼େ ୨୫ହଜାର କୋଟି ଟଙ୍କାର ଆର୍ଥିକ ଅନୁଦାନ ଯୋଗାଇଛନ୍ତି । ଏହାସହିତ କୋଭିଡ୍ ମୁକାବିଲା ପାଇଁ କେନ୍ଦ୍ର ସରକାରଙ୍କ ବିଭିନ୍ନ ଜନକଲ୍ୟାଣ କାର୍ଯ୍ୟକ୍ରମ ଅନ୍ତର୍ଗତ ରାଜ୍ୟର ୩.୧୦କୋଟି ଲୋକ ସିଧାସଳଖ ଉପକୃତ ହୋଇଥିବା ଜଣାପଡ଼ିଛି । ତଥ୍ୟ ଅନୁସାରେ କରୋନା ମହାମାରୀ ଆସିବା ପରେ ୨୦୨୦-୨୧ ଓ ୨୦୨୧-୨୨ ଆର୍ଥିକ ବର୍ଷରେ ଓଡ଼ିଶାକୁ କେନ୍ଦ୍ର ସରକାର ପ୍ରାୟ ୨୬ହଜାର କୋଟି ଟଙ୍କାର ଅନୁଦାନ ଦେଇଥିବାବେଳେ କେନ୍ଦ୍ର ସରକାରଙ୍କ ପ୍ରଧାନମନ୍ତ୍ରୀ ଗରିବ ଅନ୍ନ ଯୋଜନାରେ ୩.୧୦କୋଟି ଲୋକ, ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନାରେ ୮୩.୬୫ଲକ୍ଷ, ପିଏମକିଷାନରେ ୨୦.୦୩ଲକ୍ଷ, ପ୍ରଧାନମନ୍ତ୍ରୀ ଜନଧନ ଯୋଜନାରେ ୮୧.୨୧ଲକ୍ଷ ଲୋକ, ଜାତୀୟ ସାମାଜିକ ସୁରକ୍ଷା କାର୍ଯ୍ୟକ୍ରମରେ ୨୦.୨୭ଲକ୍ଷ ହିତାଧିକାରୀ, କୋଠାବାଡ଼ି ଶ୍ରମିକ କଲ୍ୟାଣ ପାଣ୍ଠିରୁ ୨୦.୮୩ଲକ୍ଷ, କର୍ମଚାରୀ ଭବିଷ୍ୟ ପାଣ୍ଠି ସହାୟତାରେ ୧.୬୨ଲକ୍ଷ ଲୋକ ଉପକୃତ ହୋଇଛନ୍ତି । କରୋନା ମହାମାରୀ ଆସିବା ପରେ ୨୦୨୦-୨୧ ଆର୍ଥିକ ବର୍ଷରେ କୋଭିଡ-୧୯ର ଜରୁରୀକାଳନୀ ମୁକାବିଲା ପାଇଁ ୧୪୬.୪୪କୋଟି ଟଙ୍କା, ଜାତୀୟ ସ୍ୱାସ୍ଥ୍ୟ ମିଶନରେ ୧୬୧୭.୬୩କୋଟି, ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ପାଣ୍ଠିରେ ୧୬୦୪କୋଟି, ରାଜ୍ୟକୁ ପୁଞ୍ଜି ବ୍ୟୟ ପାଇଁ ସ୍ୱତନ୍ତ୍ର ଅନୁଦାନରେ ୪୭୧.୫୦କୋଟି, ଜିଏସଟି କ୍ଷତିପୂରଣରେ ୩୮୨୨କୋଟି ଓ ଅତିରିକ୍ତ ଋଣ ଭାବେ ରାଜ୍ୟ ଜିଡିପିର ୨ ପ୍ରତିଶତ ଋଣ ବାବଦରେ ୯୭୧୬କୋଟି ଟଙ୍କା ଓଡ଼ିଶା ଅନୁଦାନ ପାଇଥିବାବେଳେ ୨୦୨୧-୨୨ ଆର୍ଥିକ ବର୍ଷରେ ଜରୁରୀକାଳୀନ ସ୍ୱାସ୍ଥ୍ୟ ମୁକାବିଲା ପାଇଁ ୨୫୮.୫୯କୋଟି ଟଙ୍କା, ଜାତୀୟ ସ୍ୱାସ୍ଥ୍ୟ ମଇଶନରେ ୮୮୧.୮୬କୋଟି ଟଙ୍କା, ଜାତୀୟ ବିପର୍ଯ୍ୟୟ ପାଣ୍ଠିକୁ ୧୨୮୩.୨୦କୋଟି ଟଙ୍କା, ରାଜ୍ୟକୁ ପୁଞ୍ଜି ବ୍ୟୟ ଅନୁଦାନରେ ୧୪୩.୧୨କୋଟି ଟଙ୍କା, ଜିଏସଟି କ୍ଷତିପୂରଣରେ ୬୪୩୦.୨୦କୋଟି ଟଙ୍କା ମିଳିଛି । ସେହିପରି କରୋନା ମହାମାରୀ ମୁକାବିଲା ସମୟରେ ଅନ୍ୟାନ୍ୟ ସହାୟତା ବାବଦରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀ ଗରିବ ଅନ୍ନ ଯୋଜନାରେ ୨କୋଟି ୮୮ଲକ୍ଷ ୩୭ହଜାର ୬୯ଜଣଙ୍କୁ ଖାଦ୍ୟଶସ୍ୟ, ୯୫.୧୯ଲକ୍ଷ ହିତାଧିକାରୀଙ୍କୁ ଡାଲି ଓ ଚଣା, ତୃତୀୟ ଓ ଚତୁର୍ଥ ପର୍ଯ୍ୟାୟରେ ଯଥାକ୍ରମେ ୩ କୋଟି ୧୦ଲକ୍ଷ ୮୯ହଜାର ୯୬ଜଣ ଓ ୩.୦୮କୋଟି ହିତାଧିକାରୀ ସିଧାସଳଖ ଖାଦ୍ୟଶସ୍ୟ ପାଇଛନ୍ତି । ସେହିପରି ପ୍ରଧାନମନ୍ତ୍ରୀ ଉଜ୍ୱଳା ଯୋଜନାରେ ୮୩ଲକ୍ଷ ୬୫ହଜାର ୭୬ଜଣ ହିତାଧିକାରୀଙ୍କୁ ୫୭୧.୭୦କୋଟି ଟଙ୍କାର ଗ୍ୟାସ୍ ରିଫିଲ୍ ସହାୟତା ପ୍ରଦାନ କରାଯାଇଛି ।

# ବିଜେପିରେ ସାମିଲ ହେଲେ ଏକାମ୍ର ନିର୍ବାଚନ ମଣ୍ଡଳୀର ବହୁ ଯୁବନେତା

ଭୁବନେଶ୍ୱର,୮/୨ (ନି.ପ୍ର): ରାଜ୍ୟ ବିଜେପି କାର୍ଯ୍ୟାଳୟଠାରେ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଉପସ୍ଥିତିରେ ଏବଂ ଭୁବନେଶ୍ୱର ଜିଲ୍ଲା ସଭାପତି ବାବୁ ସିଂ ଙ୍କ ନେତୃତ୍ୱରେ ଏକାମ୍ର ନିର୍ବାଚନର ବହୁ ଯୁବ ନେତୃତ୍ୱ ଆଜି ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି ।

ଏକାମ୍ର ଭୁବନେଶ୍ୱର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ବାସୁଆଘାଇ ପଂଚାୟତର ଯୁବ ନେତା ବିପ୍ର ଚରଣ ଜେନା (ବାପୁ)ଙ୍କ ନେତୃତ୍ୱରେ ସ୍ଥାନୀୟ ଅଂଚଳର ଯୁବ ନେତା ସନ୍ତୋଷ ଜେନା, ସୁରେଶ ଜେନା, ଅଶୋକ ବସ୍ତିଆ, ବିମଳ ଲେଙ୍କା, ମୁନା ଜେନା, ସୁଶୀଲ ଦାସ, ବିଶ୍ୱଜିତ୍ ମହାନ୍ତି, ରଶ୍ମୀରଞ୍ଜନ ଜେନା, ଇଲିୟାସ ନାୟକ, ଦିଲିପ ଜେନା, ପ୍ରିତୀ ରଞ୍ଜନ ସାହୁ, ବବଲୁ ନାଏକ, ସୁଧାଂଶୁ ନାୟକ, ଅଲେଖ ମହାପାତ୍ର, ଶଙ୍କର ଦାସ, ଅକ୍ଷୟ ପଣ୍ଡା, ଚିକୁ ସାହାଣୀ, ଜଗନ ନାୟକ, ଅରକ୍ଷିତ ସ୍ୱାଇଁ ପ୍ରମୁଖ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ବିଜେପିରେ ସାମିଲ ହୋଇଛନ୍ତି ।

ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଏବଂ ରାଜ୍ୟ ସାଧାରଣ ସଂପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟମାନଙ୍କୁ ଦଳୀୟ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ । ଯୁବଶକ୍ତିଙ୍କ ଯୋଗଦାନ ପାର୍ଟୀର ସଂଗଠନକୁ ଆହୁରି ଅଧିକ ସୁଦୃଢ କରିବା ସହିତ ଭାରତୀୟ ଜନତା ପାର୍ଟିକୁ ଆଗାମୀ ତ୍ରିସ୍ତରୀୟ ନିର୍ବାଚନରେ ନିଶ୍ଚିତ ସଫଳତା ଦେବ ବୋଲି ରାଜ୍ୟ ସଭାପତି ସମୀର ମହାନ୍ତି ଦୃଢୋକ୍ତି ପ୍ରକାଶ କରିଛନ୍ତି ।

ଏହି ମିଶ୍ରଣ ପର୍ବ ଅବସରରେ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଜଗନ୍ନାଥ ପ୍ରଧାନ ଓ ଜୟନ୍ତ ଜେନା, ରାଜ୍ୟ ମୁଖପାତ୍ର ସୋନାଲୀ ସାହୁ, ରାଜ୍ୟ ଗଣମାଧମ ସହମୁଖ୍ୟ ସୁଜିତ୍ କୁମାର ଦାସ, ଜିଲ୍ଲା ସାଧାରଣ ସମ୍ପାଦକ ହିମାଂଶୁ ଶେଖର ଛୋଟରାୟ, ଏକାମ୍ର ମଣ୍ଡଳ ପ୍ରଭାରୀ ତାପସ ଦଳାଇ, ଏକାମ୍ର ଗ୍ରାମୀଣ ମଣ୍ଡଳ ସଭାପତି ଅରୁଣ ପୁରୋହିତ, ଲିଙ୍ଗରାଜ ମଣ୍ଡଳ ସଭାପତି ସୁରେନ୍ଦ୍ର ପ୍ରଧାନ, ପୂର୍ବତନ କର୍ପୋରେଟର ସୁରେଶ ଜେନା, ପ୍ରଫୁଲ୍ଲ ସ୍ୱାଇଁ, ସୁନୀଲ ସ୍ୱାଇଁ, ସତ୍ୟନାରାୟଣ ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ମାସେ ପରେ ୨ହଜାର ତଳେ ଦୈନିକ ସଂକ୍ରମଣ: ୨୭% ବୟସ୍କ ନେଲେଣି ପ୍ରିକସନ୍ ଡୋଜ୍

ଭୁବନେଶ୍ୱର,୮/୨ (ନି.ପ୍ର): ଗୋଟିଏ ମାସର ବ୍ୟବଧାନ ପରେ ରାଜ୍ୟରେ କରୋନା ସଂକ୍ରମଣ ୨ହଜାର ତଳକୁ ଖସି ଆସିଛି । ଗତମାସ ୫ତାରିଖରେ ରାଜ୍ୟରେ ସଂକ୍ରମଣ ୨ହଜାର ତଳେ ରହିଥିଲା । ଏହା ପରଠାରୁ ଦ୍ରୁତ ଗତିରେ ଆଗକୁ ବଢ଼ିଥିଲା । ମାତ୍ର ଏବେ ସଂକ୍ରମଣ ସଂପୂର୍ଣ୍ଣ ଭାବେ ତଳମୁହାଁ ହେବାରେ ଲାଗିଛି । କିଛିଦିନ ପୂର୍ବରୁ ରାଜ୍ୟର ୧୦/୧୨ଟି ଜିଲ୍ଲାରେ ଶହେ ଉପରେ ସଂକ୍ରମଣ ରହୁଥିବା ବେଳେ ଏବେ କେବଳ ୨ଟି ଜିଲ୍ଲାରେ ଆକ୍ରାନ୍ତଙ୍କ ସଂଖ୍ୟା ଶହେ ଉପରେ ଦେଖିବାକୁ ମିଳିଛି । ଜାନୁଆରି ୧୮ତାରିଖରେ ରାଜ୍ୟରେ କରୋନା ଶୀର୍ଷ ସଂକ୍ରମଣ ଛୁଇଁବା ପରେ ଆକ୍ରାନ୍ତଙ୍କ ସଂଖ୍ୟା ଖସିବାକୁ ଆରମ୍ଭ କରିଥିଲା । ଚଳିତମାସ ଆରମ୍ଭରୁ ଏହା ୩ହଜାରକୁ ଖସି ଆସିଥିଲା । ଏବେ ୨ହଜାର ତଳେ ସଂକ୍ରମଣ ରହିଛି । ସଂକ୍ରମଣ ହଠାତ୍ ୨ହଜାର ତଳକୁ ଖସି ଆସିବା ପଛରେ କମ୍ ଟେଷ୍ଟିଂ ମଧ ଦାୟୀ ବୋଲି କୁହାଯାଉଛି । ଗତ ୨୪ଘଣ୍ଟାରେ ରାଜ୍ୟରେ ୪୭,୧୦୧ ନମୁନା ପରୀକ୍ଷା ହୋଇଛି ଓ ସଂକ୍ରମଣ ହଜାର ୩.୧୮ ପ୍ରତିଶତ ରହିଛି । କେବଳ ଖୋର୍ଦ୍ଧା ଓ ସୁନ୍ଦରଗଡ଼ରେ ସଂକ୍ରମଣ ହାର ରାଜ୍ୟର ହାରଠାରୁ ମଧ ଅଧିକ ରହିଛି । କିନ୍ତୁ ରାଜ୍ୟରେ କ୍ରମାଗତ ଭାବେ ମୃତ୍ୟୁ ସଂଖ୍ୟା ୨୦ ଉପରେ ରହୁଛି । ଜିଲ୍ଲାସ୍ତରରୁ ଡେଟ୍ ଅଡିଟ୍ ରିପୋର୍ଟ ବିଳମ୍ୱରେ ଆସୁଥିବାରୁ ମୃତ୍ୟୁ ସଂଖ୍ୟା ଘୋଷଣାରେ ବିଳମ୍ବ ହେଉଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି । ୨୪ଘଣ୍ଟାରେ ରାଜ୍ୟରେ ୧୪୯୭ ଆକ୍ରାନ୍ତ ଚିହ୍ନଟ ହୋଇଥିବା ବେଳେ ଏଥିରେ ଖୋର୍ଧାରୁ ୨୫୧, ସୁନ୍ଦରଗଡ଼ରୁ ୧୦୧ ଜଣ ରହିଛନ୍ତି । ଅନ୍ୟ ଜିଲ୍ଲାଗୁଡ଼ିକ ଭିତରେ କଟକ ୬୯, ଦେବଗଡ଼ ୬୨, ସମ୍ୱଲପୁର ୫୯, ନୟାଗଡ଼ ୫୬, ରାୟଗଡ଼ା ୫୨, ଦେବଗଡ଼ ୬୨, ଗଜପତି ୪୫ ଓ ଷ୍ଟେଟ୍ ପୁଲରୁ ୫୩ଜଣଙ୍କୁ ଚିହ୍ନଟ କରାଯାଇଛି । ଏହାକୁ ମିଶାଇ ରାଜ୍ୟର ମୋଟ ସଂକ୍ରମିତଙ୍କ ସଂଖ୍ୟା ୧୨ଲକ୍ଷ ୬୮ହଜାର ୩୦୮କୁ ବୃଦ୍ଧି ପାଇଛି । ରାଜ୍ୟରେ ଆଉ ୨୦ଜଣ କରୋନାରେ ପ୍ରାଣ ହରାଇଛନ୍ତି । ମୃତକଙ୍କ ମଧ୍ୟରେ ଖୋର୍ଧାରୁ ୬, କଳାହାଣ୍ଡି ୪, କଟକ ୩, ଜଗତସିଂହପୁର, ନୟାଗଡ଼ ୨ ଲେଖାଏ, ରାୟଗଡ଼ା, କେନ୍ଦ୍ରାପଡ଼ା, ଯାଜପୁରରୁ ଜଣେ ଲେଖାଏ ପ୍ରାଣ ହରାଇଛନ୍ତି । ରାଜ୍ୟରେ ବର୍ତମାନ ସୁଦ୍ଧା ୮୭୫୪ କରୋନା ମୃତ୍ୟୁ ସଂପର୍କରେ ସରକାରୀ ଘୋଷଣା ହୋଇଛି । ରାଜ୍ୟରେ ଆଜି ୩୬୨୧ କୋଭିଡ ରୋଗୀ ସୁସ୍ଥ ହୋଇଛନ୍ତି । ଯାହାଫଳରେ ଚିକିତ୍ସାଧୀନ ରୋଗୀଙ୍କ ସଂଖ୍ୟା ୧୭,୯୦୪କୁ ଖସି ଆସିଛି । ବର୍ତମାନ ସୁଦ୍ଧା ରାଜ୍ୟରେ ୧୨ଲକ୍ଷ ୪୨ହଜାର ୫୯୭କୁ ବୃଦ୍ଧି ପାଇଛି । ଜାନୁଆରି ୧୦ ତାରିଖରୁ ୬୦ବର୍ଷରୁ ବୟସ୍କଙ୍କ ଟିକାକରଣ ଆରମ୍ଭ ହୋଇଛି । ବର୍ତମାନ ସୁଦ୍ଧା ୨ଲକ୍ଷ ୭୯ହଜାର ୬୨୮ ବା ୨୭ ପ୍ରତିଶତ ହିତାଧିକାରୀ ପ୍ରିକସନ୍ ଡୋଜ୍ ନେଇ ସାରିଲେଣି । ସେହପିରି ୧୫-୧୮ବର୍ଷର ୧୬ଲକ୍ଷ ୧୪ହଜାର ୧୬୦ ଜଣ ବା ୬୮ ପ୍ରତିଶତ ପିଲା ମଧ ଟିକାକରଣରେ ସାମିଲ ହୋଇଛନ୍ତି । ରାଜ୍ୟରେ ବର୍ତମାନ ସୁଦ୍ଧା ୫କୋଟି ୮୩ହଜାର ୧୦୨ ଡୋଜ୍ ଟିକା ଦିଆଯାଇଛି ।



ରାଜ୍ୟ ଧୀରେ ଧୀରେ ଶତ ପ୍ରତିଶତ ପ୍ରଥମ ଡୋଜ୍ ଟିକାକରଣ ଆଡ଼କୁ ମୁହାଁଇଛି । ପ୍ରାୟ ୧୫ଲକ୍ଷ ହିତାଧିକାରୀ ରାଜ୍ୟ ବାହାରେ ରହୁଥିବାରୁ ସେମାନଙ୍କୁ ବାଦ୍ ଦେଇ ଅନ୍ୟମାନଙ୍କୁ ଟିକା ଦେବାକୁ ସରକାର ଉଦ୍ୟମ ଜାରି ରଖିଛନ୍ତି । ଆଜି ରାଜ୍ୟରେ ୧ଲକ୍ଷ ୮୧ହଜାର ୩୯ଜଣ ଟିକା ନେଇଛନ୍ତି । ଏଥିରେ ୧୮-୪୪ବର୍ଗର ୧୧,୭୪୭ ପ୍ରଥମ, ୫୭,୨୩୧ ଦ୍ୱିତୀୟ, ୪୫ବର୍ଷରୁ ଅଧିକ ୨୮୦୧ ପ୍ରଥମ, ୨୩,୮୭୯ ଦ୍ୱିତୀୟ ଓ ୬୦ବର୍ଷରୁ ଅଧିକ ୧୩,୮୮୪ଜଣଙ୍କୁ ଟିକା ଦିଆଯାଇଥିଲା । ଆସନ୍ତାକାଲି ରାଜ୍ୟରେ ୨୯୯୩ ଟିକାକରଣ ଅଧିବେଶନ ଅନୁଷ୍ଠିତ ହେବା ନେଇ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ରାଜ୍ୟରେ ଏବେ ୧୭ଲକ୍ଷରୁ ଅଧିକ ଡୋଜ୍ ଟିକା ମହଜୁଦ ରହିଛି ।

# ଛାତ୍ର କଂଗ୍ରେସ ସଭାପତି ପୋଲିସ କମିଶନରଙ୍କୁ ଭେଟିଲେ

ଭୁବନେଶ୍ୱର,୮/୨ (ନି.ପ୍ର): ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜ, ପିସିସି ସାଧାରଣ ସଂପାଦକ ରଜତ ଚୌଧୁରୀ ଏବଂ ପିସିସିର ପୂର୍ବତନ ରାଜନୈତିକ ସଚିବ ପ୍ରକାଶ ମିଶ୍ର କ୍ୟାପିଟାଲ ଥାନା ଅଧିକାରୀଙ୍କ ଅପାରଗତା, ପକ୍ଷପାତିତା ଏବଂ ଦୁର୍ନୀତି ବିରୋଧରେ ଭୁବନେଶ୍ୱର ପୋଲିସ କମିସନର ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କୁ ସାକ୍ଷାତ କରି ଜଣାଇଥିଲେ । ଶ୍ରୀ ନୱାଜ ଅଭିଯୋଗ କରିଛନ୍ତି ଯେ କ୍ୟାପିଟାଲ ଥାନା ଅଧିକାରୀ ଗିରିଜା ଚକ୍ରବର୍ତୀଙ୍କର ତିନିବର୍ଷ ହେବ ବଦଳି ହେବାପରେ ବି ସେ କେଉଁ ଆଧାରରେ କ୍ୟାପିଟାଲ ଥାନାରେ ରହିଛନ୍ତି ? ତାଙ୍କ ନାମରେ ଦୁର୍ନୀତି, ପକ୍ଷପାତିତା, ଅପରାଧ ନିୟନ୍ତ୍ରଣରେ ବିଫଳତା ହେବାର ବହୁ ଅଭିଯୋଗ ପରେ ବି ଜଣେ ଏଭଳି ଅଫିସରଙ୍କୁ କିପରି କ୍ୟାପିଟାଲ ଥାନାଭଳି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ କାର୍ଯ୍ୟକରିବାକୁ ଦିଆଯାଇଛି । କ୍ୟାପିଟାଲ ଥାନାର ସୀମାଭିତରେ ଛିନତେଇ, ଡକାୟତି, ଡ୍ରଗ୍ସ ନିଶାକାରବାର ବଢ଼ିଚାଲିଥିଲା ବେଳେ ଏହି ଅଫିସର ଜଣଙ୍କ ଏଠାରେ କେଉଁ କାମ କରୁଛନ୍ତି ? କଂଗ୍ରେସ ଭବନ ପୋଡ଼ିରେ ସଂପୃକ୍ତ ଥିବା ଅପରାଧୀଙ୍କୁ ଧରିବା ବଦଳରେ ଛାତ୍ରନେତା ନିହାର ରଂଜନ ବେହେରାଙ୍କୁ ଗିରଫ କରିବା ଦୁର୍ଭାଗ୍ୟଜନକ ବୋଲି ଶ୍ରୀ ନୱାଜ କହିଛନ୍ତି । ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ପୋଲିସ୍ ଯେଭଳି ନିରପେକ୍ଷତା ଅବଲମ୍ବନ କରିବାକଥା ଶ୍ରୀ ଚକ୍ରବର୍ତି ସେହି ଦାୟୀତ୍ୱ ନିର୍ବାହ କରୁନାହାନ୍ତି । ବିରୋଧି ଦଳର କଣ୍ଠରୋଧ କରିବାପାଇଁ ଛାତ୍ରନେତାଙ୍କ ନାମରେ ମିଥ୍ୟା ମକଦମା ରୁଜୁ କରୁଛନ୍ତି । କୌଣସି ଗଣ୍ଡଗୋଳରେ ଶ୍ରୀ ବେହେରା ସାମିଲ ନଥାଇ କାହା ଚାପରେ ତାଙ୍କୁ ଗିରଫ କରି ହାଜତ ପଠାଯାଇଛି ବୋଲି ଶ୍ରୀ ନୱାଜ ପ୍ରଶ୍ନ କରିଛନ୍ତି । ଭୁବନେଶ୍ୱର ପୋଲିସ କମିସନର ଛାତ୍ର କଂଗ୍ରେସର ଅଭିଯୋଗ ଗ୍ରହଣ କରିବା ସହ ଏ ଦିଗରେ ତୁରନ୍ତ ପଦକ୍ଷେପ ନେବାପାଇଁ ପ୍ରତିଶ୍ରୁତି ଦେଇଛନ୍ତି ବୋଲି ଶ୍ରୀ ନୱାଜ କହିଛନ୍ତି ।

# ଶାସକ ଦଳର ନିୟମ ଉଲ୍ଲଂଘନକୁ ଦୃଷ୍ଟି ଦିଅନ୍ତୁ ନିର୍ବାଚନ ଆୟୋଗ : ନିରଞ୍ଜନ

ଭୁବନେଶ୍ୱର,୮/୨ (ନି.ପ୍ର): କରୋନା ପାଇଁ ନିର୍ବାଚନ ଆୟୋଗ ୫ଜଣଙ୍କୁ ନେଇ ଘରକୁ ଘର ପ୍ରଚାର ପାଇଁ ନିୟମ କରିଥିଲେ । ମାତ୍ର ଶାସକ ଦଳ ଶତାଧିକ ଲୋକଙ୍କୁ ନେଇ ପ୍ରଚାର କରୁଛନ୍ତି । ସେମାନେ ଖୋଲାଖୋଲି ଆଚରଣବିଧି ଉଲ୍ଲଂଘନ କରୁଥିବା ନେଇ ନିର୍ବାଚନ ଆୟୋଗ ନିରବଦ୍ରଷ୍ଟା ସାଜିଛନ୍ତି । ଗଣତନ୍ତ୍ରର ସୁରକ୍ଷା, ଅବାଧ ଓ ମୁକ୍ତ ନିର୍ବାଚନ ପାଇଁ ସବୁ ଦଳକୁ ସମାନ ଦୃଷ୍ଟିରେ ଦେଖିବା ସହିତ ଶାସକ ଦଳ ପ୍ରତି ଦୃଷ୍ଟି ଦେବାକୁ ଆୟୋଗକୁ ଅନୁରୋଧ କରିଛନ୍ତି ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକ ।



ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ରାଜ୍ୟ ନିର୍ବାଚନ ଆୟୋଗ ପଞ୍ଚାୟତ ନିର୍ବାଚନ ପ୍ରଚାର କଟକଣା କୋହଳ ନେଇ ଯେଉଁ ନିଷ୍ପତ୍ତି ନେଇଛନ୍ତି ତାହାକୁ ଦଳ ସ୍ୱାଗତ କରୁଛି । ମାତ୍ର ଶାସକ ଦଳ ଦ୍ୱାରା ନିୟମ ଉଲ୍ଲଂଘନ ପ୍ରତି ନିର୍ବାଚନ ଆୟୋଗ ସଂପୂର୍ଣ୍ଣ ସତର୍କ ନ ରହିବା ଏକ ଦୁଃଖଦାୟକ ଓ ପରିତାପର ବିଷୟ । କେନ୍ଦ୍ରରେ ଥିବା ବିଜେପି ଓ ରାଜ୍ୟ ଶାସନରେ ଥିବା ବିଜେଡି ବ୍ୟାପକ ପରିମାଣରେ ଅର୍ଥ ବଳ ପ୍ରୟୋଗ କରିବା ସହ ବହୁବଳ ଓ ଶାସନ କଳର ଅପବ୍ୟବହାର କରିବା ଫଳରେ ନିର୍ବାଚନ ମୁକ୍ତ ଓ ଅବାଧ ରହିପାରୁନାହିଁ । ତେଣୁ ଆଇନ ଉଲ୍ଲଂଘନକାରୀଙ୍କ ପ୍ରତି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଶ୍ରୀ ପଟ୍ଟନାୟକ ଆୟୋଗଙ୍କୁ ଅନୁରୋଧ କରିଥିବା ଗଣମାଧମ ସଂଯୋଜକ ଦୀପକ ମହାପାତ୍ର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି ।

# ୯ ଜିଲ୍ଲାର ଚାଉଳର ଗୁଣାତ୍ମକମାନ ସମୀକ୍ଷା କରିବ କେନ୍ଦ୍ରୀୟ ଟିମ୍

ଭୁବନେଶ୍ୱର,୮/୨ (ନି.ପ୍ର): ସମ୍ୱଲପୁର ଏବଂ ଟିଟିଲାଗଡ଼ ଡିଭିଜନ ଅନ୍ତର୍ଗତ ପଶ୍ଚିମ ଓଡ଼ିଶାର ୯ଟି ଜିଲ୍ଲାର ଚାଉଳର ଗୁଣାତ୍ମକମାନ ଏବଂ ବିତରଣ ବ୍ୟବସ୍ଥାର ସମୀକ୍ଷା କରିବ କେନ୍ଦ୍ରୀୟ ଟିମ୍ । ଖାଦ୍ୟ ଏବଂ ସାଧାରଣ ବିତରଣ ବିଭାଗ ସହକାରୀ ନିର୍ଦ୍ଦେଶକ ପ୍ରୀତି ଶୁକ୍ଲାଙ୍କ ନେତୃତ୍ୱରେ ଗଠିତ ଟିମ୍ ଏଫସିଆଇ, ରାଇସ୍ ମିଲ୍, ରାସନ ଦୋକାନ ବୁଲି ଦେଖିବେ । ଆସନ୍ତାକାଲି ଠାରୁ ୨୦ ତାରିଖ ପର୍ଯ୍ୟନ୍ତ ଟିମ୍ ଏହି ଅଞ୍ଚଳ ସବୁ ବୁଲିବ ବୋଲି କହିଛନ୍ତି ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ ବିଶ୍ୱଜିତ ଦାସ । ପୂର୍ବରୁ ଏହି ଟିମ୍ ଯାଜପୁର, କେନ୍ଦ୍ରାପଡ଼ା, କଟକ ସମେତ ବିଭିନ୍ନ ଅଞ୍ଚଳ ବୁଲି ଚାଉଳର ଗୁଣାତ୍ମକମାନ ଦେଖିଥିଲେ । ଏହି ଅବସରରେ ନିମ୍ନମାନର ଚାଉଳ ବିତରଣ ଲୋକଲୋଚନକୁ ଆସିଥିଲା । ଅନେକ ତଳିଆ କର୍ମଚାରୀ ନିଲମ୍ବିତ ମଧ ହୋଇଥିଲେ ।



# ଗାର୍ଗୀ ବାନାର୍ଜୀ ଏବିଭିପି ସଭାପତି, ସୌଭାଗ୍ୟ ମହାନ୍ତି ସମ୍ପାଦକ ଭାବେ ପୁନଃ ନିର୍ବାଚିତ

ଭୁବନେଶ୍ୱର,୮/୨ (ନି.ପ୍ର): ୨୦୨୨-୨୩ ଶିକ୍ଷାବର୍ଷ ପାଇଁ ଏବିଭିପି ଓଡିଶାର ରାଜ୍ୟ ସଭାପତି ଭାବରେ ଅଧ୍ୟାପିକା ଗାର୍ଗୀ ବାନାର୍ଜୀ ଓ ରାଜ୍ୟ ସମ୍ପାଦକ ଭାବରେ ଶ୍ରୀମାନ ସୌଭାଗ୍ୟ ମହାନ୍ତି ପୁନଃ ନିର୍ବାଚିତ ହୋଇଛନ୍ତି । ଏବିଭିପି ଓଡିଶାର ଭୁବନେଶ୍ୱର ସ୍ଥିତ ରାଜ୍ୟ କାର୍ଯ୍ୟାଳୟରୁ ଏହି ସୂଚନା ଦିଆଯାଇଛି । ନିର୍ବାଚନ ଅଧିକାରୀ ଅଧ୍ୟାପକ ଭାଗିରଥୀ ପୃଷ୍ଟିଙ୍କ ଦ୍ୱାରା ଜାରି ହୋଇଥିବା ବିବୃତି ଅନୁସାରେ ଦୁଇ ଜଣଙ୍କ କାର୍ଯ୍ୟକାଳ ୧ ବର୍ଷ ରହିବ । ଭୁବନେଶ୍ୱରରେ ହେବାକୁ ଥିବା ୪୬ ତମ ରାଜ୍ୟ ଅଧିବେଶନରେ ଦୁହେଁ ଦାୟିତ୍ୱ ଗ୍ରହଣ କରିବେ । ଅଧ୍ୟାପିକା ଗାର୍ଗୀ ବାନାର୍ଜୀ- ଗାର୍ଗୀ ବାନାର୍ଜୀ ବର୍ତମାନ ପଟିଆ ସ୍ଥିତ ରାଜା ମଧୁସୂଦନ ଦେବ ଡିଗ୍ରୀ କଲେଜରେ ବାଣିଜ୍ୟ ବିଭାଗର ଅଧ୍ୟାପିକା ଅଟନ୍ତି । ସେ ୨୦୧୪ରୁ ଅଧ୍ୟାପିକା କାର୍ଯ୍ୟକର୍ତା ଭାବେ ଯୋଡି ହେବାଠାରୁ ଭୁବନେଶ୍ୱର ମହାନଗର ସଭାପତି ଠାରୁ ରାଜ୍ୟ ସଭାପତି ଯାଏଁ ସଙ୍ଗଠନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପଦବୀ ସହିତ କାର୍ଯ୍ୟକରି ଆସିଛନ୍ତି । ସେ ମୁମ୍ବାଇ ବିଶ୍ୱବିଦ୍ୟାଳୟରେ ଏମ.କମ, ଛତିଶଗଡ ସ୍ଥିତ ଡକ୍ଟର ସିଭିରମଣ ବିଶ୍ୱବିଦ୍ୟାଳୟରେ ଏମବିଏ (ଏଚଆର) ସମାପ୍ତ କରିଛନ୍ତି । ସେହିପରି ସୌଭାଗ୍ୟ ମହାନ୍ତି ବାଲେଶ୍ୱର ଲ କଲେଜରୁ ଡିଗ୍ରୀ ହାସଲ କରିଛନ୍ତି । ୨୦୧୪ରୁ ବିଦ୍ୟାର୍ଥୀ ପରିଷଦରେ ଯୋଡି ହୋଇ ବିଭିନ୍ନ ଦାୟୀତ୍ୱ ତୁଲାଇବା ପରେ ରାଜ୍ୟ ସମ୍ପାଦକ ଭଳି ଗୁରୁ ଦାୟିତ୍ୱ ତୁଲାଇଛନ୍ତି ।

# ରାଜ୍ୟରେ ପୁଣି ୨୧ ଜଣ ସଂକ୍ରମିତଙ୍କ ପ୍ରାଣହାନି

ଭୁବନେଶ୍ୱର,୮/୨ (ନି.ପ୍ର): ପୁଣି ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ପୁଣି ଦୁଇ ଅଙ୍କ ଛୁଇଁଛି । ରାଜ୍ୟରେ ୨୧ କରୋନା ସଂକ୍ରମିତଙ୍କ ପ୍ରାଣହାନି ହୋଇଛି । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି । ଏହା ସହିତ ରାଜ୍ୟରେ କରୋନାଜନିତ ମୃତ୍ୟୁସଂଖ୍ୟା ୮୭୭୫କୁ ବୃଦ୍ଧି ପାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ ଯାଜପୁର ଓ ମୟୂରଭଞ୍ଜ ଜିଲ୍ଲାରୁ ସର୍ବାଧିକ ୩ ଜଣ ଲେଖାଏଁ ମୃତକ ଅଛନ୍ତି । ଅପରପକ୍ଷରେ ସୁନ୍ଦରଗଡ଼, ବାଲେଶ୍ୱର ଓ କଟକ ଜିଲ୍ଲାର ଦୁଇ ଜଣ ଲେଖାଏଁ କୋଭିଡ ସଂକ୍ରମିତ ପ୍ରାଣ ହରାଇଛନ୍ତି । ଏଣେ ଭଦ୍ରକ, ଢେଙ୍କାନାଳ, ଗଞ୍ଜାମ, ଜଗତସିଂହପୁର, ଖୋର୍ଦ୍ଧା, କେନ୍ଦ୍ରାପଡ଼ା, ନୂଆପଡ଼ା, ପୁରୀ ଓ କେନ୍ଦୁଝର ଜିଲ୍ଲାରୁ ଜଣେ ଲେଖାଏଁ ମୃତକ ଅଛନ୍ତି । ଏମାନଙ୍କ ମଧ୍ୟରେ ୭ ଜଣ ମହିଳା ଅଛନ୍ତି । ଏଣେ ସୁନ୍ଦରଗଡ଼ର ଏକ ୩ ମାସର ଶିଶୁପୁତ୍ର ଓ ୯ ବର୍ଷର ବାଳକ ମୃତ୍ୟୁବରଣ କରିଥିବା ଜଣାଯାଇଛି । ଖୋର୍ଦ୍ଧା ଜିଲ୍ଲାରୁ ଜଣେ ମାତ୍ର ସଂକ୍ରମିତଙ୍କ ମୃତ୍ୟୁ ରାଜଧାନୀବାସୀଙ୍କୁ କିଛିଟା ଆଶ୍ୱସ୍ତି ଦେଇଛି ।

# ଗତ ୨୪ ଘଣ୍ଟା ମଧ୍ୟରେ ୧,୫୦୩ କରୋନା ପଜିଟିଭ ଚିହ୍ନଟ : ୩୨୯ ଜଣ ୧୮ ବର୍ଷରୁ କମ୍ ବର୍ଗର

ଭୁବନେଶ୍ୱର,୮/୨ (ନି.ପ୍ର): ରାଜ୍ୟରେ ଗତ ୨୪ ଘଣ୍ଟା ମଧ୍ୟରେ ୧,୫୦୩ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ଏମାନଙ୍କ ମଧ୍ୟରୁ ୮୭୩ ଜଣ ସଙ୍ଗରୋଧ କେନ୍ଦ୍ରରୁ ଚିହ୍ନଟ ହୋଇଥିବା ବେଳେ ସ୍ଥାନୀୟ ସଂକ୍ରମଣରୁ ୬୩୦ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ଏଥିମଧ୍ୟରୁ ୩୨୯ ଜଣ ୧୮ ବର୍ଷରୁ କମ୍ ବୟସର ଶିଶୁ- କିଶୋର ଥିବା ଜଣାଯାଇଛି । ଆଜି ଖୋର୍ଦ୍ଧା ଜିଲ୍ଲାରୁ ସର୍ବାଧିକ ୩୩୩ ଜଣ ଆକ୍ରାନ୍ତ ଥିବା ରାଜ୍ୟ ସୂଚନା ଓ ଲୋକସଂପର୍କ ବିଭାଗ ପକ୍ଷରୁ ତଥ୍ୟ ପ୍ରଦାନ କରାଯାଇଛି । ଗତ ୨୪ ଘଣ୍ଟା ମଧ୍ୟରେ ଅନୁଗୁଳରୁ ୫୫ ଜଣ, ବାଲେଶ୍ୱରରୁ ୩୦ ଜଣ, ବରଗଡ଼ରୁ ୨୧ ଜଣ, ଭଦ୍ରକରୁ ୨୦ ଜଣ, ବଲାଙ୍ଗୀରରୁ ୩୩ ଜଣ, ବୌଦ୍ଧ ଜିଲ୍ଲାରୁ ୧୦, କଟକରୁ ୮୩ ଜଣ, ଦେବଗଡ଼ରୁ ୨୫ ଜଣ, ଢେଙ୍କାନାଳରୁ ୪୨ ଜଣ, ଗଜପତିରୁ ୩୭, ଗଞ୍ଜାମରୁ ୨୬ଜଣ, ଜଗତସିଂହପୁରରୁ ୪୨ ଜଣ, ଯାଜପୁରରୁ ୫୫ ଜଣ, ଝାରସୁଗୁଡ଼ାରୁ ୧୭ ଜଣ, କଳାହାଣ୍ଡିରୁ ୪୦ ଜଣ, କନ୍ଧମାଳରୁ ୧୭ ଜଣ, କେନ୍ଦ୍ରାପଡ଼ାରୁ ୧୯ ଜଣ, କେଉଁଝରରୁ ୩୬ ଜଣ, ଖୋର୍ଦ୍ଧାରୁ ୩୩୩ ଜଣ, କୋରାପୁଟରୁ ୨ ଜଣ, ମାଲକାନଗିରିରୁ ୮ ଜଣ, ମୟୁରଭଞ୍ଜରୁ ୧୦୮ ଜଣ, ନବରଙ୍ଗପୁରରୁ ୧୯, ନୟାଗଡ଼ରୁ ୫୩ ଜଣ, ନୂଆପଡ଼ାରୁ ୨୫ ଜଣ, ପୁରୀରୁ ୫୪ ଜଣ, ରାୟଗଡ଼ାରୁ ୩୧ ଜଣ, ସମ୍ବଲପୁରରୁ ୨୬ ଜଣ, ସୋନପୁରରୁ ୨୨, ସୁନ୍ଦରଗଡ଼ରୁ ୧୫୭ ଜଣ ଓ ଷ୍ଟେଟ ପୁଲରୁ ୬୧ ଜଣ କରୋନା ପଜିଟିଭ ଚିହ୍ନଟ ହୋଇଛନ୍ତି । ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ୧୨, ୬୯, ୮୧୧ ଜଣ ପଜିଟିଭ ଚିହ୍ନଟ ହୋଇଛନ୍ତି । ସେହିପରି ୧୨, ୪୧, ୫୯୭ ଜଣ ସୁସ୍ଥ ହୋଇଛନ୍ତି । ଏବେ ବି ୧୯, ୩୮୬ ଜଣ ସକ୍ରିୟ ସଂକ୍ରମିତ ଅଛନ୍ତି । ସୂଚନାଯୋଗ୍ୟ, ଗତକାଲି ୧୪୯୭ ଜଣ କରୋନା ପଜିଟିଭ୍ ଚିହ୍ନଟ ହୋଇଥିବା ବେଳେ ଫେବ୍ରୁଆରି ୬ ତାରିଖରେ ୨୧୦୬, ଫେବ୍ରୁଆରି ୫ ତାରିଖରେ ୨୬୦୩, ଫେବ୍ରୁଆରି ୪ ତାରିଖରେ ୨,୬୯୭ ଫେବ୍ରୁଆରି ୩ରେ ୩୬୨୯, ଫେବ୍ରୁଆରି ୨ ତାରିଖରେ ୩୪୫୦ ଫେବ୍ରୁଆରି ୧ ତାରିଖରେ ୩୦୮୬, ଜାନୁଆରି ୩୧ରେ ୩୩୨୯, ଜାନୁଆରି ୩୦ ରେ ୪, ୮୪୩, ଜାନୁଆରି ୨୯ରେ ୪୮୪୨, ଜାନୁଆରି ୨୮ରେ ୫୦୫୭, ଜାନୁଆରି ୨୭ରେ ୫୯୦୧, ଜାନୁଆରି ୨୬ରେ ୭୪୨୬ ଜଣ, ୨୫ରେ ୫,୮୯୧, ଜାନୁଆରି ୨୪ରେ ୭୯୨୧, ଜାନୁଆରି ୨୩ ତାରିଖରେ ୮,୫୨୦ ଜାନୁଆରି ୨୨ରେ ୮,୮୪୫ ଜାନୁଆରି ୨୧ ତାରିଖରେ ୯,୮୩୩, ଜାନୁଆରି ୨୦ ତାରିଖରେ ୧୦,୩୬୮ଜଣ, ଜାନୁଆରି ୧୯ ତାରିଖରେ ୧୧,୬୦୭ ଜଣ, ଜାନୁଆରି ୧୮ରେ ୧୧,୦୮୬, ଜାନୁଆରି ୧୭ରେ ୧୦,୪୮୯, ୧୬ ତାରିଖରେ ୧୧,୧୭୭, ୧୫ ତାରିଖରେ ୧୦,୮୫୬, ଜାନୁଆରି ୧୪ରେ ୧୦,୨୭୩ , ଜାନୁଆରି ୧୩ରେ ୧୦,୦୫୯ ଜଣ, ଜାନୁଆରି ୧୨ରେ ୮୭୭୮, ୧୧ରେ ୭୦୭୧, ୧୦ରେ ୪୮୨୯, ଜାନୁଆରି ୯ ତାରିଖରେ ୪୭୧୪ ଜଣ , ଜାନୁଆରି ୮ ତାରିଖରେ ୩୬୭୯ ଜଣ , ଜାନୁଆରି ୭ ତାରିଖରେ ୨୭୦୩ ଜଣ, ଜାନୁଆରି ୬ ତାରିଖରେ ୧୮୯୭ ଜଣ, ଜାନୁଆରି ୫ ରେ ୧୨୧୬, ଜାନୁଆରି ୪ ରେ ୬୮୦, ଜାନୁଆରି ୩ ରେ ୪୨୪, ଜାନୁଆରି ୨ରେ ୪୨୪, ଜାନୁଆରି ୧ରେ ୨୯୮, ଡିସେମ୍ବର ୩୧ରେ ୨୨୮, ଡିସେମ୍ବର ୩୦ରେ ୨୨୫, ଡିସେମ୍ବର ୨୯ରେ ୨୨୧ ଓ ଡିସେମ୍ବର ୨୮ରେ ୧୫୬ ଜଣ ପଜିଟିଭ ଚିହ୍ନଟ ହୋଇଥିଲେ ।

## ଆଜି ବନକଲାଗି, ସନ୍ଧ୍ୟା ୫ରୁ ଶ୍ରୀମନ୍ଦିରରେ ଦର୍ଶନ ବନ୍ଦ

ପୁରୀ,୦୮/୦୨ (ନି.ପ୍ର): ଆସନ୍ତାକାଲି ମାଘ ଶୁକ୍ଳ ଅଷ୍ଟମୀତିଥିରେ ଶ୍ରୀମନ୍ଦିରରେ ଶ୍ରୀଜିଉମାନଙ୍କ ବନକଲାଗି ବା ଶ୍ରୀମୁଖସିଂହାର ଅନୁଷ୍ଠିତ ହେବ। ଏଥିଲାଗି ଅପରାହ୍ନ ୫ଟାରୁ ରାତି ୯ ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସାଧାରଣ ଦର୍ଶନ ବନ୍ଦ ରହିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ମହାମାରୀ କରୋନା ଜନିତ କଟକଣା ଯୋଗୁଁ ରାତି ୯ଟା ପର୍ଯ୍ୟନ୍ତ ଶ୍ରୀମନ୍ଦିରରେ ସର୍ବସାଧାରଣ ଦର୍ଶନ ସୁଯୋଗ ଦିଆଯାଉଥିବାରୁ ଆସନ୍ତାକାଲି ଅପରାହ୍ନ ୫ଟା ପରେ ଦର୍ଶନାର୍ଥୀମାନେ ରତ୍ନସିଂହାସନରେ ଦାରୁ ବିଗ୍ରହଙ୍କ ଦର୍ଶନରୁ ବଞ୍ଚିତ ହେବେ।

## କଫସିରପ୍ ଜବତ : ୩ ଗିରଫ

ପୁରୀ,୦୮/୦୨ (ନି.ପ୍ର): ବଳିଆପଣ୍ଡା ଅଞ୍ଚଳରେ ବେଆଇନ୍‌ଭାବେ କଫ୍ ସିରଫ ବିକ୍ରି କରୁଥିବା ଅଭିଯୋଗରେ ୩ଜଣଙ୍କୁ ବଳିଆପଣ୍ଡା ଥାନା ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେହେଲେ ବଳିଆପଣ୍ଡାଥାନା ଅନ୍ତର୍ଗତ ବିଜୟ ନଗରର ମାନସ ଢ଼ାଲୁଆ, ରାମ ଚନ୍ଦ୍ରଦେ ଓ ସୁକାନ୍ତ ଦାସ। ଅଭିଯୁକ୍ତମାନଙ୍କ ନିକଟରୁ ୪୨ ବୋତଲ ଉଇରେକ୍ସ (ପ୍ରତ୍ୟେକ ୧୦୦ମିଲିଲିଟର) ଜବତ କରାଯାଇଛି। ଗତକାଲି ସନ୍ଧ୍ୟାରେ ଏଏସ୍‌ଆଇ ସୁଚେନ୍ଦୁ ଦାସ ଅନ୍ୟକର୍ମଚାରୀଙ୍କ ସହିତ ପାଟ୍ରୋଲିଂ କରୁଥିବାବେଳେ ଅଭିଯୁକ୍ତମାନଙ୍କୁ ସର୍ବସାଧାରଣ ସ୍ଥାନରେ କଫ୍ ସିରଫ ବିକ୍ରି କରୁଥିବାବେଳେ ଧରିଥିଲେ। ଯାଞ୍ଚସମୟରେ ସେମାନଙ୍କ ନିକଟରୁ ୪୨ ବୋତଲ ଉଇରେକ୍ସ ଜବତ କରାଯାଇଥିଲା । ଅଭିଯୁକ୍ତମାନଙ୍କ ବିରୁଦ୍ଧରେ ଭାରତୀୟ ଦଣ୍ଡବିଧି ଆଇନ୍‌ର ବିଭିନ୍ନ ଧାରା ଓ ଡ୍ରଗ୍ସ ଆଣ୍ଡ କସ୍‌ମେଟିକ୍ ଆକ୍ଟରେ ମାମଲା ରୁଜୁ କରି ଆଜି ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ୨୨ନଂ ଜୋନରେ ତ୍ରିମୁଖୀ ଲଢେଇ

ଲଙ୍ଗଳେଶ୍ୱର, ୦୮/୦୨ (ନି.ପ୍ର): ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍ର ୨୨ ନଂ ଜୋନେ ଏକ ପ୍ରମୁଖ ଆଖିଦୃଶିଆ ଜୋନ। ଚଳିତ ନିର୍ବାଚନରେ ଏହି ଜୋନ ଟି ଯଦିଓ ଅନୁସୂଚିତ ଜାତି ପାଇଁ ଉଦିଷ୍ଟ।କିନ୍ତୁ ବିଜେଡି, ବିଜେପି ଓ କଂଗ୍ରେସ ତିନିଦଳ ଅଭିଜ୍ଞ ପ୍ରାର୍ଥୀ କରିଛନ୍ତି। ଜଗତିପୁର,ରତାଇ, ଜମ୍ବୀରାଇ, ପଞ୍ଚୁପାଲି, ବଣିଆଡିହା, ବଳଙ୍ଗ, ସାଉଡି, କୁଣ୍ଡୁଳି ଆଠଟି ପଞ୍ଚାୟତ କୁ ନେଇ ଗଠିତ ଏହି ଜୋନ ରେବିଜେଡି, ବିଜେପି କଂଗ୍ରେସ ଦଳରୁ ତିନିଜଣ ଜିଲ୍ଲା ପରିଷଦ ପ୍ରାର୍ଥୀ ଭାବେ ଲଢୁଛନ୍ତି। ରାଜନୈତିକ ଧ୍ରୁବିକରଣ ଘଟି ଏଠାରେ ବିଜେପି କଂଗ୍ରେସକୁ ପଛରେ ପକାଇ ବିଜେଡି ଆଗରେ ଥିଲା।ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ଅନୁପମା ସାହୁ ଜିତିଥିବା ବେଳେ କଂଗ୍ରେସ ଦ୍ୱିତୀବିଜେପି ନିକଟ ତୃତୀୟ ସ୍ଥାନରେ ଥିଲା।ପୂର୍ବଥର ମଧ ବିଜେଡି ହାତରେ ଏହି ଜୋନ ଥିଲା।ତେଣୁ କ୍ରମାଗତ ଭାବେ ତୃତୀୟ ଥର ଦଖଲ କରିବାକୁ ବିଜେଡି ଉଦ୍ୟମ କରୁଥିବା ବେଳେ,ପୂର୍ବରୁ ୨୦୦୭ମସିହାରୁ ୨୦୧୨ଯାଏ କଂଗ୍ରେସ ଅକ୍ତିଆର ଥିବା ଏଇ ଜୋନ ପୁଣି ନିଜ ଦଖଲକୁ ନେବାକୁ କଂଗ୍ରେସ ଉଦ୍ୟମ କରୁଛି । ବାଲିଆପାଳ ବ୍ଲକ ର ଅନ୍ୟ ଜୋନ ମାନଙ୍କ ଠାରୁ ଭଲ ସ୍ଥିତିରେ ଥିବା ବିଜେପି ମଧ କଡା ଟକ୍କର ଦେବାକୁ ଚେଷ୍ଟା କରୁଚି । ୨୦୦୨ରୁ୨୦୦୭ଯାଏଁ ଏଠି ବିଜେପି ର ସ୍ୱର୍ଗତ ପୁରୁଷୋତ୍ତମ ବେହେରା ମଧ ଜିତିଥିଲେ। ତେବେ ଚଳିତ ନିର୍ବାଚନରେ ବିଜେଡି ଜୋନ ବାହାରର ଲୋକ ନିଶାକର ସେଠିଙ୍କୁ ପ୍ରାର୍ଥୀ କରିଥିବାରୁ ଦଳୀୟକର୍ମୀ ସମେତ ଭୋଟର ମାନେ ନାପସନ୍ଦ କରିଛି। ତେବେ ସେ ଜଣେ ଅଭିଜ୍ଞ ରାଜନେତା।ପୂର୍ବରୁ ସେ ୨୧ ନଂ ଜୋନ ରେ ଜିଲ୍ଲା ପରିଷଦ ଥିଲେ। ବିଜେଡି ଜିଲ୍ଲା ସଭାପତି ରବୀନ୍ଦ୍ର ଜେନାଙ୍କ ସେ ଏକାନ୍ତ ଅନୁଗତ ଯୋଗୁଁ ଟିକଟ ପାଇଥିବା ଚର୍ଚ୍ଚା ହେଉଛି।ବିଜେଡିର ପଞ୍ଚୟତର ସ୍ତରରେ ଗୋଷ୍ଠି କନ୍ଦଳ କୁ ଏକତ୍ରିତ କରି ସରକାଙ୍କର ସଫଳ ଯୋଜନା କୁ ପ୍ରଚାର କରି ଘରକୁଘର ବୁଲି ପ୍ରଚାର କରୁଛନ୍ତି। କଂଗ୍ରେସ ରୁ ପ୍ରାର୍ଥୀ ହୋଇଥିବା ମୃତ୍ୟୁଞ୍ଜୟ ଧଳ ଜଣେ ପ୍ରାକ୍ତନ ପ୍ରଧାନ ଶିକ୍ଷକ।ଜୁନ ର ରତାଇ ପଞ୍ଚାୟତ ରେ ତାଙ୍କ ଘର। ପୂର୍ବରୁ ତାଙ୍କ ଧର୍ମପତ୍ନୀ ରତାଇ ପଞ୍ଚାୟତ ରେ ସରପଞ୍ଚ ଥିଲେ।ଗତ ଥର ଆଠ ଟି ପଞ୍ଚାୟତ ମଧ୍ୟରୁ କଂଗ୍ରେସ ଚାରିଟି ପଞ୍ଚାୟତ ଦାଖଲ କରିବା ସହିତ ସୁଦୃଢ଼ ସ୍ଥିତି ରେ ଅଛନ୍ତି।ସେ ଜିତିଲେ କୃଷକ ମାନଙ୍କ ବିକାଶ ସମେତ ସମାଜରେ ଦୁର୍ନୀତି ହଟାଇବାକୁ ପ୍ରତିଶୃତି ନେଇ ନିର୍ବାଚନ ମଇଦାନରେ ଭୋଟ ଭିକ୍ଷା କରି ଜିତିବାର ଆଶା ରଖିଛନ୍ତି। ଏଇ ଦୁଇ ପ୍ରାର୍ଥୀଙ୍କୁ ଟକ୍କର ଦେଇ ଲଢୁଛନ୍ତି ବିଜେପିର ଜଗବନ୍ଧୁ ମଲ୍ଲିକ।ସେ ବଳଙ୍ଗ ପଞ୍ଚାୟତ ର ଦୁଇ ଥର ସରପଞ୍ଚ ଏବଂ ଥରେ ସମିତି ସଭ୍ୟ ଜିତଥିଲେ।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସଫଳତା କୁ ପାଥେୟ କରି ନିର୍ବାଚନରେ ଜିତିବାର ଆଶା ରଖିଛନ୍ତି । ତେବେ ବିଜେପିର ପ୍ରବଳଗୋଷ୍ଠିକନ୍ଦଳ ତାଙ୍କୁ ଅଡୁଆରେ ପକାଇଛି।ପୁରୁଣା କାର୍ଯ୍ୟକର୍ତାଙ୍କୁ ବିଜେପି ଜିଲ୍ଲା ସଭାପତି ଏବଂ ସାଂସଦ ଉପେକ୍ଷା କରି, ସଂଗଠନରୁ ବାଦ ଦେଇ ଦଳ ବଦଳ କାରୀଙ୍କୁ ଅଗ୍ରାଧିକାର ଦେଇଥିବାରୁ କାର୍ଯ୍ୟକର୍ତା ମଧରେ ଅସନ୍ତୋଷ ରହିଛି।ତେବେ ଏଇ ତ୍ରିମୁଖୀ ଲଢେଇ ରେ ବିଜେପି ବିଜେଡି ର ଗୋଷ୍ଠିକନ୍ଦଳ କଂଗ୍ରେସ ବାଜି ମାରିନେବ ବୋଲି ଚର୍ଚ୍ଚା ଚାଲିଛି।

## ଏନ୍‌ଜିଟିର ଆଦେଶକୁ ଉଲଙ୍ଘନ କଲେ ଅଭିଯୋଗକାରୀ ଆଇନ୍‌ର ଆଶ୍ରୟ ନେବେ

ଜଳେଶ୍ୱର,୦୮/୦୨ (ନି.ପ୍ର): ବହୁ ଚର୍ଚ୍ଚିତ ଜଳେଶ୍ୱର ସ୍ଥିତ ସୁବର୍ଣ୍ଣରେଖା ନଦିବାଲି ସୈରାତ ଗୁଡିକରେ ବେନିୟମଭାବେ ଚୋରା ବାଲି ଚାଲାଣକୁ ରୋକ ଲଗାଇବା ଲାଗି ଦୁଇବର୍ଷ ତଳେ ଏନ୍‌ଜିଟିରେ ଆବେଦନ କରାଯାଇଥିଲା । ଏହି ଆବେଦନର ଶୁଣାଣି କରି ନିକଟରେ ମାନ୍ୟବର ଏନ୍‌ଜିଟି ଫଂଚୁଘଣ୍ଟାସ୍ଥିତ ରିଭରବ୍ଲକ 'କ' ଓ 'ଖ' କୁ କେତେକ ସର୍ତ୍ତରେ ଲିଜ୍‌ଧାରୀ ମାନଙ୍କୁ ଖୋଲିବାକୁ ନିର୍ଦ୍ଦେଶ ଦେଇଛନ୍ତି । ବାର୍ଷିକ ୫ହଜାର କ୍ୟୁବିକ୍ ମିଟର ବାଲି ଉତ୍ତୋଳନ, ନଦୀ ସ୍ରୋତକୁ ବନ୍ଧ, ବାଡ, ପୋଲ ଦ୍ୱାରା ଅବରୋଧ ନ କରିବା, ନଦୀ ଶର୍ଯ୍ୟାରେ ଗ୍ରୀନ୍ ବେଲ୍ଟ କରିବା, ଉତ୍ତଳନରେ ମେସିନ ବ୍ୟବହାର ନ କରି ଶ୍ରମିକଙ୍କ ଦ୍ୱାରା ଶୃଙ୍ଖଳା ବାଲି ଉତ୍ତୋଳନ କରିବା, ସକାଳ ୮ରୁ ୪ଟା ମଧ୍ୟରେ ବାଲି ଉତ୍ତୋଳନ କରିବା, ପରିବହନ ବେଳେ ଘୋଡାଇ ନେବା ଓ ଗାଡିର ଗତି ୨୦ କିମି ବେଗ ରଖିବା ଇତ୍ୟାଦି ସର୍ତ୍ତରେ ବାଲି ଉତ୍ତଳନ କରାଯିବ ବୋଲି ରାୟରେ ପ୍ରକାଶ ପାଇଛି । ଉପର ଲିଖିତ ସର୍ତ୍ତ ପୂରଣ ନ ହେଲେ ଲିଜ୍ ବାତିଲ ନିମନ୍ତେ ଆବେଦନକାରୀ ସମୀର ପାତ୍ର, ସୁବ୍ରତ ବେରା, ଧନଞ୍ଜୟ ପଲାଇ ଓ ଅଖିଳ ପ୍ରଧାନ ପୁଣି କୋର୍ଟର ଦ୍ୱାରସ୍ଥ ହେବେ ବୋଲି ସାମ୍ବାଦିକ ସମ୍ମିଳନୀରେ ପ୍ରକାଶ କରିଛନ୍ତି ।

## ୧୦ଲକ୍ଷ ଦାଦାବଟି ଦାବି ମହଙ୍ଗା ପଡ଼ିଲା : ପାଞ୍ଚ ଗିରଫ

ପୁରୀ,୦୮/୦୨ (ନି.ପ୍ର): ମୁଣ୍ଡରେ ପିସ୍ତଲ ଲଗାଇ ୧୦ଲକ୍ଷଟଙ୍କା ଦାଦାବଟି ମାଗିବା ମହଙ୍ଗା ପଡ଼ିଛି।ବାସେଳୀସାହିଥାନା ପୁଲିସର ତ୍ୱରିତ ପଦକ୍ଷେପ ଯୋଗୁଁ ୫ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଅଭିଯୁକ୍ତମାନେହେଲେ ବାସେଳୀ ସାହି ଥାନା ଅନ୍ତର୍ଗତ ପାର୍ବତୀପୁରର ଡମ୍ବୁରଧର ଖଟୋଇ ଓରଫ ଭୂଆ (୨୧),ପ୍ରଦୀପ ପାଢୀ (୨୬),ଦୀନବନ୍ଧୁ ପଲେଇ ଓରଫ ଦିଲୁ(୨୧),ପାଇକସାହିର ଜୟରାମସାହୁ ଓରଫ ଜୟୀ(୨୫)ଓ କିଶୋର ସ୍ୱାଇଁ(୩୮)। ଅଭିଯୁକ୍ତମାନଙ୍କ ନିକଟରୁ ଏକ ଦେଶୀ ପିସ୍ତଲ,ଦୁଇଟି ଜୀବନ୍ତ ବୋମା,ଏକ ଖଣ୍ଡା,ଗୋଟିଏ ଭୁଜାଲି,ନଗଦ ୮ହଜାର ୫୦୦ଟଙ୍କା ଓ ଚାରିଗୋଟି ବାଇକ୍ ଜବତ କରାଯାଇଥିବା ସିଟି ଡ଼ିଏସ୍‌ପି ଜନାର୍ଦ୍ଦନ ପାଢୀ କହିଛନ୍ତି। ଆଜି ପୂର୍ବାହ୍ନରେ ପାଇକ୍‌ସାହିଠାରେ ବଡ଼ଶଙ୍ଖ ବାଘଆଖେଡ଼ାଲେନ୍‌ର ବିଭୁ ପ୍ରସାଦ ସାହୁ (୩୩)ନାମକ ଜଣେ ବ୍ୟକ୍ତିଙ୍କ ମୁଣ୍ଡରେ ପିସ୍ତଲ ଓ ଅନ୍ୟ ମାରଣାସ୍ତ୍ର ଦେଖାଇ ଉପରୋକ୍ତ ଅଭିଯୁକ୍ତମାନେ ୧୦ଲକ୍ଷ ଟଙ୍କା ଦାଦା ବଟିଦାବି କରିଥିଲେ।ଠିକ୍ ଏହି ସମୟରେ ପିସିଆର ପହଞ୍ଚିଯିବାରୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ବିଭୁ ପ୍ରସାଦ ବାସେଳୀସାହିଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗକୁ ଭିତ୍ତିକରି ପୁଲିସ୨୧/୭ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ଥାନାର ଅନ୍ୟସହଯୋଗୀ କର୍ମଚାରୀଙ୍କ ସହାୟତାରେ ବାସେଳୀସାହିଥାନା ଭାରପ୍ରାପ୍ତ ଅଧିକାରୀ ତ୍ୱରିତ ପଦକ୍ଷେପ ଗ୍ରହଣ କରିବା ଫଳରେ ଅଭିଯୁକ୍ତମାନଙ୍କୁ ଗିରଫ କରାଯାଇଛି।

## ସ୍ୱର୍ଗଦ୍ୱାରରେ ଡ଼ଃ ଦାମୋଦର ହୋତାଙ୍କ ଶେଷକୃତ୍ୟ ସମ୍ପନ୍ନ

ପୁରୀ,୦୮/୦୨ (ନି.ପ୍ର): ସ୍ୱର୍ଗଦ୍ୱାର ଶଶ୍ମାନଠାରେ ବିଶିଷ୍ଟ ଶାସ୍ତ୍ରୀୟ ସଙ୍ଗୀତ ବିଶେଷଜ୍ଞ ଡ଼ଃ ଦାମୋଦର ହୋତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି। ସ୍ୱର୍ଗତ ହୋତାଙ୍କୁ ଜିଲ୍ଲା ଓ ପୁଲିସ ପ୍ରଶାସନ ପକ୍ଷରୁ ଗାର୍ଡ଼ ଅଫ୍ ଅନର ଦିଆଯାଇଥିଲା। ଜ୍ୟେଷ୍ଠପୁତ୍ର ଶିବାଶିଷ ହୋତା ମୁଖାଗ୍ନି ଦେଇଥିଲେ। ଅତିରିକ୍ତ ଜିଲ୍ଲାପାଳ ସୁଭାଷ ଚନ୍ଦ୍ର ନାଥ ଶର୍ମା, ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ପ୍ରଫୁଲ ଚନ୍ଦ୍ର ବଡ଼ଜେନା, ରିଜର୍ଭ ଇନିସ୍‌ପେକ୍ଟର ଚନ୍ଦ୍ରଶେଖର ଦାଶ ଓ ସମୁଦ୍ରକୂଳଥାନାଧିକାରୀ ଚିନ୍ମୟ ରାଉତ ପ୍ରମୁଖ ଉପସ୍ଥିତ ରହି ସ୍ୱର୍ଗତ ହୋତାଙ୍କୁ ଶେଷ ସମ୍ମାନ ପ୍ରଦର୍ଶନ କରିବା ସହିତ ଅମର ଆତ୍ମାର ସଦଗତି କାମନା କରିଥିଲେ। ସ୍ୱର୍ଗଦ୍ୱାରରେ ଅନ୍ତିମ ସଂସ୍କାର ସମୟରେ କନିଷ୍ଠ ଭାତ୍ରା ଶ୍ୟାମ ସୁନ୍ଦର ହୋତା, ସାନପୁଅ ଦୁର୍ଗାଶିଷ ହୋତା, ତିନି ଝିଅ ପ୍ରିୟମ୍ୱଦା ମିଶ୍ର,କଳ୍ପନା ପାଢୀ, ମାନସୀ ହୋତା, ପୁତୁରା ଦେବାଶିଷ ହୋତା, ତିନି ଜ୍ୱାଇଁ, ଆତ୍ମୀୟ ସ୍ୱଜନ ଓ ବହୁମାଣ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତଥିଲେ।

## ପୁରୀ ଆସିବେ ରାଷ୍ଟ୍ରପତି

ପୁରୀ,୦୮/୦୨ (ନି.ପ୍ର): ରାଷ୍ଟ୍ରପତି ରାମନାଥ କୋବିନ୍ଦ ଆସନ୍ତା ୨୦ତାରିଖରେ ପୁରୀ ଗସ୍ତରେ ଆସିବେ । ଚୈତନ୍ୟ ଗୌଡ଼ିୟ ମଠ ପକ୍ଷରୁ ଆସନ୍ତା ୨୦ତାରିଖ ଦିନ ଶରଧାବାଲିଠାରେ ଆୟୋଜିତ ହେବାକୁ ଥିବା ଏକ କାର୍ଯ୍ୟକ୍ରମରେ ରାଷ୍ଟ୍ରପତିଯୋଗଦେବେ ବୋଲି ସୂଚନା ମିଳିଛି। ତେବେ ସରକାରୀଭାବେ ଏନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ମିଳିନାହିଁ।

## ମୃତ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ସହାୟତା

ଭୁବନେଶ୍ୱର, ୦୮/୦୨ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଫେବୃଆରୀ ୫ ତାରିଖ ଶନିବାର ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିବା "ଧରିତ୍ରୀ" ଖବରକାଗଜର କଳାହାଣ୍ଡି ଜିଲ୍ଲା ମଦନପୁର-ରାମପୁର ବ୍ଲକ୍ ସାମ୍ବାଦିକ ରୋହିତ ବିଶ୍ୱାଳଙ୍କ ପରିବାରକୁ ୪ ଲକ୍ଷ ଟଙ୍କାର ଅନୁକମ୍ପା ରାଶି ରାଜ୍ୟ ସରକାରଙ୍କ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ପ୍ରଦାନ କରାଯାଇଛି। ଫେବୃଆରୀ ୫ ତାରିଖ ଦିନ ମଦନପୁର-ରାମପୁର ଓ ମୋହନଗିରି ମଧ୍ୟସ୍ଥ ଡୋମକର୍ଲାଖୁଂଟା ପୋଲ ନିକଟରେ ସମ୍ବାଦ ସଂଗ୍ରହ କରୁଥିବା ବେଳେ ରୋହିତ ବିଶ୍ୱାଳ ଏକ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ପ୍ରାଣ ହରାଇଥିଲେ। ତାଙ୍କ ମର୍ମନ୍ତୁଦ ନିଧନ ସମ୍ବାଦ ପାଇ ମୁଖ୍ୟମନ୍ତ୍ରୀ ଗଭୀର ଶୋକ ପ୍ରକାଶ କରିବା ସହ ତୁରନ୍ତ ରୋହିତ ବିଶ୍ୱାଳଙ୍କ ପରିବାରକୁ ୧୩ ଲକ୍ଷ ଟଙ୍କା (ଓଡ଼ିଶା ପୋଲିସ ପକ୍ଷରୁ ୯ ଲକ୍ଷ ଟଙ୍କା ଓ ସୂଚନା ଓ ଲୋକସମ୍ପର୍କ ବିଭାଗ ଅଧୀନରେ ପରିଚାଳିତ ସାମାଜିକ କଲ୍ୟାଣ ପାଣ୍ଠିରୁ ୪ ଲକ୍ଷ ଟଙ୍କା)ର ଅନୁକମ୍ପା ରାଶି ପ୍ରଦାନ ନେଇ ଘୋଷଣା କରିଥିଲେ । ଏହି ଦୁଃଖଦ ଘଟଣାରେ ରାଜ୍ୟ ସରକାରଙ୍କ ଗଣମାଧ୍ୟମ ପରାମର୍ଶଦାତା ମାନସ ରଞ୍ଜନ ମଙ୍ଗରାଜ ଗଭୀର ମର୍ମାହତ ହୋଇଥିଲେ ଓ ଦିବଙ୍ଗତ ଆତ୍ମାର ସଦ୍‌ଗତି କାମନା କରିବା ସହ ଶୋକସନ୍ତପ୍ତ ପରିବାରବର୍ଗଙ୍କୁ ଗଭୀର ସମବେଦନା ଜ୍ଞାପନ କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ଅନୁଯାୟୀ ଆଜି ସାମ୍ବାଦିକ କଲ୍ୟାଣ ପାଣ୍ଠିରୁ ଅନୁକମ୍ପା ରାଶି ବାବଦରେ ୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇ ତାଙ୍କ ପତ୍ନୀ ମାଧବୀ ବିଶ୍ୱାଳଙ୍କ ବ୍ୟାଙ୍କ ଖାତାକୁ ସିଧାସଳଖ ପ୍ରେରଣ କରାଯାଇଛି ।

## ନାଇକୁଡ଼ି ପଞ୍ଚାୟତରେ ବିଜେପିର ଜୋରଦାର ପ୍ରଚାର

ଲଙ୍ଗଳେଶ୍ୱର, ୦୮/୦୨ (ନି.ପ୍ର): ଆଜି ବସ୍ତା ବ୍ଲକ ଅନ୍ତର୍ଗତ ନାଇକୁଡ଼ି ପଞ୍ଚାୟତର ବିଜେପି ଦଳର ପ୍ରଚାର ଜୋର ଧରିଛି। ଆଜି ନାଇକୁଡି ପଞ୍ଚାୟତର ବାଳିଆପାଟି ଠାରେ ନେତା ଓ କର୍ମୀ ମାନେ ଏକତ୍ରିତ ହୋଇ ସେଠାରୁ ବାଳିଆପାଟି, ବାୟା, ନାଇକୁଡି ଓ ଅଗତମାଳ ପୋଖରୀ ଗ୍ରାମକୁ ଯାଇ ଭୋଟରମାନଙ୍କୁ ବୈଠକ କରିବା ସହ ଭୋଟର ମାନଙ୍କୁ ଏକାଠି ହୋଇ ପ୍ରାର୍ଥୀ ମାନଙ୍କୁ ବିଜୟ କରିବାକୁ ଗୁରୁମନ୍ତ୍ର ଦେଇଥିଲେ । ଜିଲ୍ଲାପରିଷଦ ପ୍ରାର୍ଥୀ ଗୀତା ଦାସ, ସରପଞ୍ଚ ପ୍ରାର୍ଥୀ ଖଗେନ୍ଦ୍ର ନାୟକ ଓ ସମିତି ସଭ୍ୟ ପ୍ରାର୍ଥୀ ରାମ ଚନ୍ଦ୍ର ସନ୍ତରା ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ବିଭିନ୍ନ କୈଶଳ ଅବଲମ୍ବନ କରିଥିଲେ। ନାଇକୁ ଡି ପଞ୍ଚାୟତର ପ୍ରଚାର କମିଟି ଅଧକ୍ଷ ରତ୍ନାକର ଜେନା ପୌରହିତ୍ୟରେ ସେମାନଙ୍କ ମଙ୍ଗ ଧରିଛନ୍ତି ବିଜେପି ବରିଷ୍ଠ ନେତା ତଥା ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତି. ପ୍ରାର୍ଥୀଙ୍କ ସହିତ ସେ ମଧ ଭୋଟରମାନଙ୍କୁ ଭୋଟ ଭିକ୍ଷା କରିଛନ୍ତି। ବୈଠକରେ ପଞ୍ଚାୟତର ଦେବେନ୍ଦ୍ର ଦାସ,ବିଜୟ ଜେନା,ତ୍ରିଲୋଚନ ଦାସ,ଦିଲୀପ ନାୟକ, ଗୋପାଳ ଦାସ,ଅଶ୍ୱିନି ପାତ୍ର ସହ ବହୁ କର୍ମୀ ସାମିଲ ହୋଇଥିଲେ।

## ବସ୍ତାରେ ୫୬୯ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ

ବସ୍ତା,୦୮/୦୨ (ନି.ପ୍ର): ତିନିଦିନ ଧରି ବସ୍ତା ବ୍ଲକରେ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ତାଲିମ ଦିଆଯାଇଥିଲା।ଏଥିରେ ୫୬୯ ଜଣ ସରକାରୀ କର୍ମଚାରୀ ତାଲିମ ନେଇଥିଲେ । ସେମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର,ବିଡ଼ିଓ ଜ୍ଞାନ ରଂଜନ ସାହୁ, ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାଶ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀ ନିର୍ବାଚନ ରେ ଭୋଟ ଦାନରେ ସତର୍କତା ଅବଲମ୍ବନ ସମ୍ପର୍କରେ ବୁଝାଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ...

## ୫ ଜଣ ଅଧିକାରୀଙ୍କୁ ....

ଏକ ଫ୍ଲାଟ୍, କଳିଙ୍ଗ ବିହାରରେ ଏକ ଅର୍ଦ୍ଧନିର୍ମିତ ବିଲ୍ଡିଂ ରହିଛି । ଏହା ସହିତ ବାଲେଶ୍ୱରରେ ୩ଟି ପ୍ଲଟ୍ ମଧ ଅଛି । ଅପାରଗତା, ଅସାଧୁତା ଓ ଆର୍ଥିକ ଅନିୟମିତତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଜଗତସିଂହପୁର ଜିଲ୍ଲା ବାଲିକୁଦାର ଗୋଷ୍ଠୀ ଉନ୍ନୟନ ପ୍ରକଳ୍ପ ଅଧିକାରୀ (ସିଡିପିଓ) ଶ୍ରୀମତୀ ସରଳା ଦେଇ ୨୦ ହଜାର ଟଙ୍କା ଲାଂଚ ନେଉଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ। ଦୁର୍ନୀତି ନିବାରଣ ବିଭାଗର ଅନୁସନ୍ଧାନରୁ ଜଣାଯାଇଛି ଯେ ତାଙ୍କର ଭୁବନେଶ୍ୱରରେ ୫ଟି ପ୍ଲଟ୍, ପିପିଲିରେ ଗୋଟିଏ ପ୍ଲଟ ଓ ଜଗତସିଂହପୁରରେ ଦୁଇଟି ପ୍ଲଟ ରହିଛି । ତା ସହିତ ଜଗତସିଂପୁରରେ ଗୋଟିଏ ଦୁଇତାଲା ବିଲ୍ଡିଂ ଅଛି । ଏହାସହିତ ଟଙ୍କା ଓ ସୁନାଗହଣା ଜବତ କରାଯାଇଛି। ଅପାରଗତା ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ସେହିପରି ଜଗତସିଂହପୁର ବାଲିକୁଦାର ଅଙ୍ଗନବାଡି ସୁପରଭାଇଜର ଶ୍ରୀମତୀ ପ୍ରତିମା ସାହୁ ମଧ୍ୟ ଲାଂଚ ନେଉଥିବା ବେଳେ ଧରା ପଡିଥିଲେ । ତାଙ୍କୁ ଗିରଫ କରାଯାଇ ବିଚାର ବିଭାଗୀୟ ହାଜତକୁ ପଠାଯାଇଥିଲା । ଅପାରଗତା ଓ ଅସାଧୁତା ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି । ଅନୁଗୁଳ ପୋଲିସ ଟ୍ରେନିଂ କଲେଜର ପୋଲିସ ଇନ୍‌ସପେକ୍ଟର ରାମଚନ୍ଦ୍ର ବେହେରାଙ୍କ ନାମରେ ଅନେକ ଅଭିଯୋଗ ରହିଥିଲା । ସେହିପରି କେନ୍ଦୁଝର ଜିଲ୍ଲା ସଦର ତହସିଲଦାରଙ୍କ କାର୍ଯ୍ୟାଳୟରେ କାର୍ଯ୍ୟରତ ରେଭିନ୍ୟୁ ସୁପରଭାଇଜର ହୃଦାନନ୍ଦ ସାହୁ ଜମିଜମା ମାପଚୁପ ସମୟରେ ଜଣେ ବ୍ୟକ୍ତିଙ୍କ ଠାରୁ ୨୦ ହଜାର ଟଙ୍କା ଲାଂଚ ଗ୍ରହଣ କରୁଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ଧରା ପଡିଥିଲେ । ଅସାଧୁ କାର୍ଯ୍ୟକଳାପ ଯୋଗୁ ତାଙ୍କୁ ବାଧ୍ୟତାମୂଳକ ଅବସର ଦିଆଯାଇଛି। ମୋ ସରକାର ତଥା ଅନ୍ୟ ସୂତ୍ରରୁ ମିଳିଥିବା ଫିଡବ୍ୟାକ୍ କୁ ମଧ ବିଚାରକୁ ନିଆଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ସୂଚନାଯୋଗ୍ୟ ଯେ ରାଜ୍ୟ ସରକାର ନିକଟରେ ଜଣେ ବରିଷ୍ଠ ଭାରତୀୟ ବନସେବା ଅଧିକାରୀ ଓ ଜଣେ ବରିଷ୍ଠ ଭାରତୀୟ ପ୍ରଶାସନିକ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର କରିଛନ୍ତି । ଏହାକୁ ମିଶାଇ ବର୍ତ୍ତମାନ ସୁଦ୍ଧା ୧୪୬ ଜଣ ଅଧିକାରୀଙ୍କୁ ଚାକିରୀରୁ ବହିଷ୍କାର ବା ବାଧ୍ୟତାମୂଳକ ଅବସର ଦିଆଯାଇଛି।

## ବିଜେଡିର ଉଷୁନା ଚାଉଳ....

ଚାଉଳ, ୫ ଲକ୍ଷ ଟନ୍ ଭିଟାମିନ୍ ଯୁକ୍ତ ଚାଉଳକୁ ଏଫସିଆଇ କିଣିବାକୁ ରାଜି ଥିବା ବେଳେ ବାକି ୧୫ ଲକ୍ଷ ମେଟ୍ରିକ୍ ଟନ୍ ଚାଉଳ ଏଫସିଆଇ କିଣିବାକୁ ମନା କରିଛି । ଜବାବ ରଖି ବିଜେଡିକୁ ସମାଲୋଚନା କରିଛି ବିଜେପି । ପଞ୍ଚାୟତ ନିର୍ବାଚନ ପୂର୍ବରୁ ପୁଣି ଥରେ ଶିକ୍ଷୟତ୍ରୀ ମମିତା ମେହେର ହତ୍ୟାକାଣ୍ଡକୁ ପ୍ରସଙ୍ଗ କରି ଆନ୍ଦୋଳନକୁ ଓହ୍ଲାଇଛି ବିଜେପି । ମମିତାଙ୍କ ହତ୍ୟାକାଣ୍ଡକୁ ଏହା ଭିତରେ ୪ମାସ ବିତିଯାଇଥିଲେ ବି ଚାର୍ଜସିଟ୍ ଦାଖଲ ହୋଇନଥିବାରୁ ଅଭିଯୁକ୍ତକୁ ଜାଣିଶୁଣି ସରକାର ଖସାଇ ଦେବାକୁ ବାଟ କରୁଥିବା ଅଭିଯୋଗ ଆଣି ପ୍ରତିବାଦ କରିଛି ବିଜେପି । ଏଥିସହ ମନ୍ତ୍ରୀ ଦିବ୍ୟଶଙ୍କର ମିଶ୍ରଙ୍କ ବହିଷ୍କାର ଦାବିରେ ନବୀନ ନିବାସ ଘେରାଉ ପାଇଁ ରାଜଭବନ ଛକରୁ ବାହାରିଥିଲେ ଶତାଧିକ ବିଜେପି କର୍ମୀ । ଶିଶୁ ଭବନ ଛକରେ ପୋଲିସ ବିଜେପି କର୍ମୀଙ୍କୁ ଅଟକାଇଥିଲା । ବିଜେପି କର୍ମୀ ବ୍ୟାରିକେଡ୍ ଭାଙ୍ଗି ଆଗକୁ ବଢ଼ିବାକୁ ଉଦ୍ୟମ କରିବାବେଳେ, ପୋଲିସ ବିକ୍ଷୋଭକାରୀଙ୍କୁ ଅଟକାଇବାରୁ ମୁହାଁମୁହିଁ ହୋଇଥିଲେ । ବିଜେପି କର୍ମୀ ଓ ନେତା ନବୀନ ନିବାସ ମୁହାଁ ହେଉଥିବାବେଳେ ସେମାନଙ୍କୁ ଅଟକାଇବାରୁ ପୋଲିସ ସହ ଧସ୍ତାଧସ୍ତି ହୋଇଥିଲେ । ମୁଖପାତ୍ର ଠାକୁର ରଞ୍ଜିତ ଦାସ ଓ ପୋଲିସ କର୍ମୀ ହାତାହାତି ହୋଇଥିଲେ । ବିଜେପିର ମହିଳା ନେତ୍ରୀମାନଙ୍କୁ ପୋଲିସ ଟାଣିଟାଣି ଗାଡିରେ ଭର୍ତି କରିଥିଲା । ଯାହା ବେଶ ଚର୍ଚ୍ଚାର ବିଷୟ ହୋଇଛି ।

## ୧୪ରୁ ଖୋଲିବ କେଜିରୁ ....

କମୁଥିବାରୁ ବର୍ତ୍ତମାନ ସମୟରେ ସ୍କୁଲ ଖୋଲାଯିବା ଆବଶ୍ୟକ । ଛାତ୍ରଛାତ୍ରୀ ସ୍କୁଲ ଆସିବା ସପକ୍ଷରେ ସ୍ୱାସ୍ଥ୍ୟ ବିଶେଷଜ୍ଞ ମତ ଦେଉଥିଲେ ବି ସତର୍କତା ଅବଲମ୍ବନ କରିବା ପାଇଁ ପରାମର୍ଶ ଦେଇଛନ୍ତି । ସ୍କୁଲ ଆସୁଥିବା ପିଲାଙ୍କୁ ରୁମାଲ ଓ ଏକ୍ସ୍ଟ୍ରା ମାସ୍କ ଦେବାକୁ ଅଭିଭାବକମାନଙ୍କୁ ପରାମର୍ଶ ଦେଇଛନ୍ତି ଡାକ୍ତର । ସେହିପରି ସ୍କୁଲ କର୍ତ୍ତୃପକ୍ଷଙ୍କୁ ମଧ ସତର୍କ ରହିବାକୁ କହିଛନ୍ତି । ସ୍କୁଲ ଖୋଲିଲେ ପିଲାଙ୍କୁ ଛାଡିବାକୁ ରାଜି ଥିଲେ ବି ୨ ବର୍ଷ ଧରି ସ୍କୁଲ ବନ୍ଦ ଥିବାରୁ ଅଫଲାଇନ ପରୀକ୍ଷା ନକରିବାକୁ ଅଭିଭାବକମାନେ ଦାବି କରିଛନ୍ତି । ଅନ୍ୟପଟେ ପରୀକ୍ଷା ପାଇଁ ପ୍ରସ୍ତୁତ ହେବାକୁ ପରାମର୍ଶ ଦେଇଛନ୍ତି ଶିକ୍ଷାବିତ । ସ୍କୁଲ କଲେଜ ଖୋଲୁଥିଲେ ବି ଅଫଲାଇନରେ ପରୀକ୍ଷା ନକରିବାକୁ ଦାବି ବଢ଼ିବାରେ ଲାଗିଛି । ଯାହାକି ଆଗାମି ଦିନରେ ଏକ ବଡ ସମସ୍ୟା ଭାବେ ମୁଣ୍ଡ ଟେକିବାର ଆଶଙ୍କା ସୃଷ୍ଟି ହୋଇଛି ।

## ଯଦି କଂଗ୍ରେସ ନଥାନ୍ତା....

କିଛି କଲେ ନାହିଁ । ୧୯୭୫ରେ ଗଣତନ୍ତ୍ର ତଣ୍ଟି ଚିପି ଥିବା ଦଳକୁ ଗଣତନ୍ତ୍ର ଉପରେ କହିବାର ଆବଶ୍ୟକତା ନାହିଁ । ଭାରତର ଗଣତନ୍ତ୍ର ପାଇଁ ସବୁଠୁ ବଡ ବିପଦ ହେଉଛି ପରିବାରବାଦ, ଏହାକୁ ମାନିବାକୁ ପଡିବ । ଦଳରେ ଯେତେବେଳେ କୌଣସି ପରିବାର ସର୍ବଶକ୍ତିମାନ ହୋଇଯାଏ ସେତେବେଳେ ଅନେକ ପ୍ରତିଭାଙ୍କର ମୃତ୍ୟୁ ହୋଇଥାଏ । କଂଗ୍ରେସକୁ ଟାର୍ଗେଟ କରିବା ସହ ନିଜ ସରକାରର ପ୍ରଂଶସା କରିବାକୁ ପଛାଇ ନାହାନ୍ତି ମୋଦୀ । ପ୍ରଧାନମନ୍ତ୍ରୀ କହିଛନ୍ତି, ଗତ ୧୦୦ ବର୍ଷ ମଧ୍ୟରେ ବିଶ୍ୱ ଏଭଳି ମହାମାରୀ ସଙ୍କଟ ଦେଖିନଥିଲା । ପୂରା ବିଶ୍ୱ ଏହି ସଙ୍କଟରେ କବଳିତ । କିନ୍ତୁ ଏଭଳି ସଙ୍କଟ ସମୟରେ ବି ଭାରତ ମୁଣ୍ଡ ଟେକି ଛିଡା ହୋଇଛି । କରୋନା ଟିକା ପାଇଁ ପୂରା ବିଶ୍ୱ ଭାରତକୁ ବାହାବା କରୁଛି ।

## ପରଲୋକରେ ମହାଭାରତର ....

ଜଣେ ଆଗଧାଡ଼ିର ଖେଳାଳି ହୋଇଥିବାରୁ ଡେପୁଟି କମାଣ୍ଡାଣ୍ଟ ପଦରେ ନିଯୁକ୍ତି ପାଇଥିଲେ ପ୍ରବୀଣ । ହେଲେ ତାଙ୍କ ଭାଗ୍ୟରେ କିଛି ଅଲଗା ଲେଖା ଥିଲା। ବି. ଆର ଚୋପ୍ରା ନିଜ 'ମହାଭାରତ' ସିରିଏଲର ଭୀମ ଚରିତ୍ର ନିମନ୍ତେ ଜଣେ ଡେଙ୍ଗା ତଥା ବଳିଷ୍ଠ କଳାକାର ଖୋଜୁଥିଲେ। ଏହା ଜାଣି ୧୯୮୬ ମସିହାରେ ପରବୀନ ବିଆର ଚୋପ୍ରାଙ୍କୁ ଦେଖା କରିବା ପରେ ଭୀମ ରୋଲ୍ ପାଇଁ ସେ ହିଁ ଫାଇନାଲ ହୋଇଗଲେ। ଭୀମ ରୋଲ କରି ଘରେ ଘରେ ପରିଚିତ ହେବା ପରେ ପ୍ରବୀଣ ବଲିଉଡରେ ବି ନିଜ ଭାଗ୍ୟ ଚମକାଇବାକୁ ଚେଷ୍ଟା କରିଥିଲେ।

## ୧୨ରୁ ଭୁବନେଶ୍ୱରରେ....

କରିବେ। ଧର୍ମାନୁଷ୍ଠାନ ବାହାରେ ସାନିଟାଇଜର ରହିବା ବାଧ୍ୟତାମୂଳକ। ମନ୍ଦିର ବାହାରେ ଓ ଭିତରେ ପାନ ଗୁଟଖା ଚୋବାଇବା ମନା କରାଯାଇଛି। ସାମାନ୍ୟ କରୋନା ଲକ୍ଷଣ ଥିଲେ ମନ୍ଦିର ପ୍ରବେଶ ଅନୁମତି ଦିଆଯିବ ନାହିଁ । ସେହିପରି ବୃଦ୍ଧ ଓ ଗର୍ଭବତୀଙ୍କୁ ମନ୍ଦିର ନଯିବାକୁ ପରାମର୍ଶ ଦିଆଯାଇଛି। ୨୮ ଫେବ୍ରୁଆରୀ ପର୍ଯ୍ୟନ୍ତ ଏହି ନିୟମ ବଳବତର ରହିବ ।


## ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ନାମଲେଖା ଚାଲିଛି

### ହଳଦୀପଦା, ବାଲେଶ୍ୱର

ନାମଲେଖା ଚାଲିଛି

ଶିକ୍ଷାବର୍ଷ-୨୦୨୨-୨୩

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ପ୍ରଥମ ଶ୍ରେଣୀଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ। ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର,
ହଳଦୀପଦା, ବାଲେଶ୍ୱର

ଯୋଗାଯୋଗ: ୮୨୪୯୨୪୨୦୬୯



## ବିବେକାନନ୍ଦ ଶିକ୍ଷାକେନ୍ଦ୍ର

ନାମଲେଖା ଚାଲିଛି Reg.no. Bls 8308-29/2006-07 ନାମଲେଖା ଚାଲିଛି

### ଶ୍ୟାମସୁନ୍ଦରପୁର, ନୀଳଗିରି, ବାଲେଶ୍ୱର

ଶିକ୍ଷାବର୍ଷ-୨୦୨୨-୨୩

ରାଜ୍ୟ ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଏହି ଅନୁଷ୍ଠାନରେ ପ୍ରଥମ ଶ୍ରେଣୀଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ନାମଲେଖା ଚାଲୁଅଛି ।

ଓଡ଼ିଶା ସରକାରଙ୍କର **RTE Act** ଅନୁଯାୟୀ ୨୫% ଆସନ ଆର୍ଥିକ ଅନଗ୍ରସର, ଦିବ୍ୟାଙ୍ଗ ଓ ଅନୁସୂଚିତ ଜାତି ଓ ଜନଜାତିର ଛାତ୍ରଛାତ୍ରୀଙ୍କୁ ମାଗଣା ଶିକ୍ଷାଦାନ ପାଇଁ ଉଦ୍ଦିଷ୍ଟ। ଯେଉଁମାନଙ୍କର ବାସସ୍ଥାନ ବିଦ୍ୟାଳୟରୁ ୧ କି.ମି. ଦୂରତା ମଧ୍ୟରେ ହୋଇଥିବ, ଉକ୍ତ ପିଲାମାନଙ୍କ ପାଇଁ ନାମଲେଖା ଫର୍ମ ବିନା ମୂଲ୍ୟରେ ପ୍ରାପ୍ତ ହୋଇପାରିବେ। ଆବଶ୍ୟକୀୟ କାଗଜପତ୍ର ଦାଖଲ କରି ଛାତ୍ରଛାତ୍ରୀମାନେ ଉକ୍ତ ସୁବିଧା ପାଇପାରିବେ।

ପ୍ରଧାନ ଆଚାର୍ଯ୍ୟ
ବିବେକାନନ୍ଦ ଶିକ୍ଷାକେନ୍ଦ୍ର,
ଶ୍ୟାମସୁନ୍ଦରପୁର, ନୀଳଗିରି, ବାଲେଶ୍ୱର

ଯୋଗାଯୋଗ: ୯୭୭୭୯୧୭୪୩୦, ୭୮୯୪୬୫୨୨୫୪

# ଦି ନ୍ୟୁ ହୋପ ପକ୍ଷରୁ ଖୋଲିଲା ଦ୍ୱିତୀୟ ମାଗଣା ବସ୍ତ୍ର ଭଣ୍ଡାର

ବାଲେଶ୍ୱର,୦୮/୦୨ (ନି.ପ୍ର): ବାଲେଶ୍ୱରର ଅନ୍ୟତମ ସ୍ୱେଚ୍ଛାସେବୀ ସଙ୍ଗଠନ 'ଦି ନ୍ୟୁ ହୋପ' ପକ୍ଷରୁ ଗରିବ ତଥା ଅସହାୟଙ୍କ ଉଦ୍ଦେଶ୍ୟରେ ସହରର ଦ୍ୱିତୀୟ ପୁରୁଣା ବସ୍ତ୍ର ଭଣ୍ଡାର ମଙ୍ଗଳବାର ସ୍ଥାପନ କରାଯାଇଛି। ସ୍ଥାନୀୟ ଗାନ୍ଧୀସ୍ମୃତି ଭବନ ସମ୍ମୁଖରେ ଏହି ବସ୍ତ୍ର ଭଣ୍ଡାରକୁ ଡାକ୍ତର ଅମିତାଭ ଗିରି ଉଦଘାଟନ କରିବା ସହିତ ଉପସ୍ଥିତ ଗରିବ ଲୋକଙ୍କୁ ବସ୍ତ୍ର ବଣ୍ଟନ ଶୁଭାରମ୍ଭ କରିଥିଲେ। ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ ହୋଇଥିବା ବେଳେ ଏହାଦ୍ୱାରା ବସ୍ତ୍ର ଆବଶ୍ୟକ କରୁଥିବା ବହୁ ଗରିବ ଲୋକ ଉପକୃତ ହୋଇପାରିବେ ବୋଲି ସେ କହିଥିଲେ। ବସ୍ତ୍ର ଆବଶ୍ୟକ କରୁଥିବା ବ୍ୟକ୍ତି ଏହି ଭଣ୍ଡାରରୁ ନିଜର ଆବଶ୍ୟକ ମୁତାବକ ଲୁଗା ନେଇ ପାରିବେ ବୋଲି ନ୍ୟୁ ହୋପର କର୍ମକର୍ତ୍ତାମାନେ ସୂଚନା ଦେଇଚନ୍ତି। ଏଥିରେ ଶାଢ଼ୀ, ପ୍ୟାଣ୍ଟ ସାର୍ଟ, ଚଦର, କମ୍ବଳ, ଜୋତା, ବ୍ୟାଗ ଆଦି ବ୍ୟବହାର ଉପଯୋଗୀ ସାମଗ୍ରୀ ରଖି ପାରିବେ। ଏହା ପୂର୍ବରୁ ସଂଗଠନ ପକ୍ଷରୁ ଏକ ବସ୍ତ୍ର ଭଣ୍ଡାର ଓ ଏକ ଖାଦ୍ୟ ଭଣ୍ଡାର ସ୍ଥାନୀୟ ଗଡ଼ଡ଼ିଆ ଛକଠାରେ ସ୍ଥାପିତ ହୋଇ ଲୋକଙ୍କୁ ସେବା ଯୋଗାଇ ଆସୁଛି। ଆଗାମୀ ଦିନରେ ଏହି ସଂଗଠନ ଅନ୍ୟାନ୍ୟ ବହୁ ଲୋକାଭିମୁଖୀ କାର୍ଯ୍ୟ କରିବାକୁ ଯୋଜନା ରଖିଛି ବୋଲି କର୍ମକର୍ତ୍ତାମାନେ ସୂଚନା ଦେଇଛନ୍ତି। ଏହି ଅବସରରେ ଉତ୍ତମ ସେବାକାର୍ଯ୍ୟ ପାଇଁ ସଂଗଠନର ସଦସ୍ୟ ତପନ କୁମାର ଜେନାଙ୍କୁ ଅତିଥିଙ୍କ ଦ୍ୱାରା ସମ୍ମାନିତ ରକାଯାଇଥିଲା। ଦି ନ୍ୟୁ ହୋପର ସଭାପତି ସଂଗ୍ରାମ ପଣ୍ଡା, ଅଶ୍ୱିନୀ ଦାସ, ସୁଶାନ୍ତ ମହାପାତ୍ର, ଅଜିତ ପତି, ରାଜେଶ ଶର୍ମା, ମୁକ୍ତିକାନ୍ତ ମହାପାତ୍ର, ସୁଶାନ୍ତ ରଣା, ସାଗରିକା ମହାନ୍ତି, ଗିରିଜା ଶଙ୍କର ଦାସ, ପ୍ରବୀର ଦାସ, ସିଦ୍ଧାର୍ଥ ପତି, ବିଜୟ ଜେନା, ମୁସ୍ତାକ ଅଲି, ବିପ୍ଲବ ଦାସ, ଚତ୍ତରଂଜନ ପାଣିଗ୍ରାହୀ, ଦୀନେଶ ଖଣ୍ଡେଲୱାଲ ପ୍ରମୁଖ ସଂଗଠନର କର୍ମକର୍ତ୍ତା ଓ ସଦସ୍ୟମାନେ ଉପସ୍ଥିତ ଥିଲେ।

# ୧୦ରୁ ଜିଲ୍ଲାରେ ଫାଇଲେରିଆ ଔଷଧ ସେବନ ଅଭିଯାନ




ବାଲେଶ୍ୱର,୦୮/୦୨ (ନି.ପ୍ର): ରାଜ୍ୟରେ ଲିମ୍ଫାଟିକ ଫାଇଲେରିଆ ନିରାକରଣ ପାଇଁ ଓଡ଼ିଶା ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଆସନ୍ତା ୧୦ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ସାମୂହିକ ଔଷଧ ସେବନ କାର୍ଯ୍ୟକ୍ରମ ଆୟୋଜନ ପାଇଁ ନିଷ୍ପତ୍ତି ନିଆଯାଇଛି। ଏହି ପରିପ୍ରେକ୍ଷୀରେ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏକ ଗଣମାଧ୍ୟମ କର୍ମଶାଳା ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଲିମ୍ଫାଟିକ ଫାଇଲେରିଆ ରୋଗର ଭୟାବହତା ସମ୍ପର୍କରେ ଆଲୋଚନା ସହ ଜନସାଧାରଣଙ୍କ ମଧ୍ୟରେ ପ୍ରଚାର ପ୍ରସାର ସୁନିଶ୍ଚିତ କରିବା ଏହି କର୍ମଶାଳାର ଲକ୍ଷ୍ୟ ବୋଲି ଜିଲାମୁଖ୍ୟ ଚିକିତ୍ସାଧିକାରୀ ସୂଚନା ଦେଇଥିଲେ। ଆସନ୍ତା ୨୦୩୦ ମସିହା ସୁଦ୍ଧା ଫାଇଲେରିଆ ନିରାକରଣ କରିବାକୁ ଭାରତର ପ୍ରତିବଦ୍ଧତାକୁ ମନ ମଧ୍ୟରେ ରଖି ଲିମ୍ଫାଟିକ ଫାଇଲେରିଆସିସ ମୂଳୋତ୍ପାଟନ କାର୍ଯ୍ୟକ୍ରମ ଅଧୀନରେ ଓଡ଼ିଶା ସରକାର ପ୍ରତ୍ୟେକ ଜିଲରେ ଫେବୃଆରୀ ୧୦ରୁ ଏମଡିଏ ପର୍ଯ୍ୟାୟଗୁଡିକ କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି ବୋଲି ସେ କହିଥିଲେ। ସେ ଆହୁରି କହିଥିଲେ କି ମହାମାରୀ କରୋନା ସଂକ୍ରମଣ ରୋକିବା ପାଇଁ ସୁରକ୍ଷାମୂଳକ ସତର୍କତା ଯଥା ହାତ ଧୋଇବା, ମାସ୍କ ପରିଧାନ ଏବଂ ଶାରୀରିକ ଦୂରତା ବଜାୟ ରଖିବା ଆଦି ଅନୁପାଳନ କରାଯିବା ଉପରେ ଏହି ଗଣମାଧ୍ୟମ କର୍ମଶାଳାରେ ଅଧିକାରୀମାନେ ସୂଚନା ଦେଇଥିଲେ। ଏନେଇ ଜିଲ୍ଲାରେ ସମସ୍ତ ଯୋଗ୍ୟ ହିତାଧିକାରୀ ୨ ବର୍ଷରୁ କମ ବୟସର ଶିଶୁ, ଗର୍ଭବତୀ ମହିଳା ଓ ଗୁରୁତର ଅସୁସ୍ଥ ଥିବା ଲୋକଙ୍କ ବ୍ୟତୀତ ଅନ୍ୟ ସମସ୍ତ ବର୍ଗର ଲୋକଙ୍କୁ ଆଶା, ଅଙ୍ଗନୱାଡି କର୍ମୀ ଏବଂ ତାଲିମପ୍ରାପ୍ତ ସ୍ୱେଚ୍ଛାସେବୀଙ୍କ ଉପସ୍ଥିତିରେ ଲୋକମାନେ ଫାଇଲେରିଆ ନିରୋଧୀ ଔଷଧ ସେବନ କରିବେ ବୋଲି ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଅଧୀନରେ ଗୋଷ୍ଠୀ ଅଂଶଗ୍ରହଣ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଫାଇଲେରିଆ ନିରାକରଣ ଦିଗରେ ପ୍ରତିବଦ୍ଧତା ସହିତ ଲୋକ ପ୍ରତିନିଧି, ସରକାରୀ ଅଧିକାରୀ, ସ୍ୱାସ୍ଥ୍ୟ କର୍ମୀ ଏବଂ ଜନସମୁଦାୟ ଯେଉଁଭଳି ଫାଇଲେରିଆ ନିରାକରଣ କାର୍ଯ୍ୟକ୍ରମକୁ ଏକ ଜନ ଆନ୍ଦୋଳନରେ ପରିଣତ କରିବେ, ତାହା ସବୁଠାରୁ ଗୁରୁତ୍ୱପୂର୍ଣ୍ଣ। ଫାଇଲେରିଆ ଏକ ଅକ୍ଷମତା ସୃଷ୍ଟିକାରୀ ରୋଗ ଯାହାକୁ ତାଲିମପ୍ରାପ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ଦ୍ୱାରା ପ୍ରଦାନ କରାଯାଉଥିବା ଫାଇଲେରିଆ ନିରୋଧୀ ଔଷଧ ସେବନ ଦ୍ୱାରା ରୋକା ଯାଇପାରିବ। ଫାଇଲେରିଆ ନିରୋଧୀ ଔଷଧ ସେବନ ପରବର୍ତ୍ତୀ ସମୟରେ ସାଧାରଣତଃ ପ୍ରକାଶ ପାଉଥିବା ସାମାନ୍ୟ ପାର୍ଶ୍ୱପ୍ରତିକ୍ରିୟା ସମ୍ପର୍କରେ ମଧ୍ୟ ସେ ଉଲ୍ଲେଖ କରିଥିଲେ। ସେ କହିଥିଲେ ଯେ, ଦେହ କୁଣ୍ଡାଇହେବା, ବାନ୍ତି ଲାଗିବା ଭଳି ଲକ୍ଷଣ ପ୍ରକାଶ ପାଇପାରେ। ତେବେ ଏହି ସାମାନ୍ୟ ପାର୍ଶ୍ୱ ପ୍ରତିକ୍ରିୟା କାରଣରୁ ଫାଇଲେରିଆ ନିରୋଧୀ ଔଷଧ ସେବନରୁ ବିରତ ରହିବା ଅନୁଚିତ ବୋଲି ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ କୁହାଯାଇଛି। ତେବେ ଏହି ଅଭିଯାନକୁ ସଫଳ କରିବା ପାଇଁ ସବୁ ମହଲର ସହଯୋଗ କରିବା ନିମନ୍ତେ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀମାନେ ନିବେଦନ କରିଛନ୍ତି।

# ବେଆଇନ ବାଲି ମହଜୁଦ : ୪ଲକ୍ଷ ଟଙ୍କା ଜୋରିମାନା

ବସ୍ତା,୦୮/୦୨ (ନି.ପ୍ର): ବେଆଇନ ବାଲି ଗଛିତ କରିବା ଅଭିଯୋଗରେ ମଙ୍ଗଳବାର ବସ୍ତା ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାଶ ବଡ଼ସିମୁଳିଆ ଗାଁର ରାମକୃଷ୍ଣ ପ୍ରମାଣିକ ଙ୍କ ଠାରୁ ୪ ଲକ୍ଷ ୧୭ ହଜାର ୫ଶହ ଟଙ୍କା ଜୋରିମାନା ଆଦାୟ କରି ଛନ୍ତି।ରଘୁନାଥପୁର ପଞ୍ଚାୟତ ର ବେଲି ଠାରେ ଏହି ବାଲି ପ୍ରମାଣିକ ମହଜୁଦ ରଖିଥିଲେ।ଏହିପରି ତହସିଲର ବିଭିନ୍ନ ସ୍ଥାନରେ ବେପାରୀମାନେ ବେଆଇନ ଭାବେ ବାଲି ରଖିଥିବା ବେଳେ ସେମାନଙ୍କ ଉପରେ ଚଢ଼ାଉ ପାଇଁ ଦାବି ହୋଇଛି ।

# ବସ୍ତାରେ ୫୬୯ ପୋଲିଂ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ତାଲିମ

ବସ୍ତା,୦୮/୦୨ (ନି.ପ୍ର): ତିନିଦିନ ଧରି ବସ୍ତା ବ୍ଲକରେ ପୋଲିଂ ଅଧିକାରୀ ଓ ପ୍ରିଜାଇଡିଂ ଅଧିକାରୀଙ୍କୁ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟରେ ତାଲିମ ଦିଆଯାଇଥିଲା।ଏଥିରେ ୫୬୯ ଜଣ ସରକାରୀ କର୍ମଚାରୀ ତାଲିମ ନେଇଥିଲେ।ସେମାନଙ୍କୁ ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ର,ବିଡ଼ିଓ ଜ୍ଞାନ ରଂଜନ ସାହୁ, ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାଶ ଓ ଅନ୍ୟାନ୍ୟ ସରକାରୀ ଅଧିକାରୀ ନିର୍ବାଚନ ରେ ଭୋଟ ଦାନରେ ସତର୍କତା ଅବଲମ୍ବନ ସମ୍ପର୍କରେ ବୁଝାଇଥିଲେ।

# ରାଜଧାନୀରେ ୨୪ ଘଂଟାରେ ୨୪୨ ପଜିଟିଭ୍

ଭୁବନେଶ୍ୱର, ୦୮/୦୨ (ନି.ପ୍ର): ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ମଙ୍ଗଳବାର ଆଉ ୨୪୨ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୩୮ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୨୦୪ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୭୦୨ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୧୮୭ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୫୪୭୧୮ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୪୨୪୫୨ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୪୦ ରେ ପହଂଚିଛି। ବର୍ତ୍ତମାନ ଆଉ ୧୧୧୦୫ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।

# କୋଭିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ମାମଲାରେ ୫୦ ଗିରଫ, ୭୦୮ ବାହନ ଜବତ

ଭୁବନେଶ୍ୱର, ୦୮/୦୨ (ନି.ପ୍ର): ରାଜ୍ୟରେ କୋବିଡ ଗାଇଡଲାଇନ ନିୟମ ଉଲ୍ଲଂଘନ ଅଭିଯୋଗରେ ଓଡିଶା ପୋଲିସ ଗତ ୨୪ ଘଂଟାରେ ୫୦ ଜଣଙ୍କୁ ଗିରଫ ଜବତ କରା ଯାଇଛି । ୭୦୮ ବାହନକୁ ଜବତ କରା ଯାଇଛି । ଏହି ସମୟ ମଧ୍ୟରେ ୨୬,୯୩,୯୦୦ ଟଙ୍କା ଜୋରିମାନା ଆଦାୟ କରା ଯାଇଥିବା ରାଜ୍ୟ ପୋଲିସ ଦ୍ୱାରା ଟ୍ୱିଟ କରି ସୂଚନା ଦିଆ ଯାଇଛି ।

# ଲିଭିନାହିଁ ଉଦଳାରୁ ଆଧ୍ୟାତ୍ମିକ ବାତାବରଣର ଉଷ୍ମତା : ଚିନ୍ମୟ ମିଶନର ଭୂମି ପୂଜନ ଉତ୍ସବ



ଉଦଳା, ୦୮/୦୨ (ନି.ପ୍ର): କିଛି ବର୍ଷ ପୂର୍ବରୁ ଚିନ୍ମୟ ମିଶନର ସନ୍ୟାସୀ ସ୍ୱାମୀ ନିଜାନନ୍ଦନ ସ୍ୱରସ୍ୱତୀ ଉଦଳାରେ ଆରମ୍ଭ କରିଥିଲେ । 'ଗୀତା ଜ୍ଞାନ ଯଜ୍ଞ' । ଏହି ଯଜ୍ଞର ପ୍ରଭାବ ଉଦଳା ସହରରେ ଖେଳାଇ ଦେଉଥିଲା ଏକ ଭିନ୍ନ ସ୍ୱାଦର ବାତାବରଣ । ଉକ୍ତ ଯଜ୍ଞକୁ ଉଦଳା ସହର ମଧ୍ୟରେ ଆୟୋଜନ କରିବା ପାଇଁ ଜୟଚନ୍ଦ୍ର ପତ୍ରୀ, ୰ ପ୍ରଫୁଲ୍ଲ ଦାସ, ୰ ରବି ନାରାୟଣ ମହାନ୍ତି, ୰ ଡ଼ାକ୍ତର ଜଳଧର ମଲ୍ଲୁଆଳ, ରଘୁମଣି ତ୍ରୀପାଠୀ, ୰ ବାଇଧର ସାହୁ ପ୍ରମୁଖ ନେତୃତ୍ୱ ନେଉଥିଲେ । କିନ୍ତୁ ଉଦଳାରେ ସ୍ଥାୟୀ ଭାବେ ଚିନ୍ମୟ ମିଶନ ତରଫରୁ କୌଣସି ଆଶ୍ରମ ପ୍ରତିଷ୍ଠା ହୋଇନଥିଲା । ତେବେ ଚିନ୍ମୟ ମିଶନର ବ୍ରହ୍ମଚାରୀ ଅଚ୍ୟୁତ ଚୈତନ୍ୟଙ୍କ ନେତୃତ୍ୱରେ ଉଦଳାର ପୁରୁଣାପାଣି ଠାରେ ଏକ ଆଶ୍ରମ ପ୍ରତିଷ୍ଠା ପାଇଁ ଚଳିତ ଫେବୃଆରୀ ୭ ତାରିଖ ସୋମବାର ମାଘ ସପ୍ତମି ତିଥିରେ ଭୂମି ପୂଜନ ଉତ୍ସବ ଅନୁଷ୍ଠିତ ହୋଇ ଯାଇଛି। ଆଶ୍ରମ ନିର୍ମାଣ ସରିଲେ ଉଦଳାରେ ପୁଣି ଥରେ ଆଧ୍ୟାତ୍ମିକ ବାତାବରଣର ଉଷ୍ମତା ସମସ୍ତେ ସବୁ ସମୟରେ ଅନୁଭବ କରିବେ ବୋଲି ପ୍ରମିଳା ଜେନା, ସୁବ୍ରତ ପ୍ରଧାନ, ସୁବାସ ଚନ୍ଦ୍ର ପଣ୍ଡା, ବିଦ୍ୟୁତ ପ୍ରଭା ବେହେରା ପ୍ରମୁଖ ବ୍ୟକ୍ତ କରିଛନ୍ତି ।

# ଗୋଟିଏ ଦିନରେ ୧୫୦୩ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୦୮/୦୨ (ନି.ପ୍ର): ରାଜ୍ୟରେ ଗୋଟିଏ ଦିନରେ ୧୫୦୩ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୨୬୯୮୧୧ କୁ ବୃଦ୍ଧି ପାଇଛି । ସେହିପରି ୧୮ ବର୍ଷରୁ କମ ୩୨୯ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି । ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୨୪୧୫୯୭ ହୋଇଛି। ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୧୯୩୮୬ ରହିଛି । ଆଜି ଚିହ୍ନଟ ହୋଇଥିବା ୧୫୦୩ ଜଣଙ୍କ ମଧ୍ୟରୁ ୮୭୩ ଜଣ ସଂଗରୋଧରୁ ହୋଇଥିବା ବେଳେ ୬୩୦ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି । ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୩୩୩ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି । ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୫୧, ବାଲେଶ୍ୱର ଜିଲ୍ଲାରୁ ୩୦ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୨୧ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୨୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ବଲାଙ୍ଗୀର ଜିଲ୍ଲାରୁ ୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୧୦ , କଟକରୁ ୮୩ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୪୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଗଜପତି ଜିଲ୍ଲାରୁ ୩୭, ଗଂଜାମ ଜିଲ୍ଲାରେ ୨୬ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଜଗତସିଂହପୁର ଜିଲ୍ଲାରୁ ୪୨, ଯାଜପୁରରୁ ୫୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ଝାରସୁଗୁଡ଼ା ଜିଲ୍ଲାରୁ ୧୭ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କଳାହାଣ୍ଡି ଜିଲ୍ଲାରୁ ୪୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୧୭, କେନ୍ଦ୍ରାପଡ଼ା ଜିଲ୍ଲାରୁ ୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କେନ୍ଦୁଝରରୁ ୩୬, ଖୋର୍ଦ୍ଧାରୁ ୩୩୩ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । କୋରାପୁଟ ଜିଲ୍ଲାରୁ ୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୧୦୮ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ନୟାଗଡ ଜିଲ୍ଲାରୁ ୫୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୫୪ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୩୧ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସମ୍ବଲପୁରରୁ ୨୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୨୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି । ସୁନ୍ଦରଗଡ଼ରୁ ୧୫୭, ଷ୍ଟେଟ୍ ପୁଲରୁ ୬୧ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ।

# ଦୁବୁଲାଗଡ଼ି-ରାଇସୁଆଁରେ ମାନସଙ୍କ ଜୋରଦାର ପ୍ରଚାର



ବାଲେଶ୍ୱର,୦୮/୦୨ (ନି.ପ୍ର): ସଦର ନେତା ମାନସ ଦତ୍ତ ପ୍ରାର୍ଥୀଙ୍କ ପାଇଁ କରୁଛନ୍ତି ଧୁଆଁଧାର ପ୍ରଚାର। ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପରିପ୍ରେକ୍ଷୀରେ ରାଜ୍ୟ ବିଜେପି ଯୁବମୋର୍ଚ୍ଚା ଉପ ସଭାପତି ତଥା ସଦର ନିର୍ବାଚନ ମଣ୍ଡଳୀର ନେତା ମାନସ କୁମାର ଦତ୍ତ ବିଭିନ୍ନ ପଞ୍ଚାୟତ ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗୁଛନ୍ତି। ଆଜି ସକାଳେ ଶ୍ରୀ ଦତ୍ତ ରାଇସୁଆଁ ପଞ୍ଚାୟତରେ ଡୋର ଟୁ ଡୋର କ୍ୟାମ୍ପେନିଂ ଆରମ୍ଭ କରି ସାଧାରଣ ଜନତାଙ୍କୁ ଯଶସ୍ୱୀ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଜୀଙ୍କ ଜନକଲ୍ୟାଣକାରୀ ଯୋଜନା ଓ ବିକାଶମୂଳକ କାର୍ଯ୍ୟ ସମ୍ବନ୍ଧରେ ଉଲ୍ଲେଖ କରିଥିଲେ। କେନ୍ଦ୍ର ସରକାର ଓଡିଶାବାସୀଙ୍କ ପାଇଁ ହାତଖୋଲା ସହାୟତା ପ୍ରଦାନ କରୁଥିବା ବେଳେ ଏଠି ରାଜ୍ୟ ସରକାର ନିଜର ପ୍ରଚାର ପ୍ରସାରରେ ବ୍ୟସ୍ତ ରହୁଛନ୍ତି। ଶ୍ରୀ ଦତ୍ତ କହିଛନ୍ତି ଗତ ଉପ ନିର୍ବାଚନରେ ବିଜୁ ଜନତା ଦଳ ଯେଉଁ ସବୁ ପ୍ରତିଶୃତି ସାଧାରଣ ଜନତାଙ୍କୁ ଦେଇଥିଲେ, ତାହା ଆଜି କେବଳ ପ୍ରତିଶୃତିରେ ସୀମିତ ରହିଯାଇଛି। ଉପ ନିର୍ବାଚନକୁ ୧ ବର୍ଷ ବିତିଯାଇ ଥିବା ବେଳେ ପଞ୍ଚାୟତରେ କୌଣସି ବିକାଶମୂଳକ କାର୍ଯ୍ୟ ହୋଇପାରି ନାହିଁ। ପଞ୍ଚାୟତ ବାସୀ ପରିବର୍ତ୍ତନ ପାଇଁ ମନ ବଳାଇ ସାରିଲେଣି ବୋଲି ଶ୍ରୀ ଦତ୍ତ ଦୃଢୋକ୍ତି ପରିପ୍ରକାଶ କରିଛନ୍ତି। ତେଣୁ ଦଳୀୟ ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟ ଦେଇ ଜୟଯୁକ୍ତ କରିବା ପାଇଁ ନିବେଦନ କରିବା ସହ ଆଗାମୀ ପଞ୍ଚାୟତ ନିର୍ବାଚନରେ ଭାରତୀୟ ଜନତା ପାର୍ଟି ବାଜିମାତ କରିବ ଓ ପଞ୍ଚାୟତରେ ବିକାଶର ନୂଆ ସୂର୍ଯ୍ୟୋଦୟ ହେବ ବୋଲି ସଦର ନେତା ଶ୍ରୀ ଦତ୍ତ ପରିପ୍ରକାଶ କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ୨୯ ନଂ ଜିଲ୍ଲା ପରିଷଦ ପ୍ରାର୍ଥୀ ବିଜୟ କୁମାର ନାୟକ, ୨୮ ନଂ ଜିଲ୍ଲା ପରିଷଦ ପ୍ରାର୍ଥୀ ସନ୍ତୋଷ ସେଠୀ, ଦୁବୁଲାଗଡି ପଞ୍ଚାୟତର ସରପଞ୍ଚ ପ୍ରାର୍ଥୀ ମହେଶ୍ୱର ମାନ୍ନା ଓ ସମିତିସଭ୍ୟ ପ୍ରାର୍ଥୀ ରବୀନ୍ଦ୍ର ଜେନା, ରାଇସୁଆଁ ସରପଞ୍ଚ ପ୍ରାର୍ଥୀ ରାକେଶ କୁମାର ଜେନା ଓ ସମିତିସଭ୍ୟ ପ୍ରାର୍ଥୀ ଦୀନବନ୍ଧୁ ଦାସ, ମଣ୍ଡଳ ପ୍ରଭାରୀ ଲୋକନାଥ ଭୂୟାଁ, ପଞ୍ଚାୟତ ସଭାପତି ହରେକୃଷ୍ଣ ମାନ୍ନା ଓ ନିରଞ୍ଜନ ଜେନା, ସେଖ ଆକବର, କାଶୀନାଥ ଦାସ, ହରିନାରାୟଣ ମଲ୍ଲିକ, ରଜତ ସାମଲ, ଅନନ୍ତ ନାୟକ, ମଧୁ ମହାନ୍ତି, ପୂର୍ଣ୍ଣିମା କମିଳା, କଲ୍ୟାଣି ଦାସ, ସେଖ ଶାହାରୁଖ, ବାସୁ ସିଂ, ବଂଶୀ ସିଂ, ଅର୍ଜୁନ ପାତ୍ର, ସଞ୍ଜୁ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ।

# ଓଡିଶା ଫୋରେଷ୍ଟ ସ୍କ୍ୱାର୍ଡ କର୍ମଚାରୀଙ୍କ ବିକ୍ଷୋଭ



ବାରିପଦା, ୦୮/୦୨ (ନି.ପ୍ର): ବାରିପଦା ଫରେଷ୍ଟ ଡିଭିଜନ ଅଧିନ ଓଡିଶା ଫୋରେଷ୍ଟ ସ୍କ୍ୱାର୍ଡରେ କାର୍ଯ୍ୟରତ ଶତାଧିକ କର୍ମଚାରୀ ସେମାନଙ୍କ ବିଭିନ୍ନ ଦାବି ନେଇ ଆଜି ବାରିପଦା ଉପଖଣ୍ଡ ବନ ଅଧିକାରୀଙ୍କ ମାଧ୍ୟମରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି ।ବନବିଭାଗ ପାଇଁ ସମସ୍ତ କାର୍ଯ୍ୟ ସମ୍ପାଦନ କରୁଥିଲେ ସୁଦ୍ଧା ସେମାନଙ୍କୁ ସମସ୍ତ ସରକାରୀ ଅନୁକମ୍ପାରୁ ବଂଚିତ କରାଯାଉଛି । ସେମାନଙ୍କ କହିବା ଅନୁଯାୟୀ ଦୈନିକ ୩୧୫ ଟଙ୍କାରେ ସେମାନେ କାର୍ଯ୍ୟ କରୁଥିବା ବେଳେ ସେମାନଙ୍କୁ ଓମେଗା ନାମକ ଘରୋଇ ସଂସ୍ଥା ମାଧ୍ୟମରେ ନିଯୁକ୍ତି ମିଳିଛି । ଏଣୁ ସେମାନ ତାଙ୍କର ଚାକିରୀ ରେଗୁଲାର କରିବା, ମୃତ୍ୟୁ କାଳୀନ ଅନୁକମ୍ପା ରାଶି ପ୍ରଦାନ କରାଯିବା, ବନବିଭାଗର ପରିଚୟ ପତ୍ର ପ୍ରଦାନକରାଯିବା , ଆଉଟ ସୋରସିଂ ବନ୍ଦ କରାଯିବା , କାମ ଅନୁଯାୟୀ ଉପଯୁକ୍ତ ମଜୁରୀ ପ୍ରଦାନ କରାଯିବା ପ୍ରମୁଖ ଦାବି ପତ୍ର ରେ ଉଲ୍ଲେଖ କରିଥିବାର ଜଣା ଯାଇଛି ।

# ଗବେଷକମାନଙ୍କ ପାଇଁ ଖୋଲା ହେବ ବିଧାନସଭା ପାଠାଗାର

ଭୁବନେଶ୍ୱର, ୦୮/୦୨ (ନି.ପ୍ର): ବାଚସ୍ପତି ଡ. ସୂର୍ଯ୍ୟ ନାରାୟଣ ପାତ୍ର ବିଧାନସଭା ପାଠାଗାର ପରିଚାଳନା କ୍ଷେତ୍ରରେ ଏକ ଉଲ୍ଲେଖନୀୟ ନିଷ୍ପତି ଗ୍ରହଣ କରିଛନ୍ତି । ଏଣିକି ବିଧାନସଭା ପାଠାଗାରରେ ଅଧ୍ୟୟନ ସହ ଗବେଷଣାମୂଳକ କାର୍ଯ୍ୟକ୍ରମରେ ମଧ ଶିକ୍ଷାବିତ୍ ଗବେଷକ, ଲେଖକ, ସାମ୍ବାଦିକ, ସମ୍ବାଦପତ୍ର ସଂପାଦକ ଓ ରିସର୍ଚ୍ଚ ସ୍କଲାରମାନେ ବିଧାନସଭା ପାଠାଗାରର ଉପଯୋଗ କରିପାରିବେ । ସରକାରୀ କାର୍ଯ୍ୟଦିବସର ପୂର୍ବାହ୍ନ ୧୦ ଟା ।ଠାରୁ ଅପରାହ୍ନ ୫ଟା ୩୦ ମିନିଟ୍ ପର୍ଯ୍ୟନ୍ତ ସେମାନେ ଏହି ସୁଯୋଗ ପାଇପାରିବେ । ତେବେ ତା'ପୂର୍ବରୁ ସେମାନଙ୍କୁ ଏଥି ପାଇଁ ବାଚସ୍ପତିଙ୍କଠାରୁ ଲିଖିତ ଅନୁମତି ନେବାକୁ ପଡ଼ିବ । ପ୍ରକାଶଯୋଗ୍ୟ ଯେ ବିଧାନସଭା ପାଠାଗାରରେ ଅନେକ ଦୁର୍ଲଭ ପୁସ୍ତକ ଗଚ୍ଛିତ ଅଛି ଏବଂ ଗବେଷଣାମୂଳକ କାର୍ଯ୍ୟରେ ଏଗୁଡ଼ିକ ଉପଯୋଗିତା ଅନେକ କିଛି ଅଛି । ସଂପ୍ରତି ପାଠାଗାରକୁ ମଧ ଡିଜିଟାଇଜେସନ୍ କରିବା ପ୍ରକ୍ରିୟା ଆରମ୍ଭ ହୋଇଛି । ପୂର୍ବରୁ କେବଳ ବିଧାୟକ, ସାଂସଦ, ପୂର୍ବତନ ବିଧାୟକ, ପୂର୍ବତନ ସାଂସଦଙ୍କୁ ବିଧାନସଭା ପାଠାଗାର ଅନୁମତି ମିଳୁଥିବା ସ୍ଥଳେ ବର୍ତମାନ ତାହାକୁ ସର୍ବସାଧାରଣ ଉପଯୋଗୀ କରିବା ବାଚସ୍ପତିଙ୍କ ଐତିହାସିକ ନିଷ୍ପତ୍ତି ।

# ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗ : କରଞ୍ଜିଆ ବିଜୟୀ



ବାରିପଦା, ୦୮/୦୨ (ନି.ପ୍ର): ସ୍ଥାନୀୟ ବାରିପଦା ଷ୍ଟାଡିୟମ ପଡିଆରେ ଓସିଏ ଭିଜନ ୨୦୨୪ ଜିଲ୍ଲା ସ୍ତରୀୟ ଆନ୍ତଃ କ୍ଲବ କ୍ରିକେଟ ଲିଗର ଆଜିର ମ୍ୟାଚରେ କରଞ୍ଜିଆ କ୍ଲବ ଷ୍ଟେସନ ଏଥଲେଟିକ ଆସୋସିଏସନ କୁ ୭ ଉଇକେଟରେ ପରାସ୍ତ କରିଛି । ପ୍ରଥମେ ବ୍ୟାଟିଂ କରି ଷ୍ଟେସନ ଏଥଲେଟିକ ଆସୋସିଏସନ ୧୭ ଓଭରରେ ସମସ୍ତ ଉଇକେଟ ହରାଇ ୮୨ ରନ କରିଥିଲେ ଓ ଦଳ ପକ୍ଷରୁ ସୁରଜ ସାଗର ମହାରଣା ୨୨ ରନ କରିଥିଲେ ଓ ବିପକ୍ଷ ଦଳର ଅଭିଜିତ ପ୍ରସାଦ ଘଣା ୪ ଟି ଓ ଶ୍ରୀମନ୍ତ ସାହୁ ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଉତରରେ କରଞ୍ଜିଆ ଦଳ ୧୬.୩ ଓଭରରେ ୩ ଉଇକେଟ ହରାଇ ବିଜୟ ଲକ୍ଷ୍ୟ ହାସଲ କରିଥିଲେ । ଦଳ ପକ୍ଷରୁ ଶ୍ରୀମନ୍ତ ସାହୁ ୩୧ ରନ କରିଥିବା ବେଳେ ବିପକ୍ଷ ଦଳର ନିହାର ରଞ୍ଜନ ନାୟକ ୩ ଟି ଉଇକେଟ ଅକ୍ତିଆର କରିଥିଲେ । ଶ୍ରୀମନ୍ତ ସାହୁ ମ୍ୟାନ ଅଫ ଦି ମ୍ୟାଚ ବିବେଚିତ ହୋଇଛନ୍ତି । ଆଜିର ଖେଳକୁ ଦିଲ୍ଲୀପ ଦାସ ଓ ଅମିତାଭ ପଟ୍ଟନାୟକ ପରିଚାଳନା କରିଥିବା ବେଳେ ସମ୍ବିତ ମହାରଣା ସ୍କୋରିଙ୍ଗରେ ସହାୟତା କରିଥିଲେ । ଆଜିର ମ୍ୟାଚ ପୂର୍ବରୁ ପ୍ରଭାତ ନାୟକ, ଅକ୍ଷୟ ଦାସ, ସାଧାରଣ ସମ୍ପାଦକ ବିଜୟ କୁମାର ଦାସ, କ୍ରିକେଟ ସମ୍ପାଦକ ପ୍ରସଂଜିତ ମହାନ୍ତି ତଥା ଆସୋସିଏସନର ସହ ସମ୍ପାଦକ ବୈଦ୍ୟନାଥ ରଥ ଓ ଅମ୍ବିକା ରାଉତ ପ୍ରମୁଖ ଉପସ୍ଥିତ ରହି ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ ଓ ଆସନ୍ତା କାଲି ଡି ଆର କେ (ବି ) ଓ ଏମ ସି ଏ ମଧ୍ୟରେ ଖେଳ ହେବ ବୋଲି ସାଧାରଣ ସମ୍ପାଦକ ଶ୍ରୀ ଦାସଙ୍କ ଜଣାଇଛନ୍ତି ।

# ୨ନଂ. ଜୋନ୍‌ରେ ହାତ ଓ ଫୁଲର କଡ଼ା ଟକ୍କର

ନୀଳଗିରି, ୦୮/୦୨ (ନି.ପ୍ର): ନୀଳଗିରି ଉପଖଣ୍ଡର ଔପଦା ବ୍ଲକ ୨ନଂ. ଜୋନ୍‌ରେ ଜିଲ୍ଲାପରିଷଦ ଭାବେ ଶାସକଦଳ ଓ ବିରୋଧି ଦଳ ମଧ୍ୟରେ କଡ଼ା ମୁକାବିଲା ହେଉଥିଲା ବେଳେ ଆଜିର ସ୍ଥିତିରେ ଫୁଲର ବାସ୍ନାରେ ଏବେ ଶଙ୍ଖ ସ୍ୱର ବେସୁରିଆ ହେବାକୁ ଲାଗିଛି । ସୂଚନା ଅନୁସାରେ ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଦୁଇ ଇଟା ଭାଟି ମାଲିକଙ୍କ ପତ୍ନୀ ଜିଲ୍ଲା ପରିଷଦରେ ପ୍ରତିଦ୍ୱନ୍ଦିତା କରୁଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ଶ୍ରଦ୍ଧାଂଜଳି ଜେନା ଲଢୁଥିବା ବେଳେ ବିଜେପି ପକ୍ଷରୁ ଉଷାରାଣୀ ରାଉଳ ପ୍ରତିଦ୍ୱନ୍ଦିତା କରୁଛନ୍ତି । ଗତ ପଂଚାୟତ ନିର୍ବାଚନରେ ଶ୍ରଦ୍ଧାଂଜଳି ଜେନାଙ୍କ ସ୍ୱାମୀ ଶୁଭେନ୍ଦୁ ଶେଖର ଜେନା ବିଜେଡି ଜିଲ୍ଲା ପରିଷଦ ଭାବେ ନିର୍ବାଚିତ ହୋଇଥିଲେ । ବିଗତ ୫ବର୍ଷ ମଧ୍ୟରେ ଉକ୍ତ ଜୋନରେ ସେପରି କୌଣସି ଆଖିଦୃଶିଆ କାର୍ଯ୍ୟ କରି ନ ଥିବା ବେଳେ ଅଂଚଳବାସୀଙ୍କ ଠାରୁ ଶୁଣିବାକୁ ମିଳୁଛି । ଗତ ୫ବର୍ଷ ମଧ୍ୟରେ ଶ୍ରୀଯୁକ୍ତ ଜେନା ଜିତିଲା ପରେ ଜୋନ୍ ବାସୀଙ୍କର ସୁଖଦୁଃଖରେ ନ ଥିବା ବେଳେ ଚଳିତ ନିର୍ବାଚନରେ ତାଙ୍କର ସ୍ତ୍ରୀ ଜିଲ୍ଲାପରିଷଦ ପ୍ରାର୍ଥୀ ଭାବେ ନିର୍ବାଚନ ରଣାଙ୍ଗନରେ ଛିଡ଼ା ହୋଇଥିବା ବେଳେ ଭୋଟରଙ୍କୁ କିଭଳି ଆକୃଷ୍ଟ କରିବେ ତାହା ଆଗାମୀ ସମୟ କହିବ । ତେବେ ନବୀନବାବୁଙ୍କର ଲୋକାଭିମୁଖୀ କାର୍ଯ୍ୟକୁ ପାଥେୟ କରି ଶ୍ରୀମତୀ ଜେନା ନିର୍ବାଚନୀ ବୈତରଣୀ ପାରିହେବାକୁ ଆପ୍ରାଣ ଚେଷ୍ଟା କରୁଛନ୍ତି । ଅନ୍ୟପଟେ ବିରୋଧି ବିଜେପି ଦଳର ଜିଲ୍ଲାପରିଷଦ ପ୍ରାର୍ଥୀନୀ ଉଷାରାଣୀ ରାଉଳ ଗତ ୫ବର୍ଷ ଧରି ଶ୍ୟାମସୁନ୍ଦରପୁର ପଂଚାୟତରେ ସରପଂଚ ଭାବେ ଜିତି ପଂଚାୟତବାସୀଙ୍କ ସୁଖଦୁଃଖର ସାଥୀ ହୋଇ ବହୁ ଉନ୍ନୟନ ମୂଳକ କାର୍ଯ୍ୟ କରିଥିଲେ । ଚଳିତ ନିର୍ବାଚନରେ ପଦ୍ମଫୁଲ ଚିହ୍ନରୁ ଲଢୁଥିବା ବେଳେ ନିଜର ମିଷ୍ଟଭାଷୀ , ସୌହାର୍ଦ୍ଦ୍ୟପୂର୍ଣ୍ଣ ବ୍ୟବହାର, ପରୋପକାରୀ ମନୋଭାବ ଭୋଟରଙ୍କୁ ମନ ଜିଣିପାରିଛି। ତେବେ ଆଜିର ଦିନରେ ଫୁଲର ପାଲା ଭାରି ରହିଥିଲା ବେଳେ ଶଙ୍ଖର ସ୍ୱର ବେସୁରା ହେବାକୁ ଲାଗିଛି ବୋଲି ଶୁଣିବାକୁ ମିଳୁଛି । ତେବେ ଏଇ ଦୁଇ ପ୍ରାର୍ଥୀନୀଙ୍କର ସ୍ୱାମୀମାନଙ୍କର ଇଟାଭାଟି ଥିବାବେଳେ ବେଆଇନ ଇଟାଭାଟିର ଅର୍ଥ କାହାକୁ ଜିତାଇବ ନିର୍ବାଚନ ଫଳାଫଳକୁ ଅନାଇ ବସିଛନ୍ତି ଜୋନ ବାସୀ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo